# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-315 ♦THURSDAY ♦14 MAY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୧୫ ♦ଗୁରୁବାର ♦୧୪ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ହକି ଇଣ୍ଡିଆ ଉପରେ ଶ୍ରୀଜେସଙ୍କ କ୍ଷୋଭ

▶ପୃଷ୍ଠା ୧୨ ଦେଖନ୍ତୁ...







ସକାଳ THE SAKALA
www.sakalaepaper.com

# ସିବିଏସ୍ଇ ଦ୍ୱାଦଶରେ ପାସ୍ ହାର ୮୫.୨୦%

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଘୋଷଣା କରିଛି। ଛାତ୍ରଛାତ୍ରୀମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ ସମେତ ଡିଜିଲକର ଏବଂ ଉମଙ୍ଗ ଆପ୍ ମାଧ୍ୟମରେ ନିଜର ସ୍କୋରକାର୍ଡ ଦେଖିପାରୁଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ପକ୍ଷରୁ ୨୦୨୬ ବର୍ଷର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ



## ପୁଣି ବାଜି ମାରିଲେ ଛାତ୍ରୀ

ପ୍ରାୟ ୧୮ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବା ବେଳେ ପାସ୍ ହାରରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ଚଳିତ ବର୍ଷର ପରୀକ୍ଷା ଫଳ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଗଲା। ଚଳିତ ବର୍ଷ ସର୍ବମୋଟ ପାସ୍ ହାର ୮୫.୨୦% ରହିଛି, ଯାହା ଗତବର୍ଷ (୮୮.୩୯%) ତୁଳନାରେ କମ୍। ପୁଣିଥରେ ପୁଅମାନଙ୍କୁ ପଛରେ ପକାଇ ଝିଅମାନେ ଭଲ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୮.୮୬% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୨.୧୩% ରହିଛି। ତିରୁବନନ୍ତପୁରମ୍ ୯୫.୬୨% ପାସ୍ ହାର ସହ ଦେଶର ସବୁଠାରୁ ସଫଳ ଜୋନ୍ ଭାବେ ଉଭା ହୋଇଛି। ଅପରପକ୍ଷରେ ପ୍ରୟାଗରାଜରେ ସବୁଠାରୁ କମ୍ (୭୨.୪୩%) ପାସ୍ ହାର ରେକର୍ଡ କରାଯାଇଛି। ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏବେ ଉଚ୍ଚଶିକ୍ଷା ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ପାସ୍ ହାର ସାମାନ୍ୟ କମିଥିଲେ ହେଁ, ଡିଜିଟାଲ୍ ମାଧ୍ୟମରେ ତୁରନ୍ତ ସ୍କୋରକାର୍ଡ ଉପଲବ୍ଧ ହେଉଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଅକୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପରବର୍ତ୍ତୀ ସମୟରେ କମ୍ପାର୍ଟମେଣ୍ଟାଲ୍ ପରୀକ୍ଷା ସୁଯୋଗ ଦେବ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ଖୋଲୁଛି ଗୁମର

# ପିଲାଙ୍କ ଭବିଷ୍ୟତ ସହ ଖେଳ!




ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଦେଶର ଡାକ୍ତରୀ ପ୍ରବେଶିକା ପରୀକ୍ଷା 'ନିଟ୍' (ନିଟ-ୟୁଜି) କୁ ନେଇ ପୁଣି ଥରେ ବିବାଦର ନାଗଫାଶ ସାରା ଦେଶକୁ ଆନ୍ଦୋଳିତ କରିଛି। ବିଶେଷ କରି ରାଜସ୍ଥାନର ସିକର ଜିଲ୍ଲା ଏବେ ଏହି ପ୍ରଶ୍ନପତ୍ର ଲିକ ଘଟଣାର ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି। ଯେଉଁ ସହର ଦିନେ 'ମିନି କୋଟା' ଭାବେ ନିଜର ଶୈକ୍ଷିକ ପରିଚୟ ସୃଷ୍ଟି କରିବାକୁ ପ୍ରୟାସ କରୁଥିଲା, ଆଜି ତାହା ପରୀକ୍ଷା ଜାଲିଆତି ଏବଂ ମାଫିଆ ଶାସନର କଳାବାଦଲ ତଳେ ଛନ୍ଦି ହୋଇପଡ଼ିଛି।

୨୦୨୬ ନିଟ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା ପରେ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ମଇ ୩ ତାରିଖର ପରୀକ୍ଷାକୁ ବାତିଲ କରିଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଘଟଣାର ତଦନ୍ତ ଭାର ଗ୍ରହଣ କରିଥିବାବେଳେ ରାଜସ୍ଥାନ ପୁଲିସର ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ (ଏସ୍‌ଓଜି) ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛି। ତଦନ୍ତ ଅନୁଯାୟୀ, ଏହି ପ୍ରଶ୍ନପତ୍ର ପ୍ରଥମେ କେରଳରେ ପଢୁଥିବା ଜଣେ ମେଡିକାଲ ଛାତ୍ରଙ୍କ ମାଧ୍ୟମରେ ସିକରର ଏକ ପରାମର୍ଶଦାତା କେନ୍ଦ୍ରକୁ ଆସିଥିଲା। ପରବର୍ତ୍ତୀ ସମୟରେ ଏହାକୁ ୩୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରାଯାଇଥିଲା।

ସିକର ସହର ପୂର୍ବରୁ ମଧ୍ୟ ଅନେକ ଥର ବିବାଦ ଘେରକୁ ଆସିଛି। ୨୦୨୪ ମସିହା ନିଟ୍ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଜଣାପଡ଼ିଥିଲା ଯେ, ସାରା ଦେଶର ଶ୍ରେଷ୍ଠ ୫୦ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩୭ଟି କେବଳ ସିକରରେ ଥିଲା। କେବଳ ସେତିକି ନୁହେଁ, ୨୦୨୧ର ଶିକ୍ଷକ ନିଯୁକ୍ତି ପରୀକ୍ଷା (ଆରଇଇଟି), ପଟୁଆରୀ ନିଯୁକ୍ତି ଏବଂ ସେନା ନିଯୁକ୍ତି ପରୀକ୍ଷାରେ ମଧ୍ୟ ସିକରର କୋଚିଂ ସେଣ୍ଟରଗୁଡ଼ିକର ସମ୍ପୃକ୍ତି ଥିବା ପ୍ରମାଣ ମିଳିଥିଲା।

### ସନ୍ଦେହର କେନ୍ଦ୍ରରେ ସିକର କୋଚିଂ ସାମ୍ରାଜ୍ୟ

ସିକର ଏବେ କୋଟା ସହର ସହିତ ସିଧାସଳଖ ପ୍ରତିଯୋଗିତା କରୁଛି। ନିଜର ସଂସ୍ଥାକୁ ଶ୍ରେଷ୍ଠ ପ୍ରମାଣିତ କରିବା ପାଇଁ ଏବଂ ଅଧିକରୁ ଅଧିକ ଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ କିଛି କୋଚିଂ ସଂସ୍ଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। କୁହାଯାଉଛି ଯେ, ପରୀକ୍ଷାର କିଛି ଦିନ ପୂର୍ବରୁ ପିଲାମାନଙ୍କୁ 'ସମ୍ଭାବ୍ୟ ପ୍ରଶ୍ନପତ୍ର' ନାମରେ ପ୍ରକୃତ ପ୍ରଶ୍ନପତ୍ରର ଅଭ୍ୟାସ କରାଯାଉଥିଲା। ଚଳିତ ବର୍ଷ ମଧ୍ୟ ପାଖାପାଖି ୧୩୫ରୁ ଅଧିକ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ମେଳ ଖାଇଥିବା ଜଣାପଡ଼ିଛି। ସିକରର ଶିକ୍ଷା ବ୍ୟବସାୟ ଏବେ ରାଜନୈତିକ ସୁରକ୍ଷା ବଳୟ ମଧ୍ୟରେ ରହିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କୋଚିଂ ସଂସ୍ଥାର ମାଲିକମାନେ ସ୍ଥାନୀୟ ନିର୍ବାଚନରେ ପାଣ୍ଠି ଯୋଗାଇବା ସହ ନିଜର ପ୍ରଭାବ ବ୍ୟବହାର କରି ପୂର୍ବରୁ ହୋଇଥିବା ତଦନ୍ତଗୁଡ଼ିକୁ ଚାପି ଦେଇଥିଲେ। ଯଦି ୨୦୨୪ରେ ପ୍ରଶାସନ କଠୋର ପଦକ୍ଷେପ ନେଇଥାନ୍ତା, ତେବେ ହୁଏତ ୨୦୨୬ରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇନଥାନ୍ତା। ଭାରତର ପ୍ରତିଯୋଗିତାମୂଳକ ପରୀକ୍ଷା ବ୍ୟବସ୍ଥାରେ 'ସିକର' ଏବେ ଏକ ବଡ଼ ପ୍ରଶ୍ନବାଚୀ ଭାବେ ଛିଡ଼ା ହୋଇଛି। ମେଧାବୀ ଛାତ୍ରଙ୍କ ପରିଶ୍ରମକୁ ଅର୍ଥ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ କିପରି ହରିଲୁଟ୍ କରୁଛନ୍ତି, ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। କେବଳ ପରୀକ୍ଷା ବାତିଲ କରିବା ସମସ୍ୟାର ସମାଧାନ ନୁହେଁ, ବରଂ ଏହି ଜାଲିଆତି ପଛରେ ଥିବା ମୁଖ୍ୟ ନାୟକମାନଙ୍କୁ କଠୋର ଦଣ୍ଡ ପ୍ରଦାନ କରାଗଲେ ଯାଇ ଦେଶର ଛାତ୍ର ସମାଜର ବିଶ୍ୱାସ ଫେରିପାରିବ।

# ଚୀନ ମଡେଲ ଗ୍ରହଣ କରୁ ଏନ୍‌ଟିଏ

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଭାରତରେ ନିଟ୍-ୟୁଜି ୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦରେ ଛନ୍ଦି ହୋଇଥିବା ବେଳେ ଚୀନ୍‌ର ଜାତୀୟ ପ୍ରବେଶିକା ପରୀକ୍ଷା 'ଗାଓକାଓ'ର ସୁରକ୍ଷା ବ୍ୟବସ୍ଥା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାୟ ୧.୩ କୋଟିରୁ ଅଧିକ ପରୀକ୍ଷାର୍ଥୀଙ୍କ ପାଇଁ ଆୟୋଜିତ ଏହି ବିଶାଳ ପରୀକ୍ଷାକୁ କିଭଳି ନିରାପଦ ରଖାଯାଏ, ତାହା ଭାରତ ପାଇଁ ଏକ ଦୃଷ୍ଟାନ୍ତ। ଭାରତ ମଧ୍ୟ ଏହାଠାରୁ ଶିକ୍ଷା କରିବାର ଆବଶ୍ୟକତା ରହିଛି। ଚୀନ୍‌ରେ ଗାଓକାଓ ପରୀକ୍ଷା ପ୍ରଶ୍ନପତ୍ରକୁ 'ରାଜ୍ୟ ଗୋପନୀୟ' (ଷ୍ଟେଟ୍ ସିକ୍ରେଟ୍) ଭାବେ ଗଣ୍ୟ କରାଯାଏ। ଏହାର ସୁରକ୍ଷା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇଥାଏ।

### ଚୀନ୍‌ର 'ଗାଓକାଓ' ପରୀକ୍ଷା: ନିଟ୍ ପାଇଁ ଏକ ଶିକ୍ଷଣୀୟ ମଡେଲ୍

ସାମରିକ ସୁରକ୍ଷା: ପ୍ରଶ୍ନପତ୍ରଗୁଡ଼ିକୁ ସଶସ୍ତ୍ର ପୁଲିସ ଓ ଜି.ପି.ଏସ୍. ଟ୍ରାକିଂ ମାଧ୍ୟମରେ ପରିବହନ କରାଯାଏ।

ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା: ପରୀକ୍ଷା କେନ୍ଦ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଡ୍ରୋନ୍, ଫେସିଆଲ୍ ରେକୋଗ୍ନିସନ୍ ଏବଂ ଆଇରିସ୍ ସ୍କାନର୍ ବ୍ୟବହାର କରାଯାଏ।

କଠୋର ନିୟମ: ପରୀକ୍ଷା ସମୟରେ କେନ୍ଦ୍ର ଚାରିପାଖରେ ଗାଡ଼ିର ହର୍ଣ୍ଣ ବଜାଇବା ଏବଂ ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଯାଏ। ଏପରିକି ଶବ୍ଦ ପ୍ରଦୂଷଣ ରୋକିବାକୁ ବିମାନର ଗତିପଥ ମଧ୍ୟ ବଦଳାଇ ଦିଆଯାଏ।

ଜେଲ୍ ଦଣ୍ଡ: ପରୀକ୍ଷାରେ ଜାଲିଆତି କିମ୍ବା ଚୋରି କଲେ ଅଭିଯୁକ୍ତଙ୍କୁ ୩ରୁ ୭ ବର୍ଷ ପର୍ଯ୍ୟନ୍ତ କଠୋର କାରାଦଣ୍ଡ ଭୋଗିବାକୁ ପଡେ। ସୁପର ୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କ ଭଳି ଶିକ୍ଷାବିତ୍‌ମାନେ ଭାରତରେ ମଧ୍ୟ ଚୀନ୍ ଭଳି କଠୋର ଆଇନ ଓ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ପରାମର୍ଶ ଦେଇଛନ୍ତି। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଏଭଳି ବୈଷୟିକ ଏବଂ ଆଇନଗତ ସଂସ୍କାର ଜରୁରୀ ଅଟେ।




# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ବିଜେପି ନେତା ଗିରଫ

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ବଡ଼ ଖୁଲାସା ହୋଇଛି। ଏହି ଘଟଣାରେ ସିବିଆଇ ଆଜି ଜଣେ ବିଜେପି ନେତାଙ୍କୁ ଗିରଫ କରିଛି। ଏହାକୁ ନେଇ ରାଜସ୍ଥାନ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ଗିରଫ ହୋଇଥିବା ବିଜେପିର ଏହି ଯୁବ ନେତା ହେଉଛନ୍ତି ଦିନେଶ ବିନୱାଲ। ତାଙ୍କ ସହିତ ତାଙ୍କର ଭାଇ ମାଙ୍ଗିଲାଲ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ରାଜସ୍ଥାନର ଜୟପୁରରୁ ଗିରଫ କରାଯିବା ପରେ ସେମାନଙ୍କୁ ଦିଲ୍ଲୀ ଅଣାଯାଇଛି। ସିବିଆଇ ସୂତ୍ରରୁ ପ୍ରକାଶ ଯେ ଏହି ଦୁଇ ଭାଇ ଗୁରୁଗ୍ରାମର ଜଣେ ଡାକ୍ତରଙ୍କଠାରୁ ୩୦ ଲକ୍ଷ ଟଙ୍କାରେ ନିଟ୍ ପ୍ରଶ୍ନପତ୍ର କିଣିବା ପରେ ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ଦୁଇ ଭାଇ ପରୀକ୍ଷାର ଏକ ସପ୍ତାହ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୨୬ରୁ ୨୭ ତାରିଖ ମଧ୍ୟରେ ଗୁରୁଗ୍ରାମର ଜଣେ ଡାକ୍ତରଙ୍କଠାରୁ ପ୍ରଶ୍ନପତ୍ର ହାସଲ କରିଥିଲେ। ଏହି ପ୍ରଶ୍ନପତ୍ର ପରେ ସିକରର ଜଣେ ଏମ୍‌ବିବିଏସ୍ କାଉନସେଲିଂ ଏଜେଣ୍ଟ ରାକେଶ ମାଣ୍ଡାୱାରିଆଙ୍କୁ ବିକ୍ରି କରାଯାଇଥିଲା। ରାକେଶ ଏହାକୁ ପାଖାପାଖି ୭୦୦ ଛାତ୍ରଛାତ୍ରୀଙ୍କୁ ବାଣ୍ଟିଥିବା ଅଭିଯୋଗ ହୋଇଛି। ଏହି ଚେନ୍ ମାଧ୍ୟମରେ ପ୍ରଶ୍ନପତ୍ରଟି ସିକରର ଏକ ପେଇଂ ଗେଷ୍ଟ (ପିଜି) ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତ ଅନୁସାରେ, ନାସିକର ଏକ ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇ ଗୁରୁଗ୍ରାମର ଡାକ୍ତରଙ୍କ ପାଖକୁ ଆସିଥିବା ସନ୍ଦେହ କରାଯାଉଛି। କୁହାଯାଉଛି ଯେ ଦିନେଶ ଏହି ପ୍ରଶ୍ନପତ୍ର ପ୍ରଥମେ ତାଙ୍କ ପୁତ୍ରକୁ ଦେଇଥିଲେ। ଏହାପରେ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ତାଙ୍କ ପୁଅ ନିଟ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଘଟଣା ପ୍ରଘଟ ହେବାପରେ ତାଙ୍କ ପୁଅ ଫେରାର ହୋଇଯାଇଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର୍ ରୁଜୁ କରି ତଦନ୍ତ କରୁଛି। ଏହି ପ୍ରଶ୍ନପତ୍ର ଲିକ୍ ଘଟଣା ଏବେ ଏକ ଆନ୍ତଃରାଜ୍ୟ ଦୁର୍ନୀତିର ରୂପ ନେଇଛି। ପରୀକ୍ଷା ବାତିଲ ହେବା ଫଳରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସିବିଆଇ ଏବେ ଏହି ଲିକର ମୂଳ ଉତ୍ସ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ମୁଲାୟମଙ୍କ ସାନ ପୁଅ ପ୍ରତୀକଙ୍କ ଆକସ୍ମିକ ମୃତ୍ୟୁ

ଲକ୍ଷ୍ନୌ, ୧୩।୫(ଏଜେନ୍ସି): ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ସ୍ୱର୍ଗତ ମୁଲାୟମ ସିଂ ଯାଦବଙ୍କ କନିଷ୍ଠ ପୁତ୍ର ପ୍ରତୀକ ଯାଦବଙ୍କର ଆଜି ପରଲୋକ ଘଟିଛି। ମାତ୍ର ୩୮ ବର୍ଷ ବୟସରେ ତାଙ୍କର ଏହି ଆକସ୍ମିକ ବିୟୋଗ ଯାଦବ ପରିବାର ତଥା ସମଗ୍ର ରାଜ୍ୟରେ ଶୋକର ଲହରୀ ଖେଳାଇ ଦେଇଛି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସାନଭାଇ ଏବଂ ବିଜେପି ନେତ୍ରୀ ଅପର୍ଣ୍ଣା ଯାଦବଙ୍କ ସ୍ୱାମୀ ଥିଲେ। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୬:୧୫ ମିନିଟ୍ ସମୟରେ ପରିବାର ଲୋକେ ତାଙ୍କୁ ଲକ୍ଷ୍ନୌ ସିଭିଲ୍ ହସ୍ପିଟାଲକୁ ଆଣିଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତୀକ ଦୀର୍ଘ ଦିନ ଧରି ଫୁସଫୁସ ଜନିତ ସମସ୍ୟାରେ ପୀଡ଼ିତ ଥିଲେ ଏବଂ ତାଙ୍କ ଫୁସଫୁସରେ ରକ୍ତ ଜମାଟ ବାନ୍ଧିବା କାରଣରୁ ଚିକିତ୍ସାଧୀନ ଥିଲେ। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ କିଙ୍ଗ ଜର୍ଜ ମେଡିକାଲ ବିଶ୍ୱବିଦ୍ୟାଳୟର ଡାକ୍ତରୀ ଦଳ ଶବ ବ୍ୟବଚ୍ଛେଦ କରିବେ। ମୁଲାୟମ ସିଂ ଯାଦବ ଏବଂ ତାଙ୍କ ଦ୍ୱିତୀୟ ପତ୍ନୀ ସାଧନା ଯାଦବଙ୍କ ପୁତ୍ର ପ୍ରତୀକ ରାଜନୀତିଠାରୁ ସବୁବେଳେ ଦୂରରେ ରହୁଥିଲେ। ୨୦୧୧ ମସିହାରେ ପ୍ରତୀକ ଓ ଅପର୍ଣ୍ଣା ଯାଦବ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ଯଦିଓ ସେମାନଙ୍କ ବୈବାହିକ ଜୀବନରେ କିଛି ସମୟ ପାଇଁ ତିକ୍ତତା ଦେଖାଦେଇଥିଲା, ମାତ୍ର ସେମାନେ ଏକାଠି ରହୁଥିଲେ। ପ୍ରତୀକ ଲ୍ୟାମ୍ବୋର୍ଗିନି ଭଳି ଦାମୀ କାର୍ ସୌକି ପାଇଁ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହୁଥିଲେ।



# ଟ୍ରମ୍ପଙ୍କ ଚୀନ ଗସ୍ତକୁ ନେଇ ଚର୍ଚ୍ଚା



ବେଜିଂ, ୧୩।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଚୀନ୍‌ର ରାଜଧାନୀ ବେଜିଂରେ ପହଞ୍ଚିଛନ୍ତି। ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବଢୁଥିବା ତିକ୍ତତାକୁ ହ୍ରାସ କରିବା ଏବଂ ସମ୍ପର୍କକୁ ସ୍ଥିର କରିବା ଲକ୍ଷ୍ୟରେ ଏହି ୩ ଦିନିଆ ଉଚ୍ଚସ୍ତରୀୟ ସମ୍ମିଳନୀ ଆୟୋଜିତ ହେଉଛି। ପ୍ରାୟ ଏକ ଦଶନ୍ଧି ପରେ ଜଣେ କାର୍ଯ୍ୟରତ ଆମେରିକା ରାଷ୍ଟ୍ରପତିଙ୍କର ଏହା ପ୍ରଥମ ଚୀନ୍ ଗସ୍ତ ହୋଇଥିବାରୁ ଏନେଇ ବେଶ୍ ଚର୍ଚ୍ଚା ଲାଗିରହିଛି। ଟ୍ରମ୍ପଙ୍କ ସହ ଏହି ଗସ୍ତରେ ଏଲନ୍ ମସ୍କ, ଟିମ୍ କୁକ୍ ଏବଂ ଏନଭିଡିଆର ସିଇଓ ଜେନସେନ୍ ହୁଆଙ୍ଗଙ୍କ ଭଳି ପ୍ରମୁଖ ଆମେରିକୀୟ ବ୍ୟବସାୟିକ ନେତାମାନେ ସାମିଲ ଅଛନ୍ତି। ବେଜିଂ ବିମାନବନ୍ଦରରେ ଚୀନ୍‌ର ଉପ-ରାଷ୍ଟ୍ରପତି ହାନ ଜେଙ୍ଗ ଟ୍ରମ୍ପଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।

ଏହି ଗସ୍ତର ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓଙ୍କ ଉପସ୍ଥିତି। ରୁବିଓ ପୂର୍ବରୁ ଚୀନ୍ ଦ୍ୱାରା ଦୁଇ ଥର ପ୍ରତିବନ୍ଧିତ ହୋଇଥିଲେ ମଧ୍ୟ ବେଜିଂ କର୍ତ୍ତୃପକ୍ଷ ତାଙ୍କ ନାମର ଚୀନ୍ ଅନୁବାଦରେ ସାମାନ୍ୟ ପରିବର୍ତ୍ତନ କରି ତାଙ୍କ ପ୍ରବେଶକୁ ଅନୁମତି ଦେଇଥିବା ଜଣାପଡ଼ିଛି। ସେପଟେ ସମ୍ମିଳନୀ ପୂର୍ବରୁ ବେଜିଂ ତାଇୱାନ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କଠୋର କରିଛି। ଚୀନ୍‌ର ତାଇୱାନ ବ୍ୟାପାର କାର୍ଯ୍ୟାଳୟର ମୁଖପାତ୍ର ଝାଙ୍ଗ ହାନ କହିଛନ୍ତି ଯେ, ତାଇୱାନ ପ୍ରସଙ୍ଗ ଚୀନ୍‌ର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଏଥିରେ କୌଣସି ବାହ୍ୟ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ଆମେରିକା ଦ୍ୱାରା ତାଇୱାନକୁ ଦିଆଯାଉଥିବା ୧୪ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରୟକୁ ମଧ୍ୟ ଚୀନ୍ ଦୃଢ଼ ବିରୋଧ କରିଛି। ଆମେରିକା-ଚୀନର ଏହି ହାଇପ୍ରୋଫାଇଲ ସମ୍ମିଳନୀରେ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ ସଙ୍କଟ ଆଲୋଚନାର ଏକ ପ୍ରମୁଖ ଅଂଶ ହେବ ବୋଲି କୁହାଯାଉଛି। ତେବେ ଟ୍ରମ୍ପ ଆମେରିକା ଛାଡ଼ିବା ବେଳେ ଇରାନ ସହିତ ବିବାଦ ସମାପ୍ତ କରିବା ପାଇଁ ଚୀନ୍‌ର ସାହାଯ୍ୟ ଉପରେ ନିର୍ଭରଶୀଳ ନୁହନ୍ତି ବୋଲି କହିଛନ୍ତି। କିନ୍ତୁ ଯୁଦ୍ଧ ଜନିତ ସଙ୍କଟ ଛାଇ ରହିଥିବା ବେଳେ ବିଶ୍ୱର ଦୁଇ ମହାଶକ୍ତି ମଧ୍ୟରେ ଆଲୋଚନା ଶାନ୍ତି ଦିଗରେ ଆଶା ସୃଷ୍ଟି କରିଛି।

## ଭେନେଜୁଏଲାକୁ ଆମେରିକାର '୫୧ତମ ରାଜ୍ୟ' କହିଲେ ଟ୍ରମ୍ପ

ୱାସିଂଟନ୍/କାରାକାସ୍, ୧୩।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ବଡ଼ ଅନ୍ତର୍ଜାତୀୟ ବିବାଦ ସୃଷ୍ଟି କରିଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ଗ୍ରାଫିକ୍ସ ସେୟାର କରି ସେ ଭେନେଜୁଏଲାକୁ ଆମେରିକାର '୫୧ତମ ରାଜ୍ୟ' ଭାବେ ଦର୍ଶାଇଛନ୍ତି। ଚୀନ୍ ଗସ୍ତ ସମୟରେ ଟ୍ରମ୍ପଙ୍କ ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରିଛି। ପୂର୍ବରୁ ଫକ୍ସ ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ଭେନେଜୁଏଲାରେ ଥିବା ପ୍ରଚୁର ତୈଳ ସମ୍ପଦ ଯୋଗୁଁ ସେ ଏହି ଦେଶକୁ ଆମେରିକାରେ ସାମିଲ କରିବାକୁ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜ୍ ଏହାକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଭେନେଜୁଏଲା ଏକ ମୁକ୍ତ ରାଷ୍ଟ୍ର, କୌଣସି ଦେଶର ଉପନିବେଶ ନୁହେଁ। ନିଜ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତା ସହ କୌଣସି ବୁଝାମଣା କରାଯିବ ନାହିଁ। ଏହି ରାଜନୈତିକ ତିକ୍ତତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଅପରେସନ୍ ସଫଳ ହୋଇଛି। ଆମେରିକା, ବ୍ରିଟେନ ଏବଂ ଭେନେଜୁଏଲା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଭେନେଜୁଏଲାରୁ ୧୩.୫ କିଲୋଗ୍ରାମ ସମୃଦ୍ଧ ୟୁରାନିୟମକୁ ସୁରକ୍ଷିତ ଭାବେ ଉତ୍ତର ଆମେରିକା ସ୍ଥାନାନ୍ତର କରାଯାଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ଏହାକୁ ଏକ ବଡ଼ ସଫଳତା ବୋଲି କହିଛି।



# ମଣିପୁର ପୁଣି ଅଶାନ୍ତ

## ୩ ଚର୍ଚ୍ଚ ନେତାଙ୍କୁ ଗୁଳି କରି ହତ୍ୟା

ଇମ୍ଫାଲ, ୧୩।୫(ଏଜେନ୍ସି): ମଣିପୁରର କାଙ୍ଗପୋକପି ଜିଲ୍ଲାରେ ବୁଧବାର ଦିନ ଏକ ସାଂଘାତିକ ଘଟଣା ଘଟିଛି। ଅଜ୍ଞାତ ସଶସ୍ତ୍ର ଦୁର୍ବୃତ୍ତଙ୍କ ଆକ୍ରମଣରେ 'ଥାଡୋ ବାପ୍ଟିଷ୍ଟ ଆସୋସିଏସନ' (ଟିବିଏ) ର ୩ ଜଣ ଚର୍ଚ୍ଚ ନେତା ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍ତେଜନା ପ୍ରକାଶ ପାଇଛି। ଟିବିଏ ନେତାମାନେ ଚୁରାଚାନ୍ଦପୁର ଜିଲ୍ଲାର ଲାମକାଠାରେ ଆୟୋଜିତ ଏକ ସମ୍ମିଳନୀରୁ ଦୁଇଟି ଗାଡ଼ିରେ ଫେରୁଥିଲେ। କୋଟଜିମ୍ ଏବଂ କୋଟଲେନ୍ ମଧ୍ୟରେ ଦୁର୍ବୃତ୍ତମାନେ ସେମାନଙ୍କୁ ଗରିଲା ଆକ୍ରମଣ କରିବା ସହ ଅତର୍କିତ ଗୁଳିଚାଳନା କରିଥିଲେ। ମୃତକଙ୍କ ମଧ୍ୟରେ ମଣିପୁର ବାପ୍ଟିଷ୍ଟ କନଭେନସନର ପୂର୍ବତନ ସାଧାରଣ ସମ୍ପାଦକ ରେଭରେଣ୍ଡ ଭି. ସିତଲହୁ, ରେଭରେଣ୍ଡ ଭି. କାଇଗୌଲୁନ୍ ଏବଂ ପାଷ୍ଟର ପାଓଗୌଲେନ୍ ସାମିଲ ଅଛନ୍ତି। ଆହତ ୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ହତ୍ୟାକାଣ୍ଡ ପ୍ରତିବାଦରେ କ୍ରୋଧିତ ଲୋକମାନେ କାଙ୍ଗପୋକପିଠାରେ ଜାତୀୟ ରାଜପଥ-୨କୁ ପଥର ଓ କାଠ ପକାଇ ଅବରୋଧ କରିଛନ୍ତି। ଏହି ରାସ୍ତା ମଣିପୁରକୁ ନାଗାଲାଣ୍ଡ ସହ ଯୋଡୁଥିବା ମୁଖ୍ୟ ପରିବହନ ମାର୍ଗ। କୁକି ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (କେଏସ୍‌ଓ) ଏହି ଘଟଣାକୁ ନିନ୍ଦା କରିବା ସହ ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜରୁରୀକାଳୀନ ବନ୍ଦ ଘୋଷଣା କରିଛି। କେବଳ ମେଡିକାଲ, ପ୍ରେସ୍ ଏବଂ ବିଦ୍ୟୁତ ସେବାକୁ ଏହି ବନ୍ଦରୁ ମୁକ୍ତ ରଖାଯାଇଛି।

# ଆଜି ଫିଟିପାରେ କେରଳ ଭାଗ୍ୟ

## ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିବ କଂଗ୍ରେସ

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): କେରଳରେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ? ଏହାକୁ ନେଇ ଗତ ୧୦ ଦିନ ଧରି କଂଗ୍ରେସ ଭିତରେ ଟଣାଓଟରା ଚାଲିଥିଲା। ଅନେକ ନେତା ଏହି ପଦ ଲାଗି ଦୃଢ଼ ଦାବିଦାର ଥିବାରୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ହାଇକମାଣ୍ଡଙ୍କ ପାଇଁ କଠିନ ବ୍ୟାପାର ଥିଲା। ଶେଷରେ ଆଜି ଏସଂପର୍କରେ ନିଷ୍ପତ୍ତି ହୋଇସାରିଛି। ଆସନ୍ତାକାଲି ନେତାଙ୍କ ନାମ ଘୋଷଣା କରାଯିବ। ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମଧ୍ୟରେ ୪୦ ମିନିଟରୁ ଅଧିକ ସମୟ ଧରି କଥାବାର୍ତ୍ତା ପରେ ମୁଖ୍ୟମନ୍ତ୍ରୀ ହେବାକୁ ଥିବା ନେତାଙ୍କ ନାମରେ ମୋହର ବାଜିଛି। ଆଜି ରାତିରେ ଏହି ସୂଚନା ଦେଇଛନ୍ତି କଂଗ୍ରେସ ନେତା ଜୟରାମ ରମେଶ। ଖଡ଼ଗେଙ୍କ ସହିତ ଆଲୋଚନା ପୂର୍ବରୁ ସୋନିଆ ଗାନ୍ଧୀଙ୍କ ବାସଭବନରେ କେରଳର ଅନେକ ବରିଷ୍ଠ ନେତାଙ୍କୁ ଡାକି ସେମାନଙ୍କର ମତାମତ ନେଇଥିଲେ ରାହୁଲ ଗାନ୍ଧୀ। ଏଥିରେ କେରଳ କଂଗ୍ରେସର ଅନେକ ପୂର୍ବତନ ସଭାପତି ମଧ୍ୟ ଥିଲେ। ବରିଷ୍ଠ କଂଗ୍ରେସ ନେତା ବେଣୁଗୋପାଳ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବଢ଼ିଲା



ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): କେନ୍ଦ୍ର ସରକାର ବୁଧବାର ଦ୍ୱିତୀୟ ଥର ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ଶ୍ରୀ ସୁଦ ମେ ୨୦୨୭ ପର୍ଯ୍ୟନ୍ତ ସଂସ୍ଥାର ମୁଖ୍ୟ ଭାବେ କାର୍ଯ୍ୟ ଜାରି ରଖିବେ। ୧୯୮୬ ବ୍ୟାଚର କର୍ଣ୍ଣାଟକ କ୍ୟାଡର ଆଇପିଏସ ଅଫିସର ପ୍ରବୀଣ ସୁଦଙ୍କ ମୂଳ କାର୍ଯ୍ୟକାଳ ୨୦୨୬ ମେ ୨୪ରେ ଶେଷ ହେବାର ଥିଲା। ତାଙ୍କ ଅବସର ପୂର୍ବରୁ କ୍ୟାବିନେଟ୍ ନିଯୁକ୍ତି କମିଟି (ଏସିସି) ଏହି ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟିର ସୁପାରିସ କ୍ରମେ ସୁଦଙ୍କ କାର୍ଯ୍ୟକାଳ ବଢ଼ାଯାଇଛି। ସେ ଏବେ ଆଉ ବର୍ଷେ ପାଇଁ ଏହି ଦାୟିତ୍ୱ ତୁଲାଇବେ। ୨୦୨୩ ମେ'ରେ ସେ ସିବିଆଇ ନିର୍ଦ୍ଦେଶକ ଭାବେ ଦୁଇ ବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। ଗତବର୍ଷ ମଧ୍ୟ ତାଙ୍କୁ ଏକ ବର୍ଷର କାର୍ଯ୍ୟକାଳ ବୃଦ୍ଧି ମିଳିଥିଲା। ସିବିଆଇ ମୁଖ୍ୟ ଭାବେ ନିଯୁକ୍ତ ହେବା ପୂର୍ବରୁ କର୍ଣ୍ଣାଟକର ଡିଜିପି ଭାବେ କାର୍ଯ୍ୟ କରୁଥିଲେ।



## ଚୟନ ପ୍ରକ୍ରିୟାକୁ ନେଇ ରାହୁଲଙ୍କ ଆପତ୍ତି

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ସିବିଆଇ'ର ନୂତନ ନିର୍ଦ୍ଦେଶକ ଚୟନ ପାଇଁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏକ ଅସମ୍ମତି ପତ୍ର (ଡିସେଣ୍ଟ ନୋଟ୍) ଦାଖଲ କରିଛନ୍ତି। ପୂରା ଚୟନ ପ୍ରକ୍ରିୟା ପାତରଅନ୍ତର ଏବଂ ସାମ୍ବିଧାନିକ ବ୍ୟବସ୍ଥାର ପରିହାସ ବୋଲି ସେ ଅଭିଯୋଗ କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ ମେ ୨୪ରେ ଶେଷ ହେଉଥିବାରୁ ନୂତନ ମୁଖ୍ୟ ଚୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇଥିଲେ। ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ମନୋନୀତ ପ୍ରାର୍ଥୀଙ୍କ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯଥା ସେମାନଙ୍କର ସେଲଫ୍-ଆପ୍ରେଜାଲ୍ ରିପୋର୍ଟ କିମ୍ବା ପୂର୍ବ କାର୍ଯ୍ୟର ଆକଳନ ରିପୋର୍ଟ ଦିଆଯାଇ ନାହିଁ। ସରକାର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ପୂରା ପ୍ରକ୍ରିୟାକୁ ଏମିତି ସଜାଇଛନ୍ତି ଯେଉଁଥିରେ ବିରୋଧୀ ଦଳ ନେତାଙ୍କ ଭୂମିକା କେବଳ ଏକ 'ରବର ଷ୍ଟାମ୍ପ' ପରି ହୋଇ ରହିଛି। ବୈଠକ ସମୟରେ ହିଁ ତାଙ୍କୁ ୬୯ ଜଣ ଅଧିକାରୀଙ୍କ ରେକର୍ଡ ଦିଆଯାଇଥିଲା, ଯାହାକୁ ଏତେ କମ୍ ସମୟରେ ପଢ଼ିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଗତବର୍ଷ ଅକ୍ଟୋବର ଓ ଚଳିତ ମେ ୫ ତାରିଖରେ ସେ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ପତ୍ର ଲେଖିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ।

## ବିଦାହେଲେ ଜ୍ୟୋତିଷ



ଚେନ୍ନଇ, ୧୩।୫(ଏଜେନ୍ସି): ତାମିଲନାଡୁ ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ ବିଜୟ ନିଜର ବ୍ୟକ୍ତିଗତ ଜ୍ୟୋତିଷ ରିକି ରାଧନ ପଣ୍ଡିତ ଭେଟ୍ରିଭେଲଙ୍କୁ ଓଏସ୍‌ଡି ଭାବେ ଦେଇଥିବା ନିଯୁକ୍ତିକୁ ରଦ୍ଦ କରିଛନ୍ତି। ମେଣ୍ଟ ସହଯୋଗୀ ଏବଂ ବିରୋଧୀ ଦଳଗୁଡ଼ିକର ତୀବ୍ର ସମାଲୋଚନା ପରେ ଶେଷରେ ସେ ବାଧ ହୋଇ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭେଟ୍ରିଭେଲଙ୍କୁ ଏହି ପଦବୀ ପ୍ରଦାନ ପରେ ବିବାଦ ବଢ଼ିଥିଲା। ସରକାରକୁ ସମର୍ଥନ କରୁଥିବା ଭିସିକେ, ବାମପନ୍ଥୀ ଭଳି ସହଯୋଗୀ ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ।



ଆସିଲା 'ଚାନ୍ଦ ମେରା ଦିଲ୍'ର ଟ୍ରେଲର୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-315 ◆THURSDAY ◆14 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୧୫ ◆ଗୁରୁବାର ◆୧୪ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ପୁଣି ମହଙ୍ଗା ହେବ ଅଳଙ୍କାର ବଜାର

## ସୁନା, ରୁପା ଆମଦାନୀ ଶୁଳ୍କ ବଢ଼ିଲା



■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): କେନ୍ଦ୍ର ସରକାର ସୁନା ଏବଂ ରୁପା ଆମଦାନୀ ଉପରେ ଶୁଳ୍କ ବୃଦ୍ଧି ଘଟାଇଛନ୍ତି। ଉଭୟ ଧାତୁର ଆମଦାନୀ ଶୁଳ୍କ ୬%ରୁ ୧୫%କୁ ବୃଦ୍ଧି କରାଯାଇଛି। ସୁନା ଆମଦାନୀ ଉପରେ କୃଷି ଭିତ୍ତିକ ସେସ୍ ୫ ପ୍ରତିଶତ ବୃଦ୍ଧି ପାଇଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଜି ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଛି। ବୁଧବାର ଜାରି ହୋଇଥିବା ଏହି ନିର୍ଦ୍ଦେଶ ପରେ, ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦୦୦ ଟଙ୍କା ଏବଂ ରୁପା ୨୨,୦୦୦ ମହଙ୍ଗା ହୋଇଛି। ସରକାରଙ୍କ ଲକ୍ଷ୍ୟ ହେଉଛି ବିଦେଶୀ କ୍ରୟକୁ ହ୍ରାସ କରିବା ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ କମ୍ କରିବା। ▶ପୃଷ୍ଠା-୭

### ବିମାନ ଇନ୍ଧନ ଦର ବୃଦ୍ଧିର ପ୍ରଭାବ

## ଏୟାର ଇଣ୍ଡିଆର ଅନ୍ତର୍ଜାତୀୟ ବିମାନ ସେବା ହ୍ରାସ



■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ବିଶ୍ୱ ଅର୍ଥନୈତିକ ସଙ୍କଟ ଯୋଗୁଁ ବିମାନ ଇନ୍ଧନର ଦର ଆକାଶଛୁଆଁ ହୋଇଛି। ଏହାର ସିଧାସଳଖ ପ୍ରଭାବ ଟାଟା ଗ୍ରୁପ୍‌ର ଏୟାର ଇଣ୍ଡିଆ ଉପରେ ପଡ଼ିଛି, ଯାହା ଫଳରେ ଜୁନ୍ ମାସରୁ କମ୍ପାନୀ ଅନେକ ବିଦେଶୀ ରୁଟ୍‌ରେ ବିମାନ ଚଳାଚଳ ବନ୍ଦ କରିବାକୁ ବାଧ ହୋଇଛି। ବିଶ୍ୱ ବଜାରରେ ବିମାନ ଇନ୍ଧନ (ଏଟିଏଫ୍) ଦର ବୃଦ୍ଧି ଏବଂ ଆକାଶମାର୍ଗ କଟକଣା ଯୋଗୁଁ ଏୟାର ଇଣ୍ଡିଆ ଅନେକ ପ୍ରମୁଖ ଆନ୍ତର୍ଜାତୀୟ ବିମାନ ସେବାକୁ ସାମୟିକ ଭାବେ ବନ୍ଦ କିମ୍ବା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହିକ୍ରମରେ ଦିଲ୍ଲୀରୁ ଚିକାଗୋ, ନ୍ୟୁୟର୍କ, ସିଙ୍ଗାପୁର ▶ପୃଷ୍ଠା-୭

### ୧୪ ଖରିଫ୍ ଫସଲର ଏମ୍‌ଏସ୍‌ପିରେ କ୍ୟାବିନେଟ୍ ମୋହର

## ଧାନର ସହାୟକ ମୂଲ୍ୟ ୭୨ ଟଙ୍କା ବଢ଼ିଲା




■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ବୁଧବାର ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ରେ ବୃଦ୍ଧି ଘଟାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଅନୁଯାୟୀ, ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ବିଭିନ୍ନ ଫସଲର ଏମ୍‌ଏସ୍‌ପି ବୃଦ୍ଧି ହୋଇଛି। ଏଥିରେ ଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ ୭୨ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ସାଧାରଣ କିସମ ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ▶ପୃଷ୍ଠା-୭

**ତୈଳ ସଙ୍କଟ**

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଅଧା

## ଦୁଇଟି କାର୍ ସହ ଦିଲ୍ଲୀରେ ବୁଲୁଛନ୍ତି ମୋଦୀ



■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଇରାନ ଯୁଦ୍ଧ କାରଣରୁ ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ସଙ୍କଟ ଏବଂ ଇନ୍ଧନର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ମିତବ୍ୟୟିତା ଅବଲମ୍ବନ କରିବାକୁ ପରାମର୍ଶ ଦେବା ପରେ ସେ ନିଜର ସୁରକ୍ଷା ପାଇଁ ନିୟୋଜିତ ଗାଡ଼ି ପଟୁଆର (କାରକେଡ୍)କୁ ଅଧା କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ (ଏସ୍‌ପିଜି) ତାଙ୍କ କାରକେଡରେ ଥିବା ଗାଡ଼ି ସଂଖ୍ୟାକୁ ୫୦ ପ୍ରତିଶତ ହ୍ରାସ କରିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥା ସହିତ କୌଣସି ପ୍ରକାରର ବୁଝାମଣା ନକରି ଏହି କାଟ୍ କରାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ କାରକେଡ୍‌ରେ ଅଧିକରୁ ଅଧିକ ବୈଦ୍ୟୁତିକ ଯାନ (ଇଭି) ବ୍ୟବହାର କରିବାକୁ ଗୁରୁତ୍ୱ ଦେଇଛନ୍ତି। ମାତ୍ର ଏଥିପାଇଁ କୌଣସି ନୂଆ ଗାଡ଼ି ନ କିଣିବାକୁ ସେ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ ପରେ ଅନେକ କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କ କାରକେଡ୍ ସଂଖ୍ୟା ହ୍ରାସ କରିଛନ୍ତି। କେତେକ ମନ୍ତ୍ରୀ ଆଜି ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିଥିବା ଦେଖାଯାଇଛି।

ତେବେ ରାଜଧାନୀ ଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀଙ୍କ କାରକେଡରେ ମାତ୍ର ଦୁଇଟି ଗାଡ଼ି ଥିବା ଦେଖାଯାଇଛି। କେବଳ ରେଞ୍ଜ ରୋଭର ଏବଂ ଫର୍ଚ୍ୟୁନର କାର ସହିତ ପ୍ରଧାନମନ୍ତ୍ରୀ ଦିଲ୍ଲୀରେ ଯାଉଥିବା ଭିଡିଓ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସାଧାରଣତଃ ପ୍ରଧାନମନ୍ତ୍ରୀଙ୍କ କାରକେଡରେ ୧୨ରୁ ୧୫ଟି କାର ନିୟୋଜିତ ହୋଇଥାଏ। ଏଥିରେ ସଶସ୍ତ୍ର ମର୍ସିଡିଜ୍- ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଦେବାକୁ ରାଜ୍ୟବାସୀଙ୍କୁ ପରାମର୍ଶ



■ ଭୁବନେଶ୍ୱର, ୧୩।୫ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଦେଇଥିବା ଆହ୍ୱାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡ଼ି ସଂଖ୍ୟା ହ୍ରାସ କରିଛନ୍ତି। ସୂଚନା ଅନୁସାରେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡରେ ୧୨ଟି କାର୍ ସହ ଗୋଟିଏ ଆମ୍ବୁଲାନ୍ସ ଓ ଗୋଟିଏ ଅଗ୍ନିଶମ ଗାଡ଼ି ଯାଉଥିଲା। ଆଜି କାରକେଡ୍ ଗାଡ଼ି ସଂଖ୍ୟା ହ୍ରାସ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀଙ୍କ ଯାତ୍ରା ସମୟରେ ଗାଡ଼ି ସଂଖ୍ୟା ପ୍ରାୟ ୬କୁ ହ୍ରାସ ପାଇବ ବୋଲି କୁହାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଗାଡ଼ିରେ ଯାତାୟତ କମ୍ କରିବା, ଅଧିକ ସାଧାରଣ ପରିବହନ ସେବା ବ୍ୟବହାର ପାଇଁ ଆହ୍ୱାନ ଦେଇଛନ୍ତି। ଅନାବଶ୍ୟକ ଗାଡ଼ି ବ୍ୟବହାର ବନ୍ଦ କରିବା, ସୁନା କ୍ରୟ ନ କରିବା, ଅନାବଶ୍ୟକ ବିଦେଶଗସ୍ତ ନ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ତାମିଲନାଡୁ ବିଧାନସଭାରେ ବିଜୟଙ୍କ ବିରାଟ ବିଜୟ

## ୧୪୪ ବିଧାୟକଙ୍କ ସମର୍ଥନରେ ସଂଖ୍ୟାଗରିଷ୍ଠତା ପ୍ରମାଣିତ



■ ଚେନ୍ନଇ, ୧୩।୫(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ବିଜୟ ଆଜି ବିଧାନସଭାରେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାରେ ସଫଳ ହୋଇଛନ୍ତି। ପ୍ରବଳ ହଟ୍ଟଗୋଳ ଏବଂ ବିରୋଧୀ ଦଳର କକ୍ଷତ୍ୟାଗ ସତ୍ତ୍ୱେ ବିଜୟ ନିଜ ସପକ୍ଷରେ ୧୪୪ଟି ଭୋଟ୍ ପାଇ ପ୍ରଥମ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୩୪ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ବିଜୟଙ୍କ ସପକ୍ଷରେ ୧୪୪ ଜଣ ସଦସ୍ୟ ମତଦାନ କରିଥିଲେ। ଅନ୍ୟପକ୍ଷରେ, ଡିଏମକେ ଏବଂ ଡିଏମଡିକେ'ର ବିଧାୟକମାନେ ଗୃହରୁ କକ୍ଷତ୍ୟାଗ କରିଥିଲେ। ଡିଏମକେ'ର ଚାରିଜଣ ଏବଂ ବିଜେପିର ଜଣେ ବିଧାୟକ ମତଦାନରୁ ନିବୃତ୍ତ ରହିଥିଲେ। ଏହି ଆସ୍ଥା ଭୋଟ୍‌ରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା ଏଆଇଏଡିଏମକେ ମଧ୍ୟରେ ଥିବା ବିଦ୍ରୋହ। ଷନମୁଗମ ଏବଂ ଏସପି ଭେଲୁମଣିଙ୍କ ନେତୃତ୍ୱରେ ପାର୍ଟିର ପ୍ରାୟ ୨୫ ଜଣ ବିଧାୟକ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ବିଜୟଙ୍କ ସରକାରକୁ ସମର୍ଥନ କରିଥିଲେ। ଏହାଦ୍ୱାରା ପାର୍ଟିର ମୁଖ୍ୟ ଏଡାପ୍ପାଡି ପାଲାନିସ୍ୱାମୀ (ଇପିଏସ୍) ଶିବିରରେ କେବଳ ୨୨ ଜଣ ବିଧାୟକ ବାକି ରହିଛନ୍ତି। ଏହି ପଦକ୍ଷେପ ଫଳରେ ଦଳର ଆଭ୍ୟନ୍ତରୀଣ ଫାଟ ଏବେ ସ୍ପଷ୍ଟ ଭାବେ ଲୋକଲୋଚନକୁ ଆସିଛି। ବିଜୟଙ୍କ ନିଜ ଦଳ ଟିଭିକେ ବ୍ୟତୀତ ▶ପୃଷ୍ଠା-୭

### ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ

## ଓଡ଼ିଶାରେ କମିଲା ପାସ୍ ହାର



**ଗତବର୍ଷ ତୁଳନାରେ ୩.୧୯%, ଜାତୀୟ ହାର ତୁଳନାରେ ୮% କମ୍**

■ ଭୁବନେଶ୍ୱର, ୧୩।୫(ସମିସ): ପ୍ରକାଶିତ ହୋଇଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ। ଦେଶରେ ଗତବର୍ଷ ତୁଳନାରେ ପାସ୍ ହାର ୩.୧୯% ହ୍ରାସ ପାଇ ୮୫.୨୦ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ପାସ ହାର ଜାତୀୟ ହାରଠାରୁ ୮ ପ୍ରତିଶତ କମ୍ ରହିଛି। ଅର୍ଥାତ୍ ଚଳିତ ବର୍ଷ ରାଜ୍ୟରେ ୭୬.୮୧ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ତେବେ ଛାତ୍ରଙ୍କ ତୁଳନାରେ ଅଧିକ ଛାତ୍ରୀ ପାସ୍ କରି ଆଗରେ ରହିଛନ୍ତି।

ଦେଶରେ ସମୁଦାୟ ୧୭ ଲକ୍ଷ ୬୮ ହଜାର ୯୬୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୫ ଲକ୍ଷ ୭ ହଜାର ୧୦୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ପୁଅମାନଙ୍କୁ ପଛରେ ପକାଇ ଝିଅମାନେ ଭଲ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୮.୮୬% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୨.୧୩% ରହିଛି। ଥିରୁବନନ୍ତପୁରମ୍ ରିଜିଅନ୍‌ରେ ପାସ୍ ହାର ସର୍ବାଧିକ ୯୫.୬୨% ▶ପୃଷ୍ଠା-୭

**ନିଟ୍ ପ୍ରଶ୍ନପତ୍ର ଲିକ୍**


## ଦେଶବ୍ୟାପୀ ସିବିଆଇ ଚଢ଼ଉ

**୧୫ରେ ପହଞ୍ଚିଲା ଗିରଫଦାରୀ ସଂଖ୍ୟା**

■ ନାସିକ, ୧୩।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିବିଆଇ ଆଜି ଦେଶବ୍ୟାପୀ ଚଢ଼ଉ ଜାରି ରଖିଛି। ନିଟ୍ ଜାଲିଆତିର ମାଷ୍ଟରମାଇଣ୍ଡ କୁହାଯାଉଥିବା ୩୦ ବର୍ଷୀୟ ବିଏଏମ୍‌ଏସ ଛାତ୍ର ଶୁଭମ ଖୈରନାରକୁ ମହାରାଷ୍ଟ୍ରର ନାସିକରୁ ଗିରଫ କରାଯାଇଛି। ପରୀକ୍ଷାର ପ୍ରାୟ ୪୫ ଘଣ୍ଟା ପୂର୍ବରୁ ସେ ପ୍ରଶ୍ନପତ୍ର ଲିକ୍ କରିଥିବା ଅଭିଯୋଗ ହୋଇଛି। ଶୁଭମ ନିଜକୁ ପୋଲିସ କବଳରୁ ବଞ୍ଚାଇବା ପାଇଁ ନିଜର ଚେହେରା ବଦଳାଇ ଦେଇଥିଲା ଏବଂ ଚୁଟି କାଟି ଦେଇଥିଲା। ସେ ମଙ୍ଗଳବାର ଏକ ମନ୍ଦିରକୁ ଯାଉଥିବା ସମୟରେ ସିବିଆଇ ତାକୁ ବୈଷୟିକ ନଜରବନ୍ଦୀ (ଟେକନିକାଲ ସର୍ଭିଲାନ୍ସ) ସାହାଯ୍ୟରେ ଚିହ୍ନଟ କରି ଗିରଫ କରିଥିଲା। ରିପୋର୍ଟ ଅନୁସାରେ, ଶୁଭମ ପୁଣେରେ ଜଣେ ବ୍ୟକ୍ତିଙ୍କଠାରୁ ୧୦ ଲକ୍ଷ ଟଙ୍କାରେ ପ୍ରଶ୍ନପତ୍ର କିଣି ହରିୟାଣାର ଜଣେ କ୍ରେତାଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରି ୫ ଲକ୍ଷ ଟଙ୍କା ଲାଭ କରିଥିଲା। ଏହି ▶ପୃଷ୍ଠା-୭

**ଫେରିଲା ତାତି**

## ମୌସୁମୀ ଅଗ୍ରଗତି ପାଇଁ ସ୍ଥିତି ଅନୁକୂଳ



■ ଭୁବନେଶ୍ୱର,୧୩।୫(ସମିସ): ବାୟୁ ଚଳାଚଳରେ ଦିଗ ପରିବର୍ତ୍ତନ ହେତୁ ରାଜ୍ୟରେ କାଳବୈଶାଖୀ ହ୍ରାସ ପାଇଛି ଓ ପୁଣି ଥରେ ଖରାର ପ୍ରଭାବ ବଢ଼ିଛି। କିଛି ଦିନର ବ୍ୟବଧାନ ପରେ ବୁଧବାର ପୁଣି ଥରେ ରାଜ୍ୟର ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ମୋଟ୍ ୪ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୦.୫ ଡିଗ୍ରୀ ସହ ଟିଟିଲାଗଡ଼ରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ବଲାଙ୍ଗିରରେ ୪୦.୨, ସମ୍ବଲପୁରରେ ୪୦.୧ ଓ ଭବାନୀପାଟଣାରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି।

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଲଘୁଚାପଟି ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଅବପାତରେ ପରିଣତ ହେବାର ସମ୍ଭାବନା କମ୍ ରହିଛି। ତେବେ ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅଗ୍ରଗତି ପାଇଁ ପରିସ୍ଥିତି ଧୀରେଧୀରେ ଅନୁକୂଳ ହେଉଛି। ଆସନ୍ତା ୧୬ ମେ' ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ସମେତ ଆଣ୍ଡାମାନ- ▶ପୃଷ୍ଠା-୭

**ଉପଭୋକ୍ତାଙ୍କୁ ବିଜୁଳି କଷ୍ଟ**

## ଅନ୍ୟ ରାଜ୍ୟରେ ମାଗଣା; ବଳକା ରାଜ୍ୟରେ ଅଧିକ

- ଓଡ଼ିଶାରେ ବିଜୁଳି ୟୁନିଟ୍ ପିଛା ୫୦ ପଇସା ଅଧିକ
- ତାମିଲନାଡୁ ଦେବ ୨୦୦ ୟୁନିଟ ମାଗଣା ବିଜୁଳି
- ପଞ୍ଜାବରେ ରାଜ୍ୟବାସୀଙ୍କୁ ମାଗଣା ୩୦୦ ୟୁନିଟ୍
- କର୍ଣ୍ଣାଟକ, ତେଲଙ୍ଗାନା ଓ ଦିଲ୍ଲୀରେ ୨୦୦ ୟୁନିଟ୍
- ୧୨୫ ୟୁନିଟ୍ ମାଗଣା ଦେଉଛନ୍ତି ବିହାର ସରକାର
- ୧୦୦ ୟୁନିଟ୍ ଦେବାକୁ ଘୋଷଣା କରିଥିଲେ ନବୀନ



■ ଭୁବନେଶ୍ୱର, ୧୩।୫ (ସମିସ): ତାମିଲନାଡୁର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ରାଜ୍ୟର ଉପଭୋକ୍ତାମାନଙ୍କୁ ମାଗଣା ୨୦୦ ୟୁନିଟ ବିଦ୍ୟୁତ ଯୋଗାଇବାକୁ ଘୋଷଣା କରିଛନ୍ତି। ଏହା ପୂର୍ବରୁ ପଞ୍ଜାବ, କର୍ଣ୍ଣାଟକ, ତେଲଙ୍ଗାନା, ଦିଲ୍ଲୀ, ବିହାର ସରକାର ମଧ୍ୟ ସେ ରାଜ୍ୟରେ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଯୋଗାଇ ଦେଉଛନ୍ତି। ପଞ୍ଜାବରେ ୩୦୦ ୟୁନିଟ ମାଗଣା ବିଜୁଳି ମିଳୁଥିବାବେଳେ କର୍ଣ୍ଣାଟକ, ତେଲଙ୍ଗାନା, ଦିଲ୍ଲୀରେ ୨୦୦ ୟୁନିଟ ପ୍ରଦାନ କରାଯାଉଛି। ବିହାରରେ ଏନ୍‌ଡ଼ିଏ ସରକାର ୧୨୫ ୟୁନିଟ୍ ମାଗଣା ବିଜୁଳି ପ୍ରଦାନ ଘୋଷଣା କରିଛି। ଗତ ନିର୍ବାଚନ ସମୟରେ ବିଜେଡି ସୁପ୍ରିମୋ ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ▶ପୃଷ୍ଠା-୭

### ତିରିଂରେ ଡବଲ ମର୍ଡର; ଚୋରା ଦେଶୀ ମଦ ସାଜିଲା କାଳ

## ପିଚ୍ ରାସ୍ତାରେ ଦୁଇ ଜଣଙ୍କୁ ନୃଶଂସ ହତ୍ୟା

**ହତ୍ୟା ଅଭିଯୁକ୍ତକୁ ବାନ୍ଧି ଗ୍ରାମବାସୀଙ୍କ ନିର୍ଘାତ ମାଡ଼**

**ଗୋଡ଼ ହାତ ଭାଙ୍ଗିଦେଲେ**



■ ରାଇରଙ୍ଗପୁର,୧୩।୫(ସମିସ): ଦିନକୁ ଦିନ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ତିରିଂ ଥାନା ଅଞ୍ଚଳରେ ବୁଧବାର ସକାଳେ ଡବଲ ମର୍ଡର ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ନିଶାସକ୍ତ ଅବସ୍ଥାରେ ଯୁବକ ଜଣକ ଶାବଳ ଓ ଧାରୁଆ ଅସ୍ତ୍ରରେ ଦୁଇ ଜଣକୁ ନୃଶଂସ ହତ୍ୟା କରିଛି। ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ନିଶାରେ ହିତାହିତ ଜ୍ଞାନ ଭୁଲି ଯାଇ କାଣ୍ଡ ଘିଆଇଛନ୍ତି। ମୃତକ ଦୁଇଜଣ ହେଲେ କୁଲୁଘୁଟୁ ଗ୍ରାମର ଗୋପୀନାଥ ସର୍ଦ୍ଦାର(୬୨) ଓ ବୁଦ୍ଧେଶ୍ୱର ରଣା(୪୮)। ଅଭିଯୁକ୍ତ ଜଣକ ହେଲା ବିଜୟ ଆଲଦାଙ୍କ ପୁଅ ମୋଚକା ଆଲଦା(୨୮)। ସୂଚନା ଅନୁସାରେ, ମୋଚକା ପ୍ରବଳ ନିଶା ସେବନ କରୁଥିବା ବେଳେ ଅଧିକାଂଶ ସମୟ ନିଶାସକ୍ତ ଅବସ୍ଥାରେ ରହିଥାଏ। ପ୍ରତିଦିନ ଭଳି ବୁଧବାର ସକାଳ ମଧ୍ୟ ନିଶା ସେବନ କରିଥିଲା। ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଥିବା ପରିବାର ଲୋକଙ୍କୁ ଆକ୍ରମଣ କରିଥିଲା। ସେମାନେ ସେଠାରୁ ଖସି ପଳେଇ ଯିବାରୁ ମୋଚକା ପ୍ରବଳ ନିଶାସକ୍ତ ▶ପୃଷ୍ଠା-୭

## ପୁଅକୁ ହତ୍ୟାକରି ପୋତି ଦେଇଥିଲା ବାପା



**୬ ଦିନ ପରେ ମୃତଦେହ ଉଦ୍ଧାର, ବାପାମାଆ ଅଟକ**

■ କଣିହାଁ,୧୩।୫(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ତଥା ରେଙ୍ଗାଳି ଥାନା ଅନ୍ତର୍ଗତ ଅର୍କିଳ ଗ୍ରାମରେ ଅଭାବନୀୟ ଘଟଣା ଘଟିଥିବା ସାମ୍ନାକୁ ଆସିଛି। ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମୃତଦେହକୁ ପୋତି ଦେଇଥିଲେ ବାପା। ୬ ଦିନ ପରେ ପୁଲିସ ମୃତଦେହ ଠାବ କରିଥିବାବେଳେ ଅଭିଯୁକ୍ତ ବାପା ଓ ମାଆଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲାଇଛି। ମୃତକ ହେଲେ ଅର୍କିଳ ଗ୍ରାମର ମୁରଲୀଧର ବେହେରାଙ୍କ ପୁଅ ସଞ୍ଜୀବ ବେହେରା (୨୫)। ସୂଚନା ଅନୁସାରେ, ଗତ ୮ ତାରିଖ ସଞ୍ଜୀବଙ୍କ ସହ ବାପା ମୁରଲୀଧର ▶ପୃଷ୍ଠା-୭

## ତହସିଲଦାରଙ୍କୁ ୪ ଦଫା ଦାବି ପ୍ରଦାନ କଲା ଜମିହରା ସଂଘ

# ରେଲୱେ ଟ୍ରାକ୍ ପାଇଁ ହିତାଧିକାରୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ଦାବି



ବୈପାରିଗୁଡ଼ା, ୧୩।୫(ସମିସ): ବୈପାରୀଗୁଡା ତହସିଲ କାର୍ଯ୍ୟାଳୟ ଆଗରେ ଆଜି ଜମିହରା ସଂଘ ପକ୍ଷରୁ କିଛି ସମୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜୟପୁର ଠାରୁ ମାଲକାନଗିରି ନୂତନ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହୋଇଛି । କିନ୍ତୁ ଜମିହରା ହିତାଧିକାରୀଙ୍କ ଠାରୁ ଚଞ୍ଚକତା କରି ଜମି ଅଧିଗ୍ରହଣକୁ ବିରୋଧ କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଝାଡେଶ୍ୱରୀ ଖାଡ଼ଙ୍ଗାଙ୍କୁ ଦାବିପତ୍ର ପ୍ରଦାନ କରିଛି ଜମିହରା ସଂଘ। ଦାବିପତ୍ରରେ ବୈପାରିଗୁଡା ତହସିଲ ଆୟୋଗରେ ରହୁଥିବା ନୂତନ ଜୟପୁର ଠାରୁ ମାଲକାନଗିରି ଓସାରିଆ ରେଳପଥ ସର୍ଭେ ପୂର୍ବରୁ ବହୁ ଚାଷୀ ନିଜ ଜମି ହରାଉଥିବାରୁ ଲାଇନ୍ ବଦଳାଇବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଅନୁରୋଧକୁ ରକ୍ଷା କରାନଯାଇ ଜୋର ଜବରଦସ୍ତ ରେଳ ଲାଇନ କରିବାକୁ ଆଗଭର ହେଇଛନ୍ତି ସରକାର। ଜମିହରା ହିତାଧିକାରୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରାନଯାଇ ଶାଗ ମାଛ ଦରରେ ଜମି କିଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି ସରକାର। ଜମିହରା ହିତାଧିକାରୀ ଜମିହରା ସଂଘ ଏହାକୁ ବିରୋଧ କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଉଚିତ୍ ପ୍ରାପ୍ୟ ଦେବାକୁ ଦାବି କରିବା ସହ ତହସିଲଦାରଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରିଛନ୍ତି। ଜମିହରା ସଂଘର ଦାବି ଅନୁଯାୟୀ, ବର୍ତ୍ତମାନ ଜମିର ଦର ଅନୁସାରେ ଜୟପୁର ଠାରୁ ମାଲକାନଗିରି ପର୍ଯ୍ୟନ୍ତ ସର୍ବାଧିକ ମୂଲ୍ୟ ପ୍ରଦାନ କରାଯାଇଛି ଏବଂ ସମସ୍ତଙ୍କୁ ସେହି ମୂଲ୍ୟ ପ୍ରଦାନ କରାଯାଉ। ଜମିହରା ପରିବାରଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା। ରେଳପଥ ପାଇଁ ଜମି ହରାଉଥିବା ଭୂମିହୀନ ପରିବାରଙ୍କୁ ସରକାରୀ ଜମି ଏବଂ ଘରବାରି ପଟ୍ଟା ପ୍ରଦାନ ଆଦି ଚାରି ଦଫା ଦାବୀ ରହିଛି

## ● ୧୦୬ ଦିନ ହେଲା ମିଳୁନି ଧାନ ଟଙ୍କା

# ସରକାରୀ କାର୍ଯ୍ୟାଳୟକୁ ଯାଇ ଚାଷୀ ନିରାଶ




କାଳିମେଳା/ଏମଭି ୭୯,୧୩।୫(ସମିସ): ସରକାରୀ ଧାନ କ୍ରୟ ବ୍ୟବସ୍ଥା ଉପରେ ଭରସା କରି ଜଣେ ଗରିବ ଚାଷୀ ନିଜ ପରିଶ୍ରମର ଫସଲ ବିକ୍ରୟ କଲେ। ଭାବିଥିଲେ, କିଛି ଦିନ ମଧ୍ୟରେ ଧାନର ଟଙ୍କା ମିଳିଯିବ। ଘରର କରଜ ସୁଝିବେ। ପରିବାରର ଦୁଃଖ କମିବ। କିନ୍ତୁ ଆଜି ସେହି ଚାଷୀ ନିଜ ଟଙ୍କା ପାଇଁ ସରକାରୀ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଘୁରି ଘୁରି ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ମାଲକାନଗିରି ଜିଲ୍ଲା ଏମଭି- ୯୬ ଗ୍ରାମର ଚାଷୀ ପ୍ରତାପ ବରାଳ ଗତ ଜାନୁଆରୀ ୨୭ ତାରିଖରେ ଏମଭି - ୭୯ ଧାନ କ୍ରୟ କେନ୍ଦ୍ରରେ ୪୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ହେଲେ ଆଜିକୁ ଠିକ୍ ୧୦୬ ଦିନ ବିତିଯାଇଥିଲେ ମଧ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ। ପ୍ରତ୍ୟେକ ଦିନ ଘର ଦୁଆରକୁ କରଜ ଦେଇଥିବା ଲୋକେ ଆସୁଛନ୍ତି। ଧାନ ଚାଷ ପାଇଁ ନେଇଥିବା ଋଣ ଏବେ ତାଙ୍କ ପରିବାର ପାଇଁ ଅଭିଶାପ ହୋଇଯାଇଛି। ଘରେ ଚୁଲି ଜଳିବା କଷ୍ଟକର ହୋଇପଡ଼ିଛି। ପିଲାଙ୍କ ଭବିଷ୍ୟତ, ପରିବାରର ଆବଶ୍ୟକତା ଓ ଦିନକୁ ଦିନ ବଢ଼ୁଥିବା ଚିନ୍ତା ମଧ୍ୟରେ ଏହି ଚାଷୀ ପରିବାର ନିରାଶାରେ ଦିନ କାଟୁଛି। ଏ ସମ୍ପର୍କରେ ପ୍ରତାପ ଜନସୁନାନି ୱେବସାଇଟ୍‌ରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ସମସ୍ତ ଦୁଆରେ ନ୍ୟାୟ ଭିକ୍ଷା କରିଛନ୍ତି। କିନ୍ତୁ ପ୍ରତ୍ୟେକ ସ୍ଥାନରୁ ମିଳିଛି କେବଳ ଗୋଟିଏ ଉତ୍ତର 'ଆଉ ୭ ଦିନ ଅପେକ୍ଷା କରନ୍ତୁ, ଆଉ ୧୦ ଦିନ ସମୟ ଦିଅନ୍ତୁ'। କିନ୍ତୁ ଏହି ୭ ଦିନ ଓ ୧୦ ଦିନର ପ୍ରତିଶ୍ରୁତି ମଧ୍ୟରେ ପଖାପାଖି ୫ ମାସ ବିତିଗଲାଣି। ସମ୍ପ୍ରତି ଲୁଗେଲ ପଞ୍ଚାୟତରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ମଧ ସେ ନିଜ ଦୁଃଖ ଜଣାଇଥିଲେ। ସେଠାରେ କାଳିମେଳା ବ୍ଲକ୍ ଯୋଗାଣ ନିରୀକ୍ଷକ ଚିନ୍ମୟ ସାହୁ ପୁଣି ୧୦ ଦିନ ସମୟ ମାଗିଥିଲେ। କିନ୍ତୁ କିଛି ଦିନ ପରେ ପୁଣି ତାଙ୍କୁ ଯୋଗାଯୋଗ କରିବାରୁ ଆଉ କିଛି ସମୟ ଲାଗିବ ବୋଲି କୁହାଯାଇଥିବାରୁ ବର୍ତ୍ତମାନ ଚାଷୀ ପରିବାରର ଧୈର୍ଯ୍ୟ ଭାଙ୍ଗିଯାଇଥିବା ବେଳେ ସରକାରଙ୍କୁ ଧାନ ଦେଇ କଣ ଭୁଲ କରିଥିଲି କି ବୋଲି ପ୍ରଶ୍ନ କରିବା ସହ ସରକାରୀ ବ୍ୟବସ୍ଥାକୁ ପ୍ରଶ୍ନ କଲେ ଚାଷୀ ପ୍ରତାପ ବରାଳ। ପ୍ରତାପ ବରାଳଙ୍କ ଘଟଣା ମଧ ସରକାରୀ ବ୍ୟବସ୍ଥାର ଧୀର ଗତି ଓ ଅବହେଳା ଉପରେ ବଡ଼ ପ୍ରଶ୍ନ ଉଠାଇଛି। ସମୟ ଥିବାବେଳେ ସରକାର ଓ ପ୍ରଶାସନ ଏଭଳି ହତାଶ ଚାଷୀଙ୍କ ମାନସିକ ସ୍ଥିତିକୁ ବୁଝିବା ଆବଶ୍ୟକତା ରହିଛି। କାରଣ ଦୀର୍ଘଦିନ ଧରି ଅନ୍ୟାୟ, ଅବହେଳା ଓ ଅପେକ୍ଷା ଜଣେ ସାଧାରଣ ମଣିଷକୁ କେତେ ଭୟଙ୍କର ପଦକ୍ଷେପ ନେବାକୁ ବାଧ୍ୟ କରିପାରେ, ତାହା ଗତ କିଛି ଘଟଣା ଆଗରୁ ସତର୍କ ସଙ୍କେତ ଦେଇସାରିଛି। ତେବେ ଚାଷୀ ପ୍ରତାପ ବରାଳ ଚେତାବନୀ ଦେଇଛନ୍ତି ଯେ, ଯଦି ଆଗାମୀ ୨-୩ ଦିନ ମଧ୍ୟରେ ତାଙ୍କ ଧାନ ବିକ୍ରୟ ରାଶି ନମିଳେ, ତେବେ ସେ ପୁରା ପରିବାର ସହ ଭୁବନେଶ୍ୱର ଯାଇ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସମ୍ପୃକ୍ତ ବିଭାଗ ସାମ୍ନାରେ ଧାରଣା ଦେବେ।

# ଓଏଭି ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ଆଦିତି ପ୍ରଥମ




ଲମତାପୁଟ, ୧୩।୫ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ମେସିଙ୍ଗପୁଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ପରୀକ୍ଷାରେ ୩ଜଣ ଛାତ୍ରୀ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଆଦିତି ବାଙ୍କିଆ ୫୦୦ ମାର୍କରୁ ୪୬୫ ମାର୍କ ରଖି ୯୩ ପ୍ରତିଶତ ରଖି ପ୍ରଥମ ହୋଇଛନ୍ତି। ସେହିପରି ଜସ୍ମିନ ପାଙ୍ଗି ୭୪ ପ୍ରତିଶତ ରଖି ଦ୍ୱିତୀୟ ଓ ସ୍ନିଗ୍ଧା ରାଣୀ ବେହେରା ୬୬.୪୦ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରି ଉତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ମୋଟ ୮ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ଅଧକ୍ଷ ସାଗର କୁମାର ବେହେରା ଓ ଜିଲ୍ଲା ପରିଷଦ ପୂର୍ଣ୍ଣ ଚନ୍ଦ୍ର ପାଙ୍ଗି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ସାମ୍ବାଦିକ ଭକ୍ତରାମ ବାଙ୍କିଆ ଓ କାଙ୍ଗରା ପଡ଼ା ଅଙ୍ଗନୱାଡି କର୍ମୀ ନିଶିଥିନି ଦାସଙ୍କ ଝିଅ ଅଟନ୍ତି ଆଦିତି । ଆଦିତିଙ୍କ ପରିବାରଙ୍କୁ ଲମତାପୁଟ ବ୍ଲକବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ସଂରକ୍ଷଣ ବିଲ୍ ଦାବିରେ ମଶାଲ ଶୋଭାଯାତ୍ରା




ବୈପାରିଗୁଡ଼ା,୧୩।୫(ସମିସ): ବୈପାରୀଗୁଡା ଠାରେ କଂଗ୍ରେସ ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ ଦାବି ନେଇ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ରାମ ଖିଲଙ୍କ ନେତୃତରେ ଆୟୋଜିତ ବୈପାରୀଗୁଡା ସ୍ଥିତ ବିରୋଖମ୍ବ ପୋଲଠାରୁ ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା ଯୋଗ ଦେଇ କହିଛନ୍ତି ଯେ, ୨୦୨୩ ରେ ଲାଗୁ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନକୁ ତୁରନ୍ତ କେନ୍ଦ୍ର ସରକାର କାର୍ଯ୍ୟକାରୀ କରନ୍ତୁ। ବିଜେପି ସରକାର ନୂଆ ବିଲ୍ ଆଣି ମହିଳାମାନଙ୍କୁ ଭ୍ରମିତ କରୁଛନ୍ତି, କିନ୍ତୁ ପ୍ରକୃତରେ ଲାଗୁ କରୁନାହାଁନ୍ତି। ବର୍ତମାନ ଲୋକସଭାରେ ଥିବା ୫୪୩ ଆସନ ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କଲେ କଂଗ୍ରେସ ସମେତ ଅନ୍ୟ ସମସ୍ତ ଦଳ ବିଜେପିକୁ ସମର୍ଥନ ଦେବେ ବୋଲି କହିଛନ୍ତି। ଡିଲିମିଟେସନ ସହିତ ମହିଳା ସଂରକ୍ଷଣ ଆଇନ ଯୋଡିବା ପ୍ରସଙ୍ଗକୁ ବିରୋଧ କରିଛନ୍ତି । ଏହି ମଶାଲ ଶୋଭାଯାତ୍ରରେ ଜିଲ୍ଲା ସଭାପତି ରୁପୁକ ରୁରୁକ, କୋରାପୁଟ ବିଧାୟକ ପାର୍ଥ କୃଷ୍ଣକୁଲଦୀପ, କୋଟପାଡ଼ ବିଧାୟକ ପାର୍ଥୀ ଅନାମଦିଆନ, କୋରାପୁଟ ଜିଲ୍ଲା ସାଂସଦ ପ୍ରତିନିଧି ବାବୁଲା ବେନିଆ, ମଶାଲ ଯାତ୍ରା କଂଗ୍ରେସ ପର୍ଯ୍ୟବିକ୍ଷକ ଟି ମୂର୍ତ୍ତି, ସାଂସଦ ବ୍ଲକ ପ୍ରତିନିଧି ଜଗନ୍ନାଥ ବିଶୋଇ, ଜିଲ୍ଲା ପରିଷଦ ସଭ୍ୟା ମଣିଯାନୀ, ମହିଳା ସଭାନେତ୍ରୀ ଗାୟିତ୍ରୀ ନାୟକ, ମାଝୀଗୁଡା ସରପଞ୍ଚ ମଞ୍ଜୁ ଶ୍ରୀକରଲିଆ, ଚିପାକୁର ସରପଞ୍ଚ ରାଜୁ ଖିଲ, ଦଣ୍ଡବାଡ଼ି ସରପଞ୍ଚ ଚେଣ୍ଡିଆ ଖିଲ, କାଠପୋଡ଼ା ସରପଞ୍ଚ, କେନ୍ଦୁଗୁଡା ସମିତ ସଭ୍ୟା ପୁଷ୍ପାଞ୍ଜଳି ଫଲାମ, ବରିଷ୍ଠ କର୍ମି ଏମ ବାଲାଜୀ ରାଓ, ମହାନ ଶ୍ରୀକାରଲିଆ, ମୋହେନ୍ଦ୍ର ଦଳେଇ, ସତ୍ୟ ମହାନ୍ତି, ବାପି ମହାନ୍ତିଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର, ଜଣେ ଅଟକ



ପାପଡାହାଣ୍ଡି,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ତୁମ୍ବଲ୍ଲା ଗ୍ରାମପଞ୍ଚାୟତ ସଦର ମହକୁମା ଠାରେ ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତରକୁ ବିଶାଖାପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରି ଜଣକୁ ଅଟକ ରଖିଛି।ସୂଚନା ଅନୁଯାୟୀ ତୁମ୍ବଲ୍ଲା ଗ୍ରାମର ସତ୍ୟଜିତ ପାଣି ମଙ୍ଗଳବାର ରାତ୍ରି ସମୟରେ ଗ୍ରାମର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଛି ସାଙ୍ଗ ସାଥି ସହ ଖାଇବା ନେଇ ପାଟିତୁଣ୍ଡ ହୋଇଥିଲା। ଏହା ପରେ ସେ ଘରକୁ ଯିବାକୁ ବାହାରିଥିଲେ। ନିଜ କାର ବାହାର କରିବା ସମୟରେ କିଛି ଲୋକ ସଂଘବଦ୍ଧ ଭାବେ ସତ୍ୟଜିତକୁ ମାରଣାସ୍ତ୍ର ସହ ଆକ୍ରମଣ କରିଥିଲେ। ଏଥିରେ ସତ୍ୟଜିତକୁ ପେଟରେ ଛୁରୀ ଓ ମୁଣ୍ଡରେ ହାମର ସହ ଆକ୍ରମଣ କରିଥିଲେ। ଗୁରୁତରକୁ ଛାଡି ଆକ୍ରମଣକାରୀ ପଳାଇଥିଲେ। ପରିବାର ସଦସ୍ୟ ଜାଣିବା ପରେ ତାଙ୍କୁ ତୁରନ୍ତ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଠାରେ ଭର୍ତ୍ତି କରିଥିଲେ। ଉନ୍ନତ ଚିକିତ୍ସା ସକାଶେ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣା ଘରେଇ ମେଡିକାଲ ଠାରେ ଭର୍ତ୍ତି କରାଯାଇଛି। ଏନେଇ ସତ୍ୟଜିତଙ୍କ ବଡ଼ ଭାଇ ଖୁସିଦ କୁମାର ପାଣି ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ କେଶ ନ ୯୧/୨୬ ରୁଜୁ କରି ତୁମ୍ବଲ୍ଲା ଗ୍ରାମର ଶଙ୍କର ହରିଜନକୁ ଅଟକ ରଖି ପଚାରାଉଚରା ଜାରି ରଖିଥିବା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## ● ବିଜେପିର ଜନ ଆକ୍ରୋଶ ମହିଳା ପଦଯାତ୍ରା

# ମହିଳା ବିଲ୍‌କୁ ବିରୋଧ ନେଇ ସମାଲୋଚନା




ଜୟପୁର, ୧୩।୫(ସମିସ): ଲୋକସଭାରେ ଆଗତ ନାରୀ ବନ୍ଦନା ଅଧିନିୟମ ବିଲକୁ ବିରୋଧୀ ଦଳର ବିରୋଧକୁ ନେଇ ଦେଶବ୍ୟାପୀ ମହିଳାଙ୍କ ଜନ ଆକ୍ରୋଶ ପ୍ରକାଶ ପାଇଥିବା ଅଭିଯୋଗ ନେଇ ବିଜେପି ଜୟପୁର ମଣ୍ଡଳ ପକ୍ଷରୁ ଆଜି ଏକ ମହିଳା ପଦଯାତ୍ରା ଆୟୋଜିତ ହୋଇଛି। ଏହି ପଦଯାତ୍ରା ରଥପଡିଆ ଛକ ଠାରୁ ବାହାରିବା ସହିତ ମୁଖ୍ୟରାସ୍ତାରେ ଯାତ୍ରା କରିଥିଲା। ଏହି ପଦଯାତ୍ରା ସମୟରେ କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧି ଦଳର ନେତାଙ୍କ ବିରୋଧରେ ନାରାବାଜି କରାଯାଇଥିଲା। ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିବା ନିମ୍ନ ମାନସିକତାର ପରିଚୟ ଏବଂ ଏହା ମହିଳାଙ୍କ ଅଧିକାରକୁ ସଂକୁଚିତ କରୁଛି ଏବଂ ଯେଉଁମାନେ ଏହି ବିଲକୁ ବିରୋଧ କରିବା ସହିତ ବାଧା ସୃଷ୍ଟି କରୁଛନ୍ତି, ସେମାନେ ମହିଳା ବିରୋଧୀ ବୋଲି ବିଜେପି ମହିଳା ସଦସ୍ୟ ମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ମହିଳାମାନେ ଏହାର ଉଚିତ୍ ଜବାବ ଦେବେ ବୋଲି କୁହାଯାଇଥିଲା। ଏହି ଜନ ଆକ୍ରୋଶ ପଦଯାତ୍ରା ଓ ସଭା ମାଧ୍ୟମରେ ବିଜେପି ମହିଳାମାନେ ନାରୀ ସଶକ୍ତିକରଣ ଓ ମହିଳା ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସମର୍ଥନ କରିବା ସହ ବିରୋଧୀଙ୍କ ବିରୋଧରେ ତୀବ୍ର ପ୍ରତିବାଦ ପ୍ରକାଶ କରିଛନ୍ତି। ଏଥିରେ କେବଳ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଓ କର୍ମୀ ମାନେ ଯୋଗଦାନ କରିଥିଲେ।

# ପେଟ୍ରୋଲ୍ ଡିଜେଲ୍ ପାଇଁ ହାହାକାର

ନନ୍ଦପୁର,୧୩।୫(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅଞ୍ଚଳରେ ୫ଟି ପେଟ୍ରୋଲ ପମ୍ପ ଥିବା ବେଳେ ପେଟ୍ରୋଲ ମିଳୁନାହିଁ। ଏଭଳି ପରିସ୍ଥିତି ହୋଇଛି ଯେ ଗାଡ଼ି ଚାଳକମାନେ ଜାରକିନ୍ ଧରି ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଧାଡ଼ି ଲଗାଇଛନ୍ତି। କିନ୍ତୁ ଲୋକଙ୍କୁ ଆବଶ୍ୟକ ମୁତାବକ ତେଲ ମିଳି ପାରୁନାହିଁ। ଫଳରେ ପରିସ୍ଥିତି ଅଣାୟତ ଅବସ୍ଥାକୁ ଆସି ଯାଇଛି। ତେଲ ମିଳୁ ନଥିବାରୁ ଜରୁରୀ କାର୍ଯ୍ୟରେ ମଧ ଲୋକେ ବାହାକୁ ବାହାରି ପାରୁନାହାନ୍ତି। ଗତ ଦୁଇ ମାସ ପୂବେ ଯାନବାହ ଚଳାଚଳ ଉପରେ ସାମାନ୍ୟ ସ୍ଥିତି ରହିଥିବା ବେଳେ ବିଗତ ତିନି ଦିନ ଧରି ପଡ଼ିଆ ଭେଜା ଖୁର୍ଜୀ ସହିତ ନନ୍ଦପୁରର ୫ଟି ପେଟ୍ରୋଲ ପମ୍ପ ମଧ୍ୟରେ ପେଟ୍ରୋଲ ଡିଜେଲ ଯୋଗାଣରେ ଅଭାବ ପରିଲକ୍ଷିତ ହୋଇଛି। ତେବେ ବୁଧବାର ମଧ୍ୟାହ୍ନରେ ନନ୍ଦପୁର ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ପାଇଁ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ତୈଳ ସଙ୍କଟ ନେଇ ଭାରତର ପ୍ରଧାନମନ୍ତ୍ରୀ ବିଶ୍ୱର ସ୍ଥିତିକୁ ନେଇ ଦେଇଥିବା ମନ୍ତବ୍ୟ ପରେ ଲୋକଙ୍କ ମନରେ ଛନକା ପଶିଛି। ଏଭଳି ପରିସ୍ଥିତିରେ ପେଟ୍ରୋଲ ଟାଙ୍କିକୁ ତେଲ ଆସୁ ନଥିବାରୁ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ତେଲ ଟାଙ୍କି ଆଗରେ ଲୋକେ ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଚାଉଳ ଆଣିବା ଭଳି ଧାଡ଼ି ଲଗାଉ ଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ଏ ନେଇ ବ୍ୟବସ୍ଥା ନ ହେଲେ ପରିସ୍ଥିତି ଶୋଚନୀୟ ହେବ ବୋଲି କୁହାଯାଉଛି।



କୋରାପୁଟ ଜିଲ୍ଲା ସୁନାବେଡ଼ା-୨ ହାଲ୍ କ୍ୱାର୍ଟର ଏବେ ଟିଉସନ୍ କେନ୍ଦ୍ର !

## ଜୟପୁର ପ୍ରିମିୟର ଲିଗ୍-୩ ଶୁଭାରମ୍ଭ

# ସନ୍‌ରାଇଜର୍ସ ସୁପରକିଙ୍ଗ୍ ଦଳ ବିଜୟୀ



ଜୟପୁର,୧୩।୫(ସମିସ): କୋରାପୁଟ ଜିଲ୍ଲାର ଜୟପୁର ସହରର ଦଶହରା ପଡିଆ ଠାରେ ଜୟପୁର ପ୍ରିମିୟର ଲିଗ -୩ କ୍ରିକେଟ ମ୍ୟାଚର ଆଜି ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ପଡୋଶୀ ଛତିଶଗଡ ରାଜ୍ୟର ସୁକମା ନାଇଟ୍ ରାଇଡର ଓ ନବରଙ୍ଗପୁର ସନରାଇଜର୍ସ ସୁପର କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନରାଇଜର୍ସ ଦଳ ପ୍ରଥମେ ଟସ ଜିତି ପ୍ରଥମେ ଫିଲଡିଂ କରିଥିଲେ ଏବଂ ପ୍ରଥମେ ସୁକମା ଦଳ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ସନରାଇଜର୍ସ ସୁପରକିଙ୍ଗସ ଦଳ ୧୮ ଓଭରରେ ୬ଟି ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଛନ୍ତି। ଆଜିର ମ୍ୟାଚରେ ବିଜୟୀ ଦଳର ପୂର୍ଣ୍ଣଚନ୍ଦ୍ର ମାଝି ୩୪ଟି ବଲରେ ୭୭ ରନ ସଂଗ୍ରହ କରିବା ସହିତ ମ୍ୟାନ ଅଫ୍ ଦି ମ୍ୟାଚ ହାସଲ କରିଥିଲେ। ଏହି ପ୍ରିମିୟର ଲିଗ ମ୍ୟାଚର ଆୟୋଜକ କମିଟିର ନିର୍ଦ୍ଦେଶକ ବାବୁଲା ରାଉତ ଏବଂ ପରିଚାଳକ ସଚ୍ଚିଦାନନ୍ଦ ପରିଡାଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି। ଆସନ୍ତା କାଲି ପ୍ରଥମ ମ୍ୟାଚ ଜୟପୁର ସୁପରଷ୍ଟାର ସହ ରୟାଲ କିଙ୍ଗ୍ସ ଓ ଦ୍ୱିତୀୟ ମ୍ୟାଚ ଜୟପୁର ଜାଗୁଆର୍ସ ସହ ସୁକମା ନାଇଟରାଇଡର୍ସ ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ ଥର ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଡ୍ୟୁଜ ବଲରେ ଏହି ଟୁର୍ଣ୍ଣାମେଣ୍ଟ କରାଯାଉଥିବା ଯୋଗୁଁ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ପଡୋଶୀ ଛତିଶଗଡର କ୍ରିକେଟ ଦଳ ଭାଗ ନେଇଛନ୍ତି। ଆଜିର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର ଟସ ପକାଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ସକାଳ ୮ ଟାରେ ଏବଂ ଦ୍ୱିତୀୟ ମ୍ୟାଚ ୧୨ଟାରେ ଆରମ୍ଭ ହେବ ବୋଲି ବାବୁଲା ରାଉତ ପ୍ରକାଶ କରିଛନ୍ତି। ମ୍ୟାଚରେ ଅନ୍ୟ ମାନଙ୍କ ମଧ୍ୟରେ ସୁବାସ ରାଉତ, ରବି ନାୟକ, ବାଲାରାୟ, ବାପି ପରିଡାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA
ଗୁରୁବାର
୧୪ ମେ, ୨୦୨୬



# ତମସା ଶ୍ରୀକ୍ଷେତ୍ରରେ ଏକୋଇଶିଆ ପୂଜା



ମାଲକାନଗିରି,୧୩।୫ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦରରେ ନୂତନ ଭାବେ ସ୍ଥାପିତ ତମସା ଶ୍ରୀକ୍ଷେତ୍ର ଠାରେ ଜଗନ୍ନାଥଙ୍କ ଏକୋଇଶିଆ ପୂଜା ଅନୁଷ୍ଠିତ ହୋଇଯାଇଛି । ଗତ ମାସରେ ପ୍ରଭୁ ଜଗନ୍ନାଥ, ସିଦ୍ଧି ବିନାୟକ, ମହାଲକ୍ଷ୍ମୀ ଏବଂ ବିମଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆଜି ଏକୋଇଶିଆ ଉପଲକ୍ଷେ ସୁଦୂର ପୁରୀରୁ ବ୍ରାହ୍ମଣ ମାନେ ଆସି ଠାକୁରଙ୍କ ଅନ୍ନ ପ୍ରସାଦ ରୋଷେଇ କରିଥିଲେ । ଦ୍ୱିପହର ଏବଂ ରାତ୍ର ସମୟରେ ୮ ହଜାରରୁ ଅଧିକ ଲୋକେ ଏହି ଏକୋଇଶିଆ ଏବଂ ସତ୍ୟନାରାୟଣ ପୂଜାରେ ଉପସ୍ଥିତ ରହି ଅନ୍ନପ୍ରସାଦ ସେବନ କରିଥିଲେ । ସନ୍ଧ୍ୟା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ସୁଦୂର ଭୁବନେଶ୍ୱରରୁ ଗୀତିକାର ମାନେ ଆସି ଠାକୁରଙ୍କ ଭଜନ ଗୀତ ପରିବେଷଣ କରିଥିଲେ । ଏହାକୁ ଦେଖିବା ନିମନ୍ତେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା । ଆଜିର ଏହି କାର୍ଯ୍ୟକ୍ରମ ଟିକୁ ମନ୍ଦିର କମିଟି ସଭାପତି ଶ୍ରୀନିବାସ ପଣ୍ଡା, ସମ୍ପାଦକ କିଶୋର ଚରଣ ମହାନ୍ତି, ନୃସିଂହ ଚରଣ ମହାନ୍ତି, ପ୍ରଦୀପ କୁମାର ମହାରଣା, ଗୋବିନ୍ଦ ପାତ୍ର, ଅବିନାଶ ବେହେରା, ହୃଷିକେଶ ପଣ୍ଡା, ବିଦ୍ୟାଧର ପ୍ରଧାନ ଓ ମିକନ ସାବତଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସୁଚାରୁରୂପେ ସମ୍ପାଦନ କରିଥିଲେ ।

# ନିଜ ଜିଲ୍ଲାରେ ଶରଣାର୍ଥୀ ଭଳି ରହୁଛନ୍ତି କୋଲାବ ପ୍ରକଳ୍ପ ବିସ୍ଥାପିତ

କୋରାପୁଟ, ୧୩।୫(ସମିସ): କୋଲାବ ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ନିଜ ପୂର୍ବ ପୁରୁଷଙ୍କ ଭିଟାମାଟି ଓ ଚାଷଜମି ଛାଡ଼ିଥିବା ଆଦିବାସୀ ପରିବାରମାନେ ଆଜି ନିଜ ଜିଲ୍ଲାରେ ଶରଣାର୍ଥୀ ପରି ଜୀବନ ବିତାଉଥିବା ଅଭିଯୋଗ ହୋଇଛି । ସେମାନେ ଏହାର ନ୍ୟାୟ ଦାବି କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବିଗତ ୧୯୮୫ ମସିହାରେ ରାଜ୍ୟର ବିକାଶ ଓ ବିଦ୍ୟୁତ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସ୍ୱପ୍ନ ନେଇ ଆରମ୍ଭ ହୋଇଥିଲା କୋଲାବ ଜଳବିଦ୍ୟୁତ ପ୍ରକଳ୍ପ । କିନ୍ତୁ ଏହି ପ୍ରକଳ୍ପ ପଛରେ ଲୁଚି ରହିଛି ପ୍ରାୟ ୩୦ଟି ଆଦିବାସୀ ଗ୍ରାମର ତ୍ୟାଗ ଓ ଉତ୍ସର୍ଗୀକୃତର ବେଦନା । କୋରାପୁଟ ନିକଟସ୍ଥ ପଣ୍ଡି, ଖପ୍ରାପୁଟ, ବିରଗୁଡା, ହଳଦୀପୁଟ, ମାଛପୁଟ, ଖିଲପୁଟ ଓ ବିରିଗୁଡା ଭଳି ଅନେକ ଗ୍ରାମର ଲୋକମାନେ ରାଜ୍ୟର ବିକାଶକୁ ସମର୍ଥନ ଜଣାଇ ନିଜର ଭିଟାମାଟି ଚାଷଜମି, ଜଙ୍ଗଲ ଓ ସଂସ୍କୃତିକୁ ଜଳାଞ୍ଜଳି ଦେଇ ବିସ୍ଥାପିତ ହେବାକୁ ବାଧ ହୋଇଥିଲେ । ଏଥିପାଇଁ ସରକାର ସେମାନଙ୍କୁ କୋଟପାଡ ବ୍ଲକ ଅଧୀନ ପୁନର୍ବାସ କ୍ୟାମ୍ପ ନମ୍ବର ୪ରେ ନେଇ ଥଇଥାନ କରିଥିଲେ । ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପରିବାରକୁ ୬.୫ ଏକର ଚାଷ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା ।

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କିନ୍ତୁ ବିସ୍ଥାପିତଙ୍କ ଅଭିଯୋଗ ଅନୁସାରେ, ସରକାର ସେହି ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ କରିନାହାନ୍ତି । ପ୍ରତି ପରିବାରକୁ ୬.୫ ଏକର ବଦଳରେ ବହୁତ କମ୍ ଜମି ଦିଆଯାଇଥିବା ବେଳେ ଅବଶିଷ୍ଟ ଜମି ପାଇଁ ଦାବି କରିବାରୁ ସ୍ଥାନୀୟ ଅଧିକାରୀମାନେ ନିକଟସ୍ଥ ସରକାରୀ ପତିତ ଜମିକୁ ଉନ୍ନତ କରି ଚାଷବାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ବିସ୍ଥାପିତ ମାନେ କହିଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ଏବେ ସେମାନଙ୍କୁ ସରକାରୀ ଜମି ଦଖଲକାରୀ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜରିମାନା ଲଗାଯାଉଛି । ଏହା ସହ କୋଟପାଡ଼ ବ୍ଲକ ଅଧିନସ୍ଥ ବାତାସନା ଗ୍ରାମର କିଛି ସ୍ଥାନୀୟ ଲୋକ ସେମାନଙ୍କୁ ସେହି ଜମିରେ ଚାଷ ନ କରିବାକୁ ବାରମ୍ବାର ଧମକ ଦେଉଥିବା ବିସ୍ଥାପିତ ହୋଇଥିବା ଲୋକେ ଅଭିଯୋଗ କରୁଛନ୍ତି । ଜିଲ୍ଲାପାଳ ଯଦି ଶୀଘ୍ର ଏହାର ସ୍ଥାୟୀ ସମାଧାନ ନ କରନ୍ତି, ତେବେ ଆଗାମୀ ଦିନରେ ୮୦୦ ବିସ୍ଥାପିତ ପରିବାର ବାଧହୋଇ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଜଗୁ ମୁଦୁଲି, ଭଗବାନ ଝଡ଼ିଆ, ପୁରସ୍ତମ ମୁଦୁଲି, ପଦଲାମ ମୁଦୁଲି ଓ ରଘୁନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।



# ଠେଙ୍ଗାରେ ପିଟିପିଟି ହତ୍ୟା ଅଭିଯୋଗ, ଅଭିଯୁକ୍ତ ଗିରଫ

କାଲିମେଲା,୧୩।୫(ସମିସ): ମାଲକାନଗିରି ଜିଲ୍ଲା ଏମଭି -୭୯ ଥାନା ଅନ୍ତର୍ଗତ ଏମପିଭି - ୬୫ ଗାଁ ମଶାଣି ନିକଟରେ ଜଣେ ବ୍ୟକ୍ତିକୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ବ୍ୟକ୍ତି ଜଣକ ମାରିଗୁଡା ଗ୍ରାମର କାର୍ତାମି ଦୁଲା (୫୦) ବୋଲି ଜଣାପଡ଼ିଛି । ସୂଚନା ମୁତାବକ ଦୁଲା ବୁଧବାର ଦିନ ନିଜ କେତୁଲରେ ଶୋଇଥିବା ବେଳେ ଚେରିଗୁଡା ଗ୍ରାମର ମାଲା ମାଢ଼ି (୪୨) ନାମକ ବ୍ୟକ୍ତି ଉକ୍ତ କେତୁଲରେ ପହଞ୍ଚି ଦୁଲାକୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ । ମୃତଦେହ ନିକଟରେ ଏକ ରକ୍ତ ଭିଜା ଠେଙ୍ଗା ପଡ଼ିଥିବା ବେଳେ ଖବର ପାଇ ଏମଭି -୭୯ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ମାଲା ମାଢ଼ିକୁ ହେପାଜତକୁ ନେଇ ପଚାର ଉଚରା କରୁଥିବା ଜଣାପଡିଛି ।

# ଗରିବ ମେଧାବୀ ଛାତ୍ରୀଙ୍କ ପାଠପଢା ପାଇଁ ଉତ୍କଳ ସାମ୍ବାଦିକ ସଂଘର ସହାୟତା



କାଲିମେଲା, ୧୩।୫ (ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାର ଜଣେ ଗରିବ ଓ ମେଧାବୀ ଛାତ୍ରୀଙ୍କୁ ପାଠ ପଢାଇବା ପାଇଁ ସହାୟତା ପ୍ରଦାନ କରାଯାଇଛି । ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତର ଏମପିଭି-୮ ଗ୍ରାମର ଚାନ୍ଦିନୀ ବାକଚୀ ଚଳିତ ବର୍ଷ ଦଶମ ପରୀକ୍ଷାରେ ୯୧ ପ୍ରତିଶତ ମାର୍କ ରଖି ଏ ୧ ଗ୍ରେଡ ହାସଲ କରିଥିଲେ । ମାଲକାନଗିରି ଜିଲ୍ଲା ବ୍ୟାପୀ ବିଭିନ୍ନ ସ୍ଥାନରୁ ମୋଟ ୨୨ ଜଣ ଛାତ୍ରଛାତ୍ରୀ ଏ ୧ ଗ୍ରେଡ ହାସଲ କରିଥିବା ବେଳେ ଚାନ୍ଦିନୀ ଏହି ତାଲିକାରେ ସ୍ଥାନ ପାଇଥିଲେ । ତେବେ ଚାନ୍ଦିନୀଙ୍କ କାହାଣୀ ନିଆରା ଓ ସଂଘର୍ଷମୟ । ଗରିବ ପରିବାରରେ ରହି ପ୍ରତିକୂଳ ପରିସ୍ଥିତିରେ ବି ନିଷ୍ଠା ଓ ଏକାଗ୍ରତାର ସହ ପାଠ ପଢି ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଥିଲେ ଚାନ୍ଦିନୀ । ଏଥିରେ ୯୧ ପ୍ରତିଶତ ନମ୍ବର ରଖି ଚାନ୍ଦିନୀ ସଫଳତା ହାସଲ କରିଥିଲେ ସତ, ହେଲେ ତାଙ୍କର ଏହି ସଫଳତା ଦେଖିବା ଆଗରୁ ବାପା ସମୀର ଆରପାରିକୁ ଚାଲି ଯାଇଥିଲେ । କର୍କଟ ରୋଗରେ ପୀଡ଼ିତ ସମୀରଙ୍କ ସେବା ଓ ଚିକିତ୍ସାରେ ପରିବାର ସର୍ବସ୍ୱାନ୍ତ ହୋଇଥିଲା । ଚାନ୍ଦିନୀଙ୍କ ସଫଳତା ପରିବାର ପାଇଁ ଖୁସି ଆଣିଥିଲେ ମଧ୍ୟ ବାପାଙ୍କ ମୃତ୍ୟୁ ଓ ପରିବାର ସ୍ଥିତି ଆଗରେ ଏହି ଖୁସି ସତେ ଯେମିତି ମଉଳି ଯାଇଥିଲା । ଏପରି ସ୍ଥିତିରେ ଦୁଇ ଓଳା ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଥିବା ଏହି ପରିବାର, ମେଧାବୀ ଚାନ୍ଦିନୀଙ୍କ ପାଠପଢ଼ା ପାଇଁ ଅର୍ଥ ଯୋଗାଡ କରିବାରେ ଅକ୍ଷମ ହୋଇ ପଡ଼ିଥିଲା । ଫଳରେ ଜଣେ ମେଧାବୀ ଛାତ୍ରୀଙ୍କ ଲକ୍ଷ୍ୟ ଓ ସଫଳତାର ଯାତ୍ରା ଉପରେ ରୋକ୍ ଲାଗିବା ଭଳି ସ୍ଥିତି ଉପୁଜିଥିଲା । ଏଭଳି ପ୍ରତିକୂଳ ପରିସ୍ଥିତିରେ ଚାନ୍ଦିନୀଙ୍କ ପ୍ରେରଣାଦାୟୀ ଯାତ୍ରାକୁ ସୁଗମ କରିବା ନିମନ୍ତେ ଆଗକୁ ଆସିଛି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ । ଚାନ୍ଦିନୀଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ସହ ସମସ୍ତ ପ୍ରକାରର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘର ସଦସ୍ୟ ମାନେ । ଏଥିପାଇଁ ଆଜି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, ଉପ ସଭାପତି ପ୍ରଶାନ୍ତ ସାହୁ ଓ କାଲିମେଲା ବ୍ଲକ ସଭାପତି ଟି ସତ୍ୟନାରାୟଣ ସୁବୁଦ୍ଧିଙ୍କ ନେତୃତ୍ୱରେ ସଂଘର ଅନେକ ସଦସ୍ୟ ଏମପିଭି-୮ ଗ୍ରାମରେ ପହଞ୍ଚି ଚାନ୍ଦିନୀ ବାକ୍‌ଚୀ ଓ ତାଙ୍କ ପରିବାର ଲୋକଙ୍କୁ ଭେଟିବା ସହ ପ୍ରାଥମିକ ପର୍ଯ୍ୟାୟରେ ସଂଘ ପକ୍ଷରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଥିଲେ । ଏହା ସହ ସେ ଆଗକୁ ଯୁକ୍ତ ଦୁଇ ବିଜ୍ଞାନରେ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଏନେଇ ମଧ୍ୟ ତାଙ୍କୁ ସହଯୋଗ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହା ସହ ତାଙ୍କ ପରିବାର ପାଇଁ ସରକାରୀ ସ୍ତରରେ ସହାୟତା ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ସଂଘର ସଦସ୍ୟ ବିଦ୍ୟୁତ୍ ବୈରାଗୀ, ଜିତୁ ଦାସ, ସୌରଭ ମଣ୍ଡଳ, ଉତ୍ତମ ସରକାର, ସୁଧାଂଶୁ ମହାନ୍ତି, ରାଜେଶ୍ ବେପାରୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଅଚଳ ନଳକୂପ ମରାମତି ହେଲା

ନନ୍ଦାହାଣ୍ଡି,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମର ପାଇକ ସାହିରେ ଏକ ନଳକୂପ ପ୍ରାୟ ଏକ ମାସ ହେବ ଅଚଳ ହୋଇଥିଲା । ସାହି ବାସିନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ତଥା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜୟପ୍ରକାଶ ମିଶ୍ରଙ୍କୁ ମଧ୍ୟ ସ୍ଥାନୀୟ ଅମିତ ପାଇକ, କୁଞ୍ଜ ସୌରା , ମିଟୁ ବେହେରା, ବାବୁଲି ପାଇକ, ବାଲ୍ୟ ଗୌଡ଼ ଓ ମନୋଜ ପ୍ରଧାନ ପ୍ରମୁଖଙ୍କ ଜଣାଇବା ସହିତ ଅନୁରୋଧ ମଧ୍ୟ କରିଥିଲେ । କିନ୍ତୁ ମରାମତି ହେଇପାରୁନଥିଲା । ମଙ୍ଗଳବାର ଦିନ ଏହି ଅଚଳ ନଳକୂପକୁ ନେଇ "ସକାଳ" ଖବର କାଗଜରେ ଖବର ପ୍ରସାରଣ ପରେ ଗ୍ରାମ୍ୟ ଜଳ ଯୋଗଣ ଓ ପରିମଳ ବିଭାଗ ଯନ୍ତ୍ରୀ ତୁରନ୍ତ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇ ମରାମତି କରାଇ ଥିବାର ଉପରୋକ୍ତ ଅଭିଯୋଗକାରୀ ଓ ଗ୍ରାମବାସୀ 'ସକାଳ' ପ୍ରତିନିଧିଙ୍କୁ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜୟ ପ୍ରକାଶ ମିଶ୍ରଙ୍କୁ ସାଧୁବାଦ ଜଣାଇଛନ୍ତି ।



'ସକାଳ' ପ୍ରଭାବ

# ପଢ଼ିବେ ୧୦ ହଜାର ପ୍ରୌଢ଼ ଶିକ୍ଷାର୍ଥୀ



ମାଥିଲି, ୧୩।୫ (ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମୋଟ ୨୦ଟି ପଞ୍ଚାୟତର ଦଶ ହଜାର ପୌଢ ଶିକ୍ଷାର୍ଥି ପଢ଼ି ସାକ୍ଷର ହେବେ ବୋଲି ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି । ଏହି ନବ ସାକ୍ଷରତା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିବେ । ଲକ୍ଷ୍ୟ ହାସଲ ପାଇଁ ଆଜି ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଏକ ବୈଠକ ନେଇଥିଲେ । ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଦାସ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ସଭାରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସହ ପଞ୍ଚାୟତ ଓ ବିଦ୍ୟାଳୟ ୱାରୀ ଟାର୍ଗେଟ ପ୍ରଦାନ କରିଥିଲେ । ଅନ୍‌ଲାଇନରେ ସମସ୍ତ ପୌଢ଼ ଶିକ୍ଷାର୍ଥୀ ମାନଙ୍କ ତଥ୍ୟ ସଂଗ୍ରହ କରାଯାଇ ଅପଲୋଡ଼ ହେବ । ପ୍ରତି ବିଦ୍ୟାର୍ଥୀ ମାନଙ୍କୁ 'ଉଲ୍ଲାସ' ବହି ପ୍ରଦାନ କରିବା ସହ ପ୍ରତି ୧୦ ଜଣ ବିଦ୍ୟାର୍ଥୀ ଙ୍କ ପାଇଁ ଜଣେ ସ୍ୱେଚ୍ଛାସେବୀ ଶିକ୍ଷକ/ଶିକ୍ଷୟିତ୍ରୀ ଗ୍ରାମ ସ୍ତରରେ ରହି ଶିକ୍ଷାଦାନ କରିବା କାର୍ଯ୍ୟକ୍ରମ ରହିଛି । ଗୋଟିଏ ବର୍ଷରେ ପୌଢ ଶିକ୍ଷା ବା ନବ ସାକ୍ଷରତା କାର୍ଯ୍ୟକ୍ରମ ଦୁଇ ଥର ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ସମସ୍ତଙ୍କ ପାଇଁ ଶିକ୍ଷା, ଆଗକୁ ବଢ଼ିବା ଓ ଗଢ଼ିବା ପାଇଁ ଓ ସମସ୍ତେ ସାକ୍ଷର ହୋଇ ପ୍ରମାଣ ପତ୍ର ହାସଲ କରିଲେ ଆଗାମୀ ଦିନରେ ଲକ୍ଷ୍ୟ ହାସଲ ହୋଇ ପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ସିଆରସିସି ଯୋଗ ଦେଇଥିଲେ ।

● ଜାତିରେ ମିଶିବା ପାଇଁ ଯୁବକ ହୋଇଥାନ୍ତେ ଲଣ୍ଡା

# ଥାନାକୁ ନେଇ ବୁଝାଇଲେ ପୁଲିସ

କୋରାପୁଟ,୧୩।୫(ସମିସ): ଦୀର୍ଘଦିନ ଧରି ଅନ୍ୟ ଜାତିର ଝିଅ ସହ ସମ୍ପର୍କରେ ଥିଲା । ତାକୁ ଛାଡି ପୁଣି ନିଜ ସ୍ତ୍ରୀକୁ ଘରେ ରଖିବା ପାଇଁ କୁଳ ସମାଜ ଲୋକଙ୍କ ସହ ଆଲୋଚନା ଚାଲିଥିଲା । ଜାତିକୁ ଫେରିବା ପାଇଁ ପ୍ରଥା ଅନୁସାରେ ସେ ଲଣ୍ଡା ହୋଇଥାନ୍ତେ ଏବଂ ଭୋଜିଭାତ ବି ଦେଇଥାନ୍ତେ । କିନ୍ତୁ ଏହା ପୂର୍ବରୁ ପୁଲିସ ସେଠାରେ ପହଞ୍ଚି ସମସ୍ତଙ୍କୁ ଥାନାକୁ ନେଇ ବୁଝାସୁଝା କରିଥିବା ଜଣାପଡ଼ିଛି । ଏଭଳି ଘଟଣା କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତର କୋଲାବ ଗାଁରେ ଦେଖିବାକୁ ମିଳିଛି । କୋଲାବ ଗ୍ରାମର ଭଗତ ରାମ ମାଳି ୧୨ ବର୍ଷ ତଳେ ନିଜ ମାଳି ଜାତିର ଏକ ଝିଅକୁ ନୀତି ନିୟମ ଅନୁସାରେ ବାହା ହୋଇଥିଲେ । ଭଗତରାମର ତିନୋଟି ସନ୍ତାନ ଅଛନ୍ତି । କିନ୍ତୁ କିଛି ବର୍ଷ ହେବ ସେ ଅନ୍ୟଜାତିର ଏକ ଝିଅକୁ ପ୍ରେମ ବିବାହ କରିଥିଲେ । ଏ କଥା ଜାଣିପାରି ଭଗତରାମର ପ୍ରଥମ ସ୍ତ୍ରୀ ପିଲାଙ୍କୁ ଧରି ନିଜ ବାପ ଘରେ ଯାଇ ରହୁଥିଲେ । ଭଗତରାମ ଅନ୍ୟ ଜାତିର ସେ ଝିଅକୁ ଛାଡପତ୍ର ଦେଇଦେଲି ଆଉ ସମ୍ପର୍କ ନାହିଁ କହି ପ୍ରଥମ ସ୍ତ୍ରୀକୁ ଗ୍ରାମକୁ ଡକାଇଥିଲେ । ପ୍ରଥମ ପତ୍ନୀ ଜଣକ ପିଲାଙ୍କୁ ଧରି ସମ୍ପର୍କୀୟ ଙ୍କ ସହ କାପଲଡା ଗ୍ରାମରୁ କୋଲାବ ଆସିଥିଲେ । ଉଭୟ ଗ୍ରାମର ସମ୍ପର୍କୀୟ ମାନେ ଗାଁ ମୁଣ୍ଡରେ ବସି ଅନ୍ୟଜାତିର ଝିଅକୁ ପ୍ରେମ ବିବାହ କରିଥିବାରୁ ପୁଣି କୁଳ ପ୍ରଥା ଅନୁସାରେ ଜାତିରେ ମିଶିବାକୁ ଆଲୋଚନା କରୁଥିଲେ । ଅନ୍ୟ ଜାତିରେ ଦ୍ୱିତୀୟ ବିବାହ କରିଥିବାରୁ ତାଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା । ଆଜି ତାଙ୍କୁ ପୁନଶ୍ଚ ଜାତିରେ ମିଶାଇବା ପାଇଁ ଗାଁ ଦାଣ୍ଡରେ ଏକ ବୈଠକ ବସିଥିଲା । ଏହି ବୈଠକରେ ସମାଜର ନାୟକ, ମୁଖିଆ ଓ ବରିଷ୍ଠ ବ୍ୟକ୍ତିମାନଙ୍କ ସହ ପ୍ରଥମ ସ୍ତ୍ରୀ ଉପସ୍ଥିତ ଥିଲେ । ସମାଜର ପୁରୁଣା ପ୍ରଥା ଅନୁସାରେ, ଯୁବକ ଜଣକ ମୋଟା ଅଙ୍କର ଟଙ୍କା ଦେବା ସହ ଭୋଜିଭାତର ବ୍ୟବସ୍ଥା କରିଥାନ୍ତେ । ତାଙ୍କୁ ସର୍ବସମ୍ମୁଖରେ "ଲଣ୍ଡା" କରାଯିବାର ନିଷ୍ପତ୍ତି ହୋଇଥିଲା । ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ସଦଳବଳେ କୋରାପୁଟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଭାଗତରାମଙ୍କୁ ସିଧା ଥାନାକୁ ନେଇ ଆସିଥିଲା । ତା ସହ ସମ୍ପର୍କୀୟଙ୍କୁ ମଧ୍ୟ ଥାନାକୁ ଡକାଇଥିଲେ । ଏଭଳି ପ୍ରଥା ସମ୍ପୂର୍ଣ୍ଣ ଆଇନ ବିରୋଧୀ ବୋଲି ପୁଲିସ ଗ୍ରାମବାସୀଙ୍କୁ ବୁଝାଇଥିଲା । ଯୁବକଙ୍କୁ ଥାନାକୁ ନେଇ କଡ଼ା ଚେତାବନୀ ଦେବା ସହ ସଚେତନ କରାଯିବ ବୋଲି ସଦର ଥାନା ଆଇଆଇସି ରୁନୁ ମାଝୀ ସୂଚନା ଦେଇଛନ୍ତି । କିଛି ମାସ ପୂର୍ବେ କୋରାପୁଟ ସଦର ଥାନା ଅଞ୍ଚଳରେ ଏଭଳି ଏକ ଘଟଣାରେ ଜଣେ ଯୁବକ ଲଣ୍ଡା ହୋଇଥିବା ଖବର ମଧ୍ୟ ଚର୍ଚ୍ଚାକୁ ଆସିଥିଲା ।



● 'ଆକାଶବାଣୀ'ର ୯୦ ବର୍ଷ ପୂର୍ତ୍ତି ଉତ୍ସବ

# ଜୟପୁର କେନ୍ଦ୍ରରେ ସୁଗମ ସଙ୍ଗୀତ କାର୍ଯ୍ୟକ୍ରମ

ଜୟପୁର, ୧୩।୫(ସମିସ) : କୋରାପୁଟ ଜିଲ୍ଲା 'ଆକାଶବାଣୀ' ଜୟପୁର କେନ୍ଦ୍ର ଠାରେ 'ଆକାଶବାଣୀ'ର ୯୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତକାଲି ସଂଧ୍ୟାରେ କେନ୍ଦ୍ରର ରଙ୍ଗମଞ୍ଚରେ ଏକ ସୁଗମ ସଙ୍ଗୀତ ସମାରୋହର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦ୍ରର ବରିଷ୍ଠ ଉଦ୍‌ଘୋଷକ ରଞ୍ଜନ କୁମାର ବେହେରା ପ୍ରାରମ୍ଭିକ ସୂଚନା ଦେବା ସହିତ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତୃପ୍ତି ବରିଆ ଯୋଗ ଦେଇଥିଲେ । ଏହି ଅବସରରେର ସମ୍ମାନିତ ଅତିଥି ଭାବେ ଆକାଶବାଣୀ ଜୟପୁର କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ କୁମାର ପୂଜାରୀ ନିଜ ବକ୍ତବ୍ୟ ମାଧ୍ୟମରେ ରେଡ଼ିଓର ଇତିହାସ ସମ୍ପର୍କରେ ଅବଗତ କରିଥିଲେ । ସୁଗମ ସଙ୍ଗୀତ ସମାରୋହରେ ଆକାଶବାଣୀ ଜୟପୁର କେନ୍ଦ୍ରର ସ୍ୱୀକୃତି ପ୍ରାପ୍ତ କଳାକାର ମାନେ ସୁନ୍ଦର ଭାବେ ସୁଗମ ସଙ୍ଗୀତ ପରିବେଷଣ କରିଥିଲେ । ଏଥିରେ ଗାୟକ ଓ ଗାୟିକା ଭାବେ ଅନ୍ୱୟୀ ପଟ୍ଟନାୟକ, ପ୍ରଜ୍ଞା ପ୍ରିୟଦର୍ଶନୀ ପଣ୍ଡା, ସଂଜୀବନି ପଣ୍ଡା, ଯୋଗେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଅଧିକାରୀ, ଗୋପୀନାଥ ମହାପାତ୍ର, ଡ. ଚନ୍ଦନ ଗନ୍ତାୟତ ଗାୟକ କଣ୍ଠଦାନ କରିଥିଲେ । ବିଭିନ୍ନ ବାଦ୍ୟଯନ୍ତ୍ରରେ ସନ୍ତୋଷ କୁମାର ରାଓ, ଇନ୍ଦର ସିଂ, ଭି. କୁରୁମନାଦମ, ହିମାଂଶୁ ଶତପଥୀ, ରାହୁଲ ସାମନ୍ତରାୟ, କେ. ଈଶ୍ୱର ସରାଫ, ଏମ୍‌ଜି ଜ୍ୟୋତିର୍ମୟ, ତରୁଣପାଣି ପାତ୍ର, ସୁକମନ ସଗରିଆ ଏବଂ ଆଶୁତୋଷ ସାନ୍ତପାତ୍ର ସହଯୋଗ କରିଥିଲେ । ଏହି ସୁଗମ ସଙ୍ଗୀତ ସମାରୋହକୁ ଆମ କେନ୍ଦ୍ରର ଟପ୍ ଗ୍ରେଡ ମ୍ୟୁଜିକ କମ୍ପୋଜର ବିଜୟ କୁମାର ସାମନ୍ତରାୟ ଏହି ସୁଗମ ସଙ୍ଗୀତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ(ଇଞ୍ଜିନିୟରିଂ) ବିଭାଗ ବିଲୁଅ ମଙ୍ଗଳ ପ୍ରଧାନ ଉପସ୍ଥିତ ଦର୍ଶକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆକାଶବାଣୀ ଜୟପୁର କେନ୍ଦ୍ରର ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



## ସରିଲା ନବରାତ୍ର ଘଟଯାତ୍ରା

# ସ୍ଥାୟୀ ମନ୍ଦିରକୁ ଫେରିଲେ ମା' ଅଗ୍ନି ଗାଙ୍ଗମା'



ସେମିଳିଗୁଡ଼ା,୧୩।୫ (ସମିସ) ୯ ଦିନ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା ପାଇବା ପରେ ସ୍ଥାୟୀ ମନ୍ଦିରକୁ ମା' ଅଗ୍ନି ଗାଙ୍ଗମା ଫେରିଛନ୍ତି । କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଆରାଧ୍ୟା ଦେବୀ ଅଗ୍ନି ଗାଙ୍ଗମା ଯାତ୍ରା ମେ ୩ ତାରିଖରୁ ଚାଲିଥିଲା ଓ ଗ୍ରାମ ଦେବୀ ମା' ଗାଙ୍ଗମାଙ୍କ ନବରାତ୍ର ଘଟଯାତ୍ରା ବୁଧବାର ଶେଷ ହୋଇଛି । ୯ ଦିନ ଧରି ଘଟଯାତ୍ରା ଧୁମ୍‌ଧାମରେ ପାଳନ ହୋଇଯାଇଛି । ଅସ୍ଥାୟୀ ମଣ୍ଡପରେ ମା' ଗ୍ରାମବାସୀଙ୍କୁ ଦର୍ଶନ ଦେଇପୂଜା ପାଇଥିଲେ । ମେ ୩ରେ ରବିବାର ସକାଳୁ କମିଟି ପକ୍ଷରୁ ସହରର ଲୋକଙ୍କୁ ନେଇ ପୂଜାରୀ ଘର ପହଞ୍ଚି ପୂଜାରୀ ପରିବାର ବର୍ଗଙ୍କୁ ଧରି ମା'ଙ୍କ ମନ୍ଦିର ଯାଇଥିଲେ । ସେଠାରେ ପୂଜା ଅର୍ଚ୍ଚନା କରାଯାଇ ଅଗ୍ନିଗଙ୍ଗାମାଙ୍କୁ ଆହ୍ୱାନ କରାଯାଇଥିଲା । ସେହିପରି ସହରର ବିଭିନ୍ନ ଠାକୁରାଣୀ ମନ୍ଦିରକୁ ପହଞ୍ଚି ପୂଜାର୍ଚ୍ଚନା କରାଯାଇଥିଲା । ୪ ତାରିଖ ସୋମବାର ଦିନ ମା'ଙ୍କ ଘଟକୁ ମନ୍ଦିରରୁ ପୂଜାରୀ ଘରକୁ ନିଆଯାଇଥିଲା ଓ ସେଦିନ ରାତ୍ରିରେ ଦୁର୍ଗା ମନ୍ଦିରକୁ ମା'ଙ୍କ ଘଟକୁ ନେଇ ପରେ ୫ ତାରିଖ ସନ୍ଧ୍ୟା ରେ ଅସ୍ଥାୟୀ ମଣ୍ଡପରେ ପ୍ରତିଷ୍ଠା କରାଯାଇଥିଲା । ଅସ୍ଥାୟୀ ମଣ୍ଡପରେ ୯ ଦିନ ମା'ଙ୍କ ଘଟ ପ୍ରତିଷ୍ଠା କରାଯାଇଥିଲା । ୯ ଦିନ ଘଟ ସହରର ବିଭିନ୍ନ ସାହି ପରିକ୍ରମା କରିଥିଲା । ପଞ୍ଚମ ଦିନ ମା'ଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା ଓ ଯାତ୍ରା ପାଇଁ ସହର ସାରା ରଙ୍ଗବେରଙ୍ଗ ଏଲ୍‌ଇଡି ଲାଇଟ୍‌କୁ ସାଜସଜ୍ଜା କରାଯାଇଥିଲା । ଲୋକକୁ ଉତ୍ସାହିତ କରିବା ପାଇଁ କମିଟି ଦ୍ୱାରା ମୀନା ବାଜାରର ମଧ୍ୟ ଆୟୋଜାନ କରାଯାଇଥିଲା । ଶେଷ ଦିନରେ ଅସ୍ଥାୟୀ ମଣ୍ଡପରେ ଥିବା ମା'ଙ୍କ ଘଟକୁ ନଗର ପରିକ୍ରମା କରି ମନ୍ଦିରକୁ ନିଆଯାଇଥିଲା । ସେହି ସମୟରେ ଅନ୍ଧାରୀ ବେଶ, ବାଜାକୁ ନେଇ ରୋଡ ସୋ' ଆୟୋଜନ କରାଯାଇଥିଲା । ଘଟ ମନ୍ଦିରରେ ପହଞ୍ଚିବା ପରେ ମା'ଙ୍କୁ ନିଆଁ ଦିଆଯାଇଥିଲା । ନବରାତ୍ର ଘଟଯାତ୍ରାରେ ଆନ୍ଧ୍ର, ଛତିଶଗଡ ରାଜ୍ୟ ଓ ରାଜ୍ୟର ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ମନ୍ଦିର ଅଞ୍ଚଳରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ । ପରେ ଘଟ ମନ୍ଦିରରେ ବିସର୍ଜନ କରିଥିଲେ । ଯାତ୍ରା ଶେଷ ଅବସରରେ ମେଲୋଡିର ଆୟୋଜନ କରାଯାଇଥିଲା । କୋରାପୁଟ ବିଧାୟକ ରଘୁରାମ ମାଛ ଅନ୍ୟ ମାନେ ଯୋଗ ଦେଇଥିଲେ । ଥାନା ଅଧିକାରୀ ଅମିତା କୁଜୁରଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଆଇନ ଶୃଙ୍ଖଳାର ଦାୟିତ୍ୱ ତୁଲାଇ ଥିଲେ । ଯାତ୍ରାର ମୁଖ୍ୟ ପରିଚାଳିକ ଏଲ୍.ପ୍ରଦୀପ ପାତ୍ର, ଶିବା ବାଙ୍ଗରୀ, ବି. ସନ୍ତୋଷ, କିଶୋର, ଅଶୋକ ପ୍ରଧାନ, ରାମ କୃଷ୍ଣା, ଶ୍ରୀନିବାସ, ଅମିତ୍ ଅଗ୍ରୱାଲ, ଉମା, କାଶୀ ପ୍ରସାଦ ପ୍ରମୁଖ ଯାତ୍ରା ସଫଳ କରିବା ପାଇଁ ଉଦ୍ୟମ କରିଥିବାରୁ ବିଭିନ୍ନ ମହଲରୁ ପ୍ରଶଂସା ମିଳିଛି ।



SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/05 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ଗ୍ରେଡ୍ |
| --- | --- | --- |
| ବାଣିଜ୍ୟ ଆର୍ଥିକ ଅଧିକାରୀ | 100 | ଏମ୍‌ଏମ୍‌ଜିଏସ୍-II |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/ careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi.in/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 13.05.2026 ରୁ 02.06.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 13.05.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଶୃଙ୍ଖଳିତ ମନ ହିଁ ଜୀବନରେ ଆନନ୍ଦ ଆଣିପାରିବ ।
-ଗୌତମ ବୁଦ୍ଧ

## ସରକାରୀ ଶିକ୍ଷାର ଗତି

ସରକାରୀ ଶିକ୍ଷା ବ୍ୟବସ୍ଥାର ସ୍ଥିତି କ'ଣ ଏବଂ ଗତି କୁଆଡ଼େ? ଗତ ଦଶନ୍ଧି(୨୦୧୪-୧୫ ରୁ ୨୦୨୪-୨୫)ରେ ଶିକ୍ଷାର ଅଗ୍ରଗତି ସମ୍ପର୍କିତ ନିତି ଆୟୋଗଙ୍କ ସଦ୍ୟତମ ରିପୋର୍ଟରୁ ଏହି ପ୍ରଶ୍ନର ଏକ ସହଜ ଓ ସାବଲୀଳ ଉତ୍ତର ମିଳିଯିବ । ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ, ୟୁଡାଇଜ୍(ଜିଲ୍ଲାଭିତ୍ତିକ ଶିକ୍ଷା ସୂଚନା ବ୍ୟବସ୍ଥା), ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ପରଖ୍ ରାଷ୍ଟ୍ରୀୟ ସର୍ବେକ୍ଷଣ, 'ପ୍ରଥମ'(ସ୍ୱେଚ୍ଛାସେବୀ ସଂସ୍ଥା)ର ବାର୍ଷିକ ଶିକ୍ଷା ବିବରଣୀ ଆଦିକୁ ନିତି ଆୟୋଗ ଆଧାର ରୂପେ ଗ୍ରହଣ କରିଥିବାରୁ ଏହାକୁ ବିଭ୍ରାନ୍ତିକର କିମ୍ବା କପୋଳକଳ୍ପିତ କୁହାଯାଇପାରିବ ନାହିଁ ।

ନିତି ଆୟୋଗର ଏହି ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶିକ୍ଷା ବ୍ୟବସ୍ଥା କ୍ରମଶଃ ସରକାରୀ କ୍ଷେତ୍ରରୁ ଘରୋଇ ମୁହାଁ ହେବାରେ ଲାଗିଛି । ୨୦୧୪-୧୫ରେ ସରକାରୀ ବିଦ୍ୟାଳୟରେ ନାମ ଲେଖା ହାର ୫୪.୩% ଥିବା ବେଳେ ୨୦୨୪-୨୫ ସୁଦ୍ଧା ତାହା ୪୯.୨୫ ପ୍ରତିଶତକୁ ହ୍ରାସ ପାଇଛି । ଅପରପକ୍ଷରେ ବିଗତ ଦଶବର୍ଷ ମଧ୍ୟରେ ଘରୋଇ ବିଦ୍ୟାଳୟରେ ନାମ ଲେଖା ହାର ୩୧.୭% ରୁ ୩୮.୮%କୁ ବୃଦ୍ଧି ପାଇଛି । ବାକି ୧୧.୨୫ ପ୍ରତିଶତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ କିମ୍ବା ମିଶନ୍ ସ୍କୁଲ୍ କିମ୍ବା ମଦ୍ରାସାରେ ନାମ ଲେଖାଇଛନ୍ତି । ଆହୁରି ଏକ ଦଶନ୍ଧି ପଛକୁ ଯାଇ ତୁଳନା କଲେ ଆଜିର ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ଆସ୍ଥାର ସ୍ଖଳନ ଆହୁରି ସ୍ପଷ୍ଟ ହେଉଛି । ୨୦୦୫ରେ ସରକାରୀ ବିଦ୍ୟାଳୟରେ ନାମ ଲେଖା ହାର ୭୧% ଥିବା ବେଳେ ଏବେ ୫୦% ତଳକୁ ଖସି ଆସିବା ନିଶ୍ଚୟ ଆମ ରାଜନୈତିକ ଇଚ୍ଛାଶକ୍ତି ଉପରେ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଇଛି ।

ସରକାରୀ ବିଦ୍ୟାଳୟରେ ନାମ ଲେଖା ହାର ହ୍ରାସ ପାଇବା ଏବଂ ଘରୋଇ ବିଦ୍ୟାଳୟମାନଙ୍କରେ ବୃଦ୍ଧି ପାଇବା ପଛରେ ଯେଉଁ କାରଣମାନ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ସେଥିମଧ୍ୟରେ ଜନସାଂଖ୍ୟିକ ପରିବର୍ତ୍ତନ, ପରିବାର ନିୟନ୍ତ୍ରଣ, ସ୍କୁଲ୍ ମିଶ୍ରଣ ଆଦି ରହିଛି । କିନ୍ତୁ ସେହି ରିପୋର୍ଟରେ ଆହୁରି ମଧ୍ୟ ଏକ ଚିନ୍ତାଉଦ୍ରେକକାରୀ କାରଣ ରହିଛି । ରିପୋର୍ଟ ଅନୁଯାୟୀ ୨୦୧୪-୧୫ରେ ଦେଶରେ ମୋଟ ୧୧ ଲକ୍ଷ ୭ ହଜାର ସରକାରୀ ବିଦ୍ୟାଳୟ ଥିବା ବେଳେ ୨୦୨୪-୨୫ରେ ତାହା ୧୦ ଲକ୍ଷ ୧୩ ହଜାରକୁ ଅର୍ଥାତ୍ ୮% ହ୍ରାସ ପାଇଛି । ଅପରପକ୍ଷରେ ସମାନ ସମୟରେ ଘରୋଇ ବିଦ୍ୟାଳୟ ସଂଖ୍ୟାରେ ୧୮% ବୃଦ୍ଧି ପାଇ ୩ ଲକ୍ଷ ୩୯ ହଜାରରେ ପହଞ୍ଚିଛି । ଅଧୁନା ଘରୋଇ ବିଦ୍ୟାଳୟ ଏକ ଲାଭଦାୟକ ଶିକ୍ଷାବଜାରରେ ପରିଣତ ହୋଇଥିବାରୁ ଏହି ଅଭିବୃଦ୍ଧି ଅସ୍ୱାଭାବିକ ନୁହେଁ । କିନ୍ତୁ ଏହି ବ୍ୟବସାୟକୁ ସୁହାଉଛି ସରକାରୀ ବିଦ୍ୟାଳୟର ଅବକ୍ଷୟମୁଖୀ ଧାରା ।

ଏହାଛଡ଼ା ମାଧ୍ୟମିକ ଶ୍ରେଣୀରେ ଡ୍ରପ୍ଆଉଟ୍ ବା ବିଦ୍ୟାଳୟ ଛାଡ଼ିବା ହାର ଗତ ଦଶନ୍ଧିରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ନିତି ଆୟୋଗ ରିପୋର୍ଟ ଦର୍ଶାଇଛି । ଏହାର କାରଣ ରୂପେ ପାରିବାରିକ ଆର୍ଥିକ ସମସ୍ୟାକୁ ମୁଖ୍ୟ ରୂପେ ଦର୍ଶାଯାଇଛି । ଶିକ୍ଷା ଅଧିକାର ଆଇନରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଥିବାରୁ ଅଷ୍ଟମ ଶ୍ରେଣୀ ପରେ ଡ୍ରପ୍ଆଉଟ୍ ହାର ବଢୁଥିବା ରିପୋର୍ଟ କହୁଛି । କିନ୍ତୁ ବାସ୍ତବତା ହେଉଛି ଦେଶର ମୋଟ ସରକାରୀ ବିଦ୍ୟାଳୟରୁ ମାତ୍ର ୫%ରେ ହିଁ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ଶ୍ରେଣୀ ବ୍ୟବସ୍ଥା ରହିଛି ବା ପାଠପଢ଼ା ହେଉଛି । ଗମନାଗମନରେ ଅସୁବିଧା ହେତୁ ଅନେକ ପିଲା ପ୍ରାଥମିକ ଶିକ୍ଷା ପରେ ପାଠପଢ଼ାରେ ଡୋରୀ ବାନ୍ଧିବାକୁ ବାଧ୍ୟ ହେଉଛନ୍ତି ।

ସରକାରୀ ବିଦ୍ୟାଳୟ ଶିକ୍ଷାର ଅଧୋଗତି ସମ୍ପର୍କରେ କାରଣ ଦର୍ଶାଇବା ବେଳେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନିତି ଆୟୋଗ ଏଡ଼ାଇ ଯାଇଥିବା କିମ୍ବା ଭୁଲି ଯାଇଥିବା ମନେ ହୁଏ । ମୁଖ୍ୟତଃ ଅଭିଭାବକମାନେ ସରକାରୀ ବିଦ୍ୟାଳୟରୁ ଘରୋଇ ବିଦ୍ୟାଳୟ ମୁହାଁ ହେବା ପଛର ମୂଳ କାରଣ ହେଉଛି ସରକାରୀ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି ଓ ଶିକ୍ଷାର ମାନ । କେଉଁଠି ବସିବାକୁ ଘର ନାହିଁ ତ କେଉଁଠି ଜଣେ ଶିକ୍ଷକ ଏକାଧିକ ଶ୍ରେଣୀକୁ ଏକାସାଙ୍ଗରେ ପଢ଼ାଇବାକୁ ପଡୁଛି । ପୁଣି କେଉଁଠି ନଦୀ ନାଳ ପାର ହୋଇ ଛାତ୍ରଛାତ୍ରୀ ବିଦ୍ୟାଳୟ ଆସୁଥିଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଅନୁପସ୍ଥିତ ରହୁଛନ୍ତି କିମ୍ବା ଆଦୌ ନାହାନ୍ତି । ଅନେକ ସମୟରେ ସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସରକାରୀ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ ଆଦିରେ ବ୍ୟସ୍ତ ରହୁଛନ୍ତି । ଆହୁରି ମଧ୍ୟ ଶିକ୍ଷାବର୍ଷର ଅନେକ କାର୍ଯ୍ୟଦିବସ ଓ କାର୍ଯ୍ୟଘଣ୍ଟା ସରକାରୀ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଧର୍ମଘଟ ଆନ୍ଦୋଳନରେ ଅପଚୟ ହେଉଛି । କେତେକ ଅଞ୍ଚଳରେ ଗୋଟିଏ ଭାଷା ବା ବିଷୟର ଶିକ୍ଷକ ଏକାଧିକ ବିଷୟ ପଢ଼ାଇବାକୁ ପଡୁଛି । ଯଦି ଜଣେ ସାହିତ୍ୟ କିମ୍ବା ସଂସ୍କୃତ କିମ୍ବା ଇଂରାଜୀ ଶିକ୍ଷକ ବିଜ୍ଞାନ ଓ ଗଣିତ ପଢ଼ାଇବେ ତେବେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣର ଗୁଣାତ୍ମକ ମାନ କେତେ ତାହା ଅନୁମେୟ । ତେଣୁ ସରକାରୀ ବିଦ୍ୟାଳୟ କେବଳ ମଧ୍ୟାହ୍ନ ଭୋଜନ ଓ ଶସ୍ତା ଶିକ୍ଷାଦାନର ପରିଚୟ ଭିତରେ ସୀମିତ ରହିଯାଇଛି । ଏହି କାରଣରୁ ଖର୍ଚ୍ଚାନ୍ତ ହେବା ସତ୍ତ୍ୱେ ଧାର ଉର୍ଦ୍ଧ୍ୱାର କରି ଅଭିଭାବକମାନେ ନିଜ ନିଜ ପିଲାର ଭବିଷ୍ୟତକୁ ଉଜ୍ଜ୍ୱଳ ଓ ସମ୍ଭାବନାମୟ କରିବା ପାଇଁ ଘରୋଇ ବିଦ୍ୟାଳୟମୁହାଁ ହେଉଛନ୍ତି ।

ଏ ସବୁର ଉର୍ଦ୍ଧ୍ୱରେ ରହିଛି ଛାତ୍ରଛାତ୍ରୀ ଓ ଅଭିଭାବମାନଙ୍କ ହୀନମନ୍ୟତା ବୋଧ । ପଡ଼ିଶା ଘରର ପିଲା ସୁଟ୍‌ବୁଟ୍ ପିନ୍ଧି ଗାଡ଼ିରେ ଚଢ଼ି ଦାମୀ ଆକର୍ଷଣୀୟ ସ୍କୁଲ୍ ବ୍ୟାଗ୍ ଓ ୟୁନିଫର୍ମ ପିନ୍ଧି ପଢ଼ିବାକୁ ଯିବ; ଅଥଚ ଆମ ପିଲା ଚପଲ୍ ପିନ୍ଧି କାନ୍ଧରେ ପରିବା ବ୍ୟାଗ୍‌ରେ ବହି ପୂରାଇ ସରକାରୀ ସ୍କୁଲ୍‌କୁ ଯିବ? ଆତ୍ମଗୌରବ ଓ ଉଚ୍ଚ ପରିଚୟବୋଧର ଏହି ହୀନମନ୍ୟତା ଯୋଗୁଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଟିଏ ମଧ୍ୟ ତା' ପିଲାକୁ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବାକୁ ଉଚିତ ମଣୁଛି । ଅଭିଭାବକଙ୍କ ମନରେ ଆଉ ଏକ ଧାରଣା ରହିଛି ଯେ ପିଲା ଯଦି ଇଂରାଜୀ ନ କୁହେ ତେବେ ତା' ଜୀବନ ନିରର୍ଥକ ଓ ଭବିଷ୍ୟତ ଅନ୍ଧାର । ପଡ଼ୋଶୀ ଘରର ଇଂରାଜୀ କହୁଥିବା, ମମି ଡାଡି ଡାକୁଥିବା ସମବୟସ୍କ ପିଲା ସହିତ ଓଡ଼ିଆରେ କଥାବାର୍ତ୍ତା କରୁଥିବା ନିଜ ପିଲା ସହିତ ତୁଳନା କଲା ବେଳେ ସାଧାରଣ ଅଭିଭାବକ ଟିଏ ହତାଶ ହୁଏ । ସାମାଜିକ ପ୍ରତିପତ୍ତିରେ ପଛରେ ପଡ଼ିଯିବାର ଏହି ହତାଶାବୋଧ ଓ ମାନସିକତା ସରକାରଙ୍କୁ ସୁହାଏ ଏବଂ କମ୍ ପିଲା ଆସୁଥିବା ସରକାରୀ ବିଦ୍ୟାଳୟଗୁଡ଼ିକର ଏକତ୍ରୀକରଣ ବା ମିଶ୍ରଣ କରିବାର ବାଟ ଫିଟେ ।

ତେଣୁ ସରକାରୀ ଶିକ୍ଷା ବ୍ୟବସ୍ଥାର ସମସ୍ୟା କୌଣସି ଗୋଟିଏ ଦୁଇଟି କ୍ଷେତ୍ରରେ ନୁହେଁ, ବରଂ ତୃଣମୂଳସ୍ତରରୁ ଆରମ୍ଭ ହୋଇ ଗତ ୭୮ ବର୍ଷ ଭିତରେ ତା'ର ଚେର ଏତେ ଗଭୀର ହୋଇସାରିଛି ଯେ ସମସ୍ୟାର ମୂଳୋତ୍ପାଟନ ଏକପ୍ରକାର ଦୁରୂହ ବ୍ୟାପାର କିନ୍ତୁ ଅସମ୍ଭବ ନୁହେଁ । ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ନିଷ୍ଠା ବଳରେ ଏହି ସମସ୍ୟାର ମୂଳୋତ୍ପାଟନ ସମ୍ଭବ ।

## ଭାରତରେ ଶକ୍ତିସଙ୍କଟ ଓ ସମାଧାନ

ବିଦ୍ୟାଧର ମହାରଣା

ଯେକୌଣସି ଦେଶରେ ଶକ୍ତି ହେଉଛି ବିକାଶର ମୌଳିକ ଆବଶ୍ୟକତା । ପଦାର୍ଥ ବିଜ୍ଞାନ ନିୟମ ଅନୁଯାୟୀ ଶକ୍ତି ସୃଷ୍ଟି କରାଯାଇ ପାରିବ ନାହିଁ କି ବିଲୋପ କରାଯାଇ ପାରିବ ନାହିଁ । ଶକ୍ତି କେବଳ ଗୋଟିଏ ଆକାରରୁ ଅନ୍ୟକୁ ରୂପାନ୍ତରିତ ହୋଇପାରେ । ଯେପରିକି ବିଦ୍ୟୁତ ଶକ୍ତିରୁ ଆଲୋକ ଶକ୍ତି ଓ ରାସାୟନିକ ଶକ୍ତିରୁ ଯାନ୍ତ୍ରିକ ଶକ୍ତି । ବ୍ୟବହାରିକ ଦୃଷ୍ଟିରୁ ଆମେ ଶକ୍ତିକୁ ନବୀକରଣ ଓ ନବୀକରଣ ଅଯୋଗ୍ୟ ଶକ୍ତି ହିସାବରେ ବିଭକ୍ତ କରୁ । ପବନ ଓ ସୌର ଶକ୍ତି ହେଉଛି ନବୀକରଣ ଯୋଗ୍ୟ ବା ଅକ୍ଷୟ ଶକ୍ତି । କିନ୍ତୁ ଜୀବାଶ୍ମ ଆଧାରିତ ଶକ୍ତି ନବୀକରଣ ଅଯୋଗ୍ୟ । ଭାରତରେ ଅଧିକ ଜନସଂଖ୍ୟା ବୃଦ୍ଧି, ଶିଳ୍ପବିକାଶ ଓ ଦ୍ରୁତ ସହରୀକରଣ ଯୋଗୁଁ ଶକ୍ତିର ଆବଶ୍ୟକତା ବୃଦ୍ଧି ପାଉଛି ଏବଂ ସେହି ଅନୁପାତରେ ଶକ୍ତି ଉପଲବ୍ଧ ହୋଇପାରୁନାହିଁ । ଏପରି ଅନ୍ତରକୁ ଭରଣା କରିବା ପାଇଁ କୋଇଲା, ପେଟ୍ରୋଲ, ଗ୍ୟାସ୍ ଓ ଡିଜେଲ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡୁଛି ।

ଭାରତରେ ବର୍ତ୍ତମାନ ବିଦ୍ୟୁତ ଶକ୍ତି ଚାହିଦା ୨୫୬ ଗିଗାୱାଟ୍, ଯାହା ୨୦୩୫-୩୬ ବେଳକୁ ୪୫୯ ଗିଗାୱାଟ୍ ହେବାର ଅନୁମାନ କରାଯାଉଛି । ବର୍ତ୍ତମାନ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ୧୩୯୫ କିଲୋୱାଟ ଘଣ୍ଟା ପ୍ରତି । ବର୍ତ୍ତମାନ ସୁଦ୍ଧା ଦେଶରେ ୫୨୦ ଗିଗାୱାଟ୍ ଶକ୍ତି ଉତ୍ପନ୍ନ ପାଇଁ ଭିତ୍ତିଭୂମି ସ୍ଥାପନ କରାଯାଇଛି, ଯାହା ୨୦୩୫-୩୬ ବେଳକୁ ୧୧୨୧ ଗିଗାୱାଟ୍ ପର୍ଯ୍ୟନ୍ତ ପହଞ୍ଚିବା ଆଶା କରାଯାଏ । ଆମ ଦେଶରେ ୨୦୧୩-୧୪ ବେଳକୁ ଶକ୍ତି ନିଅଣ୍ଟ ୪.୨% ଥିବା ବେଳେ ସମ୍ପ୍ରତି ଏହା ମାତ୍ର ୦.୧% କୁ ହ୍ରାସ ପାଇଲାଣି । ଦେଶର ପ୍ରାୟ ସମସ୍ତ ଗ୍ରାମକୁ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି ଏବଂ ୨.୮ କୋଟିରୁ ଅଧିକ ପରିବାର ବିଜୁଳିଶକ୍ତି ପାଇଲେଣି । ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଗ୍ରାମ୍ୟ ବିଦ୍ୟୁତିକରଣ ପାଇଁ ସହାୟତା ଯୋଗାଇ ଦେଉଛି । ବିକଳ୍ପ ଶକ୍ତି ହିସାବରେ ସୌର ଶକ୍ତି ୫୦୯ ଗିଗାୱାଟ୍ ଓ କୋଇଲା ଶକ୍ତି ୩୧୫ ଗିଗାୱାଟ୍ ପାଇଁ ଭିତ୍ତିଭୂମି ସ୍ଥାପିତ ହେଲାଣି । ଜାତୀୟ ଜୈବଶକ୍ତି ୧୦ ଗିଗାୱାଟ୍‌ରୁ ଅଧିକ ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯାଇଛି । ଏତଦବ୍ୟତୀତ



ପରମାଣୁ ଶକ୍ତି ବିକାଶ କ୍ଷେତ୍ରରେ ୨୦୨୪-୨୫ ସୁଦ୍ଧା ୫୬, ୬୮୧ ମେଗା ୟୁନିଟ୍ ଉତ୍ପାଦିତ ହେଲାଣି । ଆମ ଦେଶରେ ଯେତିକି ପରିମାଣରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି ତାହାର ୫୧% ଜୀବାଶ୍ମ ଇନ୍ଧନରୁ ଓ ଅବଶିଷ୍ଟ ୪୯% ଅଣ-ଜୀବାଶ୍ମ ଇନ୍ଧନ ବ୍ୟବହାର କରି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧନ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୋଇଥାଏ । ସୁତରାଂ ପରିବେଶ ମିତ୍ର ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

ଆମ ଦେଶରେ ଶକ୍ତି ସଙ୍କଟ ଦେଖାଯିବାର କେତେକ ମୁଖ୍ୟ କାରଣ ରହିଛି । ପ୍ରଥମତଃ, ଦ୍ରୁତ ଗତିରେ ସହରୀକରଣ ଓ ଶିଳ୍ପବିକାଶ ଯୋଗୁଁ ଶକ୍ତି ସମ୍ବଳଗୁଡ଼ିକର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଦ୍ୱିତୀୟତଃ, କୋଇଲା ବ୍ୟବହାର କରି ବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ଯୋଗୁଁ ପରିବେଶ ସମସ୍ୟା ସହିତ ଆମ ଦେଶ ବିଶ୍ୱ ବଜାରରେ ଅସ୍ଥିର ମୂଲ୍ୟ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଏ । ତୃତୀୟତଃ, ଭାରତ ବିଦେଶରୁ ୮୫ ପ୍ରତିଶତରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରୁଥିବାରୁ ବିଶ୍ୱରେ ଯୋଗାଣ ଶୃଙ୍ଖଳା ବ୍ୟାହତ ହେଲେ କିମ୍ବା ଭୂରାଜନୈତିକ ଘଟଣା ଦେଖାଗଲେ ଭାରତ ଏହାର କୁପରିଣାମର ଭୋଗ କରିବାକୁ ବାଧ୍ୟ । ଚତୁର୍ଥରେ, ପୁରୁଣା ତାପଜ କେନ୍ଦ୍ର ଓ ନିମ୍ନମାନର ଗ୍ରୀଡ ଆଧୁନିକୀକରଣ ଯୋଗୁଁ ଶକ୍ତି ସଂଚାର କ୍ଷେତ୍ରରେ ଦୁର୍ବଳତା ଦେଖାଯିବା ସହିତ ଅଧିକ ବୈଷୟିକ ଓ ବ୍ୟବସାୟିକ କ୍ଷତି ହୋଇଥାଏ । ନିମ୍ନମାନର ରାସ୍ତାଘାଟ ମଧ୍ୟ କୋଇଲା ପରିବହନକୁ ମନ୍ଥର କରିଥାଏ ।

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବାରମ୍ବାର ବୃଦ୍ଧି ପାଉଥିବାରୁ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଏଲ୍‌ଏନ୍‌ଜି ଓ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ମଧ୍ୟ ଅସୁବିଧା ଦେଖାଯାଉଛି । ଶକ୍ତି ସଙ୍କଟର ପରିଣାମଗୁଡ଼ିକ ମଧ୍ୟରେ ବାରମ୍ବାର ବିଜୁଳି ଯୋଗାଣ ବ୍ୟାହତ ହେବା, ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବା ଏବଂ ରାସ୍ତାଘାଟ ଅନ୍ଧାର ହେବା ଯୋଗୁଁ ବହୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପ୍ରଧାନ । ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଦ୍ୟୁତ୍ ବିନା କର୍ମଚାରୀ ସୂଚାରୁ ରୂପେ ନିଜର କାର୍ଯ୍ୟକଳାପ କରିପାରନ୍ତି ନାହିଁ, ଯାହାଦ୍ୱାରା ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଏପରି ଶକ୍ତି ସଙ୍କଟ ଯୋଗୁଁ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ମନ୍ଥର ହୋଇଥାଏ ।

ବର୍ତ୍ତମାନ ବିଶ୍ୱରେ ଯେପରି ଶକ୍ତି ସଙ୍କଟ ଦେଖା ଗଲାଣି ତାହା ଭବିଷ୍ୟତରେ ଯେ ଏକ ଉଗ୍ରରୂପ ଧାରଣ ନ କରିବ ଏହା କିଏ କରିପାରିବ? ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଏଥିରେ ଅଧିକ ପ୍ରଭାବିତ ହେବା ନିଶ୍ଚିତ । ଏହି କାରଣରୁ ଆମକୁ ଆଗୁଆ ପଦକ୍ଷେପ ନେବାକୁ ହେବ । ପ୍ରଥମ ପଦକ୍ଷେପ ହେଉଛି ବାୟୋ ଡିଜେଲ ଉତ୍ପାଦନ । ଜଟ୍ରୋଫା ବା ବାଇଗବ, କରଞ୍ଜି ଇତ୍ୟାଦି ଗଛର ଫଳରୁ ବାୟୋଡିଜେଲ ପ୍ରସ୍ତୁତ ହୋଇପାରିବ । ଦ୍ୱିତୀୟରେ, ବିକଳ୍ପ ଶକ୍ତି ରୂପେ ସମୁଦ୍ର ଜୁଆର, ପବନ ଓ ସୌର ଶକ୍ତି ବ୍ୟବହାର ହୋଇପାରିବ । ଏଗୁଡ଼ିକ ନବୀକରଣଯୋଗ୍ୟ ଏବଂ ବାୟୁମଣ୍ଡଳକୁ ପ୍ରଦୂଷିତ କରେ ନାହିଁ । ଉପାନ୍ତ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ସମ୍ଭବ ହେଉ ନଥିବାରୁ ସୌର ଶକ୍ତିରୁ ବିଜୁଳି ଉତ୍ପାଦନ କରି ଲୋକଙ୍କୁ ଯୋଗାଇ ଦିଆଯାଉଛି । ସହରାଞ୍ଚଳରେ ମଧ୍ୟ ସୂର୍ଯ୍ୟ ଘର ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଛାତ ଉପରେ ସୌରପ୍ରକଳ୍ପ ପାଇଁ ସହାୟତା ପ୍ରଦାନ କରୁଛନ୍ତି । ଶକ୍ତି ସଙ୍କଟର ମୁକାବିଲା କରିବା ପାଇଁ ମୁଖ୍ୟତଃ ନବୀକରଣଯୋଗ୍ୟ ଶକ୍ତି ଉପରେ ଅଧିକ ଭରସା ରଖିବାକୁ ହେବ । ଏହାସହିତ ଶକ୍ତି ବିନିଯୋଗ କ୍ଷେତ୍ରରେ ଅଧିକ ଦକ୍ଷତା ଆସିବା ଦରକାର ଏବଂ ଶକ୍ତି ଭିତ୍ତିଭୂମିଗୁଡ଼ିକର ଆଧୁନିକୀକରଣ କରିବା ଜରୁରୀ ।

ପବନ, ଜଳ, ଜୁଆର ଓ ସୌର ଶକ୍ତି ବିକାଶ ପାଇଁ ବଡ଼ବଡ଼ ପ୍ରକଳ୍ପ ସ୍ଥାପନ ସହିତ ଜନସାଧାରଣଙ୍କ ନିମନ୍ତେ ସହାୟତା ଓ ରିହାତି ବ୍ୟବସ୍ଥା କରିବା ଆବଶ୍ୟକ । ଯେଉଁଠି ସମ୍ଭବ ସେହିଠାରେ ଜିଓଥର୍ମାଲ ଓ ଆଣବିକ ଶକ୍ତି ଉତ୍ପାଦନ ପାଇଁ ପୁଞ୍ଜିନିବେଶ କରିବାକୁ ହେବ । ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି ସହିତ ଏଗୁଡ଼ିକର ପରିବହନ ପାଇଁ ଅଧିକ ବନ୍ଦୋବସ୍ତ କରିବାକୁ ହେବ । ଶକ୍ତି ଉତ୍ପାଦନ ଓ ପରିବହନ ପାଇଁ ଭିତ୍ତିଭୂମିଗୁଡ଼ିକର ଆଧୁନିକୀକରଣ ମଧ୍ୟ ଅବଶ୍ୟମ୍ଭାବୀ । ସରକାରୀ ଘରୋଇ ସହଭାଗିତାରେ ସବୁଜ ହାଇଡ୍ରୋଜେନ ଉତ୍ପାଦନ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ସମ୍ଭବ । ସବୁଠାରୁ ବଡ଼କଥା ହେଉଛି ଜନ ସଚେତନତା ସୃଷ୍ଟି । ଲୋକମାନେ ନିଜ ଘରେ ବିଦ୍ୟୁତ ଶକ୍ତି ସଞ୍ଚୟ ପାଇଁ ଏଲ୍ ଇ ଡି ଲ୍ୟାମ୍ପ ବ୍ୟବହାର କରିବା ସହିତ ଦକ୍ଷତା ବୃଦ୍ଧି ପାଇଁ ନୂତନ ଉପକରଣ ବ୍ୟବହାର କରିବା ଉଚିତ । ଘର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଗ୍ରୀଡ ସହ ସଂଯୋଗ କଲେ ବହୁ ଶକ୍ତି ସଞ୍ଚୟ ହୋଇପାରିବ । ଜନସାଧାରଣଙ୍କ ନିଜର ବ୍ୟକ୍ତିଗତ ଯାନ ବ୍ୟବହାର ନକରି ସରକାରୀ ବସ୍‌ରେ ଯାତାୟତ କଲେ ବହୁ ଶକ୍ତି ସଞ୍ଚିତ ହୋଇପାରିବ । ସରକାର ଇ- ମୋବିଲିଟି ପାଇଁ କେତେକ ଯାନବାହନ ବିଦ୍ୟୁତ ଶକ୍ତି କିମ୍ବା ବ୍ୟାଟେରୀ ଦ୍ୱାରା ଚଳାଉଛନ୍ତି କିମ୍ବା ଲୋକଙ୍କୁ ସହାୟତା ଦେଉଛନ୍ତି । ପେଟ୍ରୋଲ ସହିତ ୨୦% ଇଥାନଲ ମିଶ୍ରଣ କରି କେତେକ ଗାଡ଼ି ଚଳାଇବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆଖୁ, ସୂର୍ଯ୍ୟମୁଖୀ, ସୋୟାବିନ ଏବଂ ଚାଉଳରୁ ଇଥାନଲ ପ୍ରସ୍ତୁତ ହୋଇପାରୁଛି । ଏହା ପରିବେଶ ପାଇଁ ମଧ୍ୟ ନିରାପଦ । ଅତଏବ ଆଗାମୀ ଦିନର ଶକ୍ତିସଙ୍କଟର ମୁକାବିଲା କରିବା ପାଇଁ ସମନ୍ୱିତ ପଦ୍ଧତି ଅନୁସରଣ କରିବା ସହିତ ଜନସଚେତନତା ଏବଂ ପ୍ରାଶାସନିକ ଦକ୍ଷତା ବୃଦ୍ଧି ଅପରିହାର୍ଯ୍ୟ ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଯୁବଶକ୍ତି ଏବେ କେଉଁଠି?

ତ୍ରିନାଥ ନନ୍ଦୀ

ଆଜିର ଦିନରେ ଯୁବଶକ୍ତି ଆମ ସମ୍ମୁଖରେ ଏକ ଦ୍ୱନ୍ଦ୍ୱମୟ ଚିତ୍ର ସୃଷ୍ଟି କରେ । ଏକ ପକ୍ଷରେ ଯୁବକମାନେ ଶିକ୍ଷା, ପ୍ରଯୁକ୍ତି ଓ ନୂତନ ଚିନ୍ତାଧାରାରେ ଆଗକୁ ବଢୁଛନ୍ତି, ଅନ୍ୟପକ୍ଷରେ ମୂଳ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଓ ମାନସିକ ସନ୍ତୁଳନଠାରୁ ଦୂରେଇ ଯାଉଛନ୍ତି । ଯୁବକମାନେ ସମାଜର ମୂଳ ଶକ୍ତି, ଦେଶର ଭବିଷ୍ୟତ । ତେଣୁ ସେମାନଙ୍କ ମନୋଭାବ ଓ ଆଚରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଯୁବବର୍ଗର ଭୂମିକା ଏକ ନୂତନ ମୋଡ଼ ନେଇଛି । ଆଧୁନିକତାର ଆକର୍ଷଣ, ଭୋଗବାଦୀ ମନୋଭାବ, ନିଶାସକ୍ତି ଓ ସ୍ୱାର୍ଥପରତା ଯୁବମନରେ ଭ୍ରମ ସୃଷ୍ଟି କରୁଛି ।

ଆଜିର ଯୁବ ବର୍ଗକୁ ଘେରିରଖିଛି ମାଦକତା । ଏହା ଯୁବସମାଜକୁ ଶାରୀରିକ, ମାନସିକ ଓ ଆତ୍ମିକ ଭାବେ ଦୁର୍ବଳ କରୁଛି । ନିଜର ବିପୁଳ ସମ୍ଭାବନାକୁ ଅବହେଳା କରି ଅନ୍ଧକାର ଦିଗକୁ ପଦାର୍ପଣ କରୁଛି । ଏହା ସମାଜ ପାଇଁ ଏକ ଭୟଙ୍କର ସଙ୍କେତ । ମନୋରଞ୍ଜନ କିମ୍ବା ଉତ୍ସୁକତାରୁ ଆରମ୍ଭ ହୋଇଥିବା ଏହି ଅଭ୍ୟାସ ଦୀର୍ଘକାଳରେ ଏକ ଦୁର୍ବଳତାର ରୂପ ନେଇଥାଏ, ଯେଉଁଥିରୁ ମୁକ୍ତି ପାଇବା କଷ୍ଟକର । ଏହା ଯୁବକକୁ ନିଜର ପରିବାର, ସମାଜ ଓ ଦାୟିତ୍ୱରୁ ଦୂରେଇନିଏ ।

ସ୍ୱାର୍ଥପରତା ଯୁବ ମନକୁ ଆବରଣ କରିଦେଇଛି । ଯେଉଁଠି ସମାଜ ପାଇଁ କିଛି କରିବାର ମନୋଭାବ ଥିଲା, ଆଜି ସେଠାରେ ନିଜ ଲାଭ, ନିଜ ସୁବିଧା ଓ ନିଜ ସ୍ୱପ୍ନକୁ ଅଧିକ ପ୍ରଣିଧାନଯୋଗ୍ୟ କରିବାରେ ଅତ୍ୟଧିକ ଚେଷ୍ଟା ଦେଖାଯାଉଛି । ମଣିଷ ଯେ ନିଜ ପାଇଁ ଭାବିବ ଏହା ଠିକ୍ । କିନ୍ତୁ ଯେତେବେଳେ ସେ ନିଜର ସମାଜିକ ଦାୟିତ୍ୱକୁ ଭୁଲିଯାଏ, ସେଥିରେ ଅସନ୍ତୁଳନ ସୃଷ୍ଟି ହୁଏ । ଦିଗଭ୍ରମ ଏକ ଗଭୀର ଓ ଚିନ୍ତାଜନକ ସମସ୍ୟା । ଯେଉଁଠି ଜୀବନର ସବୁଠୁ ଉତ୍ସାହପୂର୍ଣ୍ଣ ଓ ସୃଜନଶୀଳ ପର୍ଯ୍ୟାୟରେ ରହିଥାଏ, ସେହି ସମୟରେ ସେ ନିଜର ଲକ୍ଷ୍ୟ ଓ ଦିଗକୁ ଭୁଲିଯାଏ । ଦିଗଭ୍ରମ ଅର୍ଥାତ୍ କେବଳ ଲକ୍ଷ୍ୟହୀନତା ବା ଆଶା ଆଗ୍ରହଠୁ ଦୂରେଇ ଯିବା ନୁହେଁ, ବରଂ ଠିକ ଓ ଭୁଲ ମଧ୍ୟରେ ତାଲମେଳ ରଖିବାର ଅସମର୍ଥତା, ନିଜର କ୍ଷମତାକୁ ଚିହ୍ନଟ କରିପାରିବାର ଅଭାବ । ସମ୍ପ୍ରତି ସାମାଜିକ ଗଣମାଧ୍ୟମ ଓ ବ୍ୟକ୍ତିଗତ ଗଣମାଧ୍ୟମର ଆକର୍ଷଣ ଓ ଆଦର୍ଶର ଭ୍ରମକୁ ଅନୁସରଣ ଏହି ସମସ୍ୟାକୁ ଆହୁରି ଗଭୀର କରୁଛି । ପରିବାର ଓ ଶିକ୍ଷା ପ୍ରଣାଳୀ ଯଦି କେବଳ ପୁସ୍ତକଜ୍ଞାନରେ ସୀମିତ ରହିଯାଏ ତେବେ ଯୁବମାନେ ନିଜର ସଠିକ ଦିଗକୁ ଚିହ୍ନଟ କରିବା ଏକପ୍ରକାର ଅସମ୍ଭବ । ବିଦେଶୀ ସଂସ୍କୃତି, ଆଡ଼ମ୍ବର ଓ ଭୋଗବାଦରେ ଆକୃଷ୍ଟ ହୋଇ ସେମାନେ ନିଜର ପରମ୍ପରା ଓ ସଂସ୍କୃତିକୁ ଅବହେଳା କରୁଛନ୍ତି । ଆମ ସଂସ୍କୃତି କେବଳ ପୁରୁଣା ନୁହେଁ, ଏହା ଆମର ପରିଚୟ, ଆମର ମୂଳମନ୍ତ୍ର । ଏହାକୁ ଅନୁସରଣ କରି ଆମେ ଆଜିର ଆଧୁନିକତା ସହିତ ସମନ୍ୱୟ ରକ୍ଷା କରି ନିଜକୁ ସ୍ୱଚ୍ଛ ଆଧୁନିକରେ ପରିଚିତ କରାଇପାରିବା । କିନ୍ତୁ ଏହାକୁ ତ୍ୟାଗ କରି ଆମେ ଆମର ଅସ୍ତିତ୍ୱକୁ ହାରାଇଦେଉଛୁ ।

ଶିକ୍ଷାର କ୍ଷେତ୍ରରେ ଅସ୍ୱାଭାବିକତା ପରିସ୍ଥିତି ମଧ୍ୟ ଚିନ୍ତାଜନକ । ଯୁବକମାନେ ଶିକ୍ଷିତ ହେଉଛନ୍ତି, ଡିଗ୍ରୀ ହାସଲ କରୁଛନ୍ତି, କିନ୍ତୁ ସେମାନଙ୍କ ଚିନ୍ତାଧାରା ସ୍ୱାଧୀନ ହେଉନାହିଁ । ସେମାନେ ସବୁବେଳେ ଚାକିରି ପଛରେ ଧାଉଁଛନ୍ତି । ନିଜର କୌଶଳ ଓ ସୃଜନଶୀଳତାକୁ ଅବହେଳା କରୁଛନ୍ତି । ଉଦ୍ୟୋଗୀ ତଥା ଉଦୀୟମାନର ମନୋଭାବ ସ୍ୱତଃପ୍ରବୃତ୍ତ ନିମ୍ନଗାମୀ ହେବାକୁ ଯାଉଛି, ଯାହାକି ଆମକୁ ପୁରାତନ କାଳରୁ ଫେରାଇ ନେଉଛି । ଅନ୍ୟପକ୍ଷରେ ଅତ୍ୟଧିକ ଚାପ, ଅସଫଳତାର ଭୟ ଓ ସମାଜିକ ତୁଳନା ସେମାନଙ୍କୁ ଅସ୍ଥିର କରୁଛି । ପରିଣାମ ସ୍ୱରୂପ କେତେକ ଯୁବକ ଜୀବନକୁ ନେଇ ଚରମ ନିଷ୍ପତ୍ତି ନେବାକୁ ପଛାଉନାହାନ୍ତି । ଜୀବନରେ ସଫଳତା ଓ ବିଫଳତା ଦୁଇ ଅଂଶ, କିନ୍ତୁ ଯୁବକମାନେ ଏହାକୁ ସଠିକ ଭାବରେ ବୁଝି ନ ପାରି ଭୁଲ ପଥକୁ ଚୟନ କରୁଛନ୍ତି । ସାହାଯ୍ୟ ଓ ସହାନୁଭୂତିର ଅଭାବ ମଧ୍ୟ ଆଜିର ଯୁବସମାଜରେ ଦେଖାଯାଉଛି । ଆଜି ଯୁବଶକ୍ତିଙ୍କ ଭିତରେ ଅନାସକ୍ତି ଓ ଅନୁଭୂତିହୀନତା ଦେଖାଯାଉଛି । ଯୁବ ସଂଗଠନମାନେ ମଧ୍ୟ ସେପରି ସକ୍ରିୟ ନୁହନ୍ତି । ସାମାଜିକ କାର୍ଯ୍ୟରେ ଯୁବମାନଙ୍କ ଅଂଶଗ୍ରହଣ କମିଯାଇଛି, ଯାହା ସମାଜ ପାଇଁ ଏକ ଚିନ୍ତାର ବିଷୟ ।

ଏହି ଅନ୍ଧକାର ମଧ୍ୟରେ କିଛି ଆଲୋକର କିରଣ ଦେଖାଯାଉଛି । କିଛି ଯୁବକ ଉଦ୍ୟୋକ୍ତା ଆଜି ମଧ୍ୟ ସମାଜ ସେବା, ପରିବେଶ ସୁରକ୍ଷା ଓ ନୂତନ ଆବିଷ୍କାରରେ ଲିପ୍ତ ଅଛନ୍ତି । ସେମାନେ ଦେଖାଇଦେଉଛନ୍ତି ଯେ ଯୁବ ଶକ୍ତି ଆଜି ମଧ୍ୟ ଜୀବନ୍ତ ଅଛି, କେବଳ ଏହାକୁ ସଠିକ ଦିଗ ଅଗ୍ରସର କରାଇବା ଆବଶ୍ୟକ । ଯୁବଶକ୍ତିକୁ ସଠିକ ଦିଗ ଦେବା ପାଇଁ ପରିବାର, ଶିକ୍ଷା ପ୍ରଣାଳୀ ଓ ସମାଜର ଭୂମିକା ଅତ୍ୟନ୍ତ ଜରୁରୀ । ଶିଶୁବେଳୁ ସଠିକ ମୂଲ୍ୟବୋଧ, ନୀତି ଓ ଦାୟିତ୍ୱବୋଧ ଶିଖାଇବା ଆବଶ୍ୟକ । ଶିକ୍ଷା କେବଳ ଡିଗ୍ରୀ ପାଇଁ ନୁହେଁ, ଜୀବନ ଗଢ଼ିବା ପାଇଁ ହେବା ଉଚିତ । ଯଦି ଯୁବକମାନେ ନିଜକୁ ବୁଝିପାରନ୍ତି ଓ ନିଜର ଲକ୍ଷ୍ୟକୁ ସ୍ପଷ୍ଟ କରନ୍ତି, ସେମାନେ ନିଶ୍ଚିତ ଭାବେ ସଫଳତାର ପଥରେ ଆଗେଇଯିବେ ।

ଜଳେଶ୍ୱର(ବାଲେଶ୍ୱର)
ମୋ: ୮୧୧୮୦୪୦୩୯୦

## ରୀତିଯୁଗର ଅସ୍ତରାଗ: କୃଷ୍ଣ କର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଓଡ଼ିଶାର ପଶ୍ଚିମପ୍ରାନ୍ତରେ ଯେ ରୀତିଯୁଗର ସୌରରଶ୍ମି ବିଚ୍ଛୁରିତ ହୋଇଥିଲା ବିମଳକାନ୍ତି ଘେନି ଏହାର ଅନ୍ତଃଦର୍ଶନର ସୁଯୋଗରୁ ବଞ୍ଚିତ ହୋଇରହିଛନ୍ତି ଅସଂଖ୍ୟ କାବ୍ୟାନୁରାଗୀ ତାହା ହିଁ ଏକ ବିଡ଼ମ୍ବନା । ଆଉ କେଉଁଠି ନୁହେଁ ପୁଣି, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଭୂମି ବରପାଲି ନିକଟସ୍ଥ ବାରଙ୍ଗପାଲି ଗ୍ରାମର ସେଇ ବିନୀତ କବି ପ୍ରତିଭା, ଯାହାଙ୍କ ପବିତ୍ର ନାମ ଥିଲା କୃଷ୍ଣ କର ।

ରୀତିଯୁଗୀୟ ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଅନୁସନ୍ଧିତ୍ସୁ ଚକ୍ଷୁରୁ ସେ କିପରି ଅବା ଦୂରବର୍ତ୍ତୀ ହୋଇ ପାରିଥା'ନ୍ତେ? କୃଷ୍ଣକଥାକୁ କେନ୍ଦ୍ର କରି କବିଙ୍କ ରଚିତ 'କୁଞ୍ଜବିହାର' କାବ୍ୟଟିକୁ ଅତ୍ୟନ୍ତ ନିଷ୍ଠା ସହକାରେ ପାଠ କରିବା ପରେ ନିଜସ୍ୱ ଅନୁଶୀଳନ ଉପସ୍ଥାପନ କରି ଶେଷରେ ସେ କହିଗଲେ ଏପରି ଏକ ବାକ୍ୟ, ଯାହା ତାଙ୍କୁ କାବ୍ୟ-ଆବିଷ୍କାରକ ଭାବରେ କେବଳ ନୁହେଁ, କବି ଆତ୍ମାର ପ୍ରତ୍ୟକ୍ଷଦର୍ଶୀ ବୋଲି ପ୍ରମାଣିତ କରିଦିଏ । କବି ଦୀନକୃଷ୍ଣ ଯଦି ପାଠ କରିଥା'ନ୍ତେ 'କୁଞ୍ଜବିହାର' ତା'ହେଲେ ସେ କ'ଣ କହିଥା'ନ୍ତେ? ଆର୍ତ୍ତବଲ୍ଲଭ କହନ୍ତି: 'ଆହା! ରସିକ କବିଟିଏ । ଦୀନକୃଷ୍ଣ ତାଙ୍କୁ ପାଖରେ ବସାଇ କହିବେ ଏହିଟା ମୋ ସାନଭାଇ ।'

କୃଷ୍ଣ କର ଥିଲେ ଏକ ଭାବ-ବିଗଳିତ ସତ୍ତା । ଯାହା ମଧ୍ୟ ସେ ରଚନା କରିଛନ୍ତି ସର୍ବତ୍ର ପ୍ରବାହିତ ହୋଇଯାଇଛନ୍ତି ବାରଙ୍ଗପାଲିର ନଦୀସ୍ରୋତ ପରି । ତାଙ୍କ ରଚନାବଳୀ ମଧ୍ୟରେ ଅନ୍ତର୍ଭୁକ୍ତ 'କୁଞ୍ଜବିହାର', 'ପନ୍ଦର ପୋଇ', 'ଉଦ୍ଧବ ଚଉତିଶା', 'ପ୍ରଭାତ ଅବକାଶ', 'ଜଣାଣ ମାଳଶ୍ରୀ', 'ଗୋପାଳିକା', 'ଜଗନ୍ନାଥ ଜଣାଣ', 'ରଘୁନାଥ ବିଳାସ' ଆଦି କାବ୍ୟକବିତା । ଏହାବ୍ୟତୀତ ଏକ ଅଭିଧାନ ଗ୍ରନ୍ଥ 'କୃଷ୍ଣକୋଷ' । ବିଶିଷ୍ଟ ସମାଜସେବୀ ଓ ସାହିତ୍ୟାନୁରାଗୀ ବୃନ୍ଦାବନ ବିହାରୀ ଦାଶଙ୍କ ଦ୍ୱାରା 'କୃଷ୍ଣ କର ଗ୍ରନ୍ଥାବଳୀ' ପ୍ରକାଶିତ ହେବା ଦ୍ୱାରା ତାଙ୍କୁ ସାମଗ୍ରିକ ଭାବରେ ଅଧ୍ୟୟନ କରିବାର ସୁଯୋଗ ପ୍ରଶସ୍ତ ହୋଇଯାଇଛି ।

ରୀତିଯୁଗରେ ଯେଉଁ ଭାବ ତରଙ୍ଗ ଓ ଭାଷା ବୈଭବରେ ଅବଗାହନ କରି ଓଡ଼ିଆ ପାଠକ ସମାଜ ହୋଇଯାଇଥିଲେ ଐଶ୍ୱର୍ଯ୍ୟଶାଳୀ, ସେଥିରେ ମହିମ୍ନ ପରିପୂର୍ଣ୍ଣତା ଯିଏ ପ୍ରକଟ କରିଦେଲେ ସେ ହେଉଛନ୍ତି କୃଷ୍ଣ କର । ଗୋଟିଏ ପାଖରେ ରାଧାକୃଷ୍ଣପ୍ରେମାମୃତ ଏବଂ ଆଉ ଗୋଟିଏ ପାର୍ଶ୍ୱରେ ଶ୍ରୀରାମଚନ୍ଦ୍ର ଓ ସୀତାଙ୍କ ଅନନ୍ୟ ବନ୍ଧନ କାହାକୁ ଅବା ତଲ୍ଲୀନ କରିଦେଇନାହିଁ! ପୁଣି ଉତ୍କଳୀୟ ବୈଷ୍ଣବ ଓ ଗୌଡ଼ୀୟ ବୈଷ୍ଣବଧର୍ମ ଧାରାର ଅପୂର୍ବ ସମନ୍ୱୟ ସାଧନ କରି ଭକ୍ତିପୂତ ପାଠକ ସମାଜକୁ ଉତ୍ତୋଳିତ କରିନେଲେ କବି ଦୀନକୃଷ୍ଣ ଦାସ ଆଧ୍ୟାତ୍ମିକ ଅନୁଭବର ଏକ ଉର୍ଦ୍ଧ୍ୱତର ସୋପାନକୁ । ଜଣେ ମହାନ କବିଙ୍କ ପାଇଁ କୌଣସି ଧର୍ମ କେବେ ପ୍ରତିବନ୍ଧକର ପ୍ରାଚୀର ହୋଇପାରିବ ନାହିଁ । ବରଂ ତାହା ଉତ୍ଥାନ, ଉତ୍ତରଣ ଓ ପ୍ରସାରଣର ସରଣୀରେ ପରିଣତ ହୋଇଯାଏ । ଏକଥା କବି କୃଷ୍ଣ କର ଉପଲବ୍ଧି କରିଛନ୍ତି ଅତି ନିବିଡ଼ ଭାବରେ । ରୀତିଯୁଗର ସମସ୍ତ ବରିଷ୍ଠ କବିଙ୍କ କାବ୍ୟକୃତି ଅଧ୍ୟୟନ କରି ସେ ଆହରଣ କରିନେଇଥିଲେ ଏପରି ପରିମାର୍ଜିତ କିରଣ, ଯାହାଫଳରେ ଏକ ସର୍ବଗ୍ରହଣ ସତ୍ତାରେ ସେ ପରିଣତ ହୋଇଯାଇଛନ୍ତି । ସମସ୍ତ ତତ୍ତ୍ୱ, ଜ୍ଞାନ, ବିଚାର ସବୁକିଛିକୁ ପରିପାକ କରିଦେବାର ଅଦ୍ଭୁତ ଶକ୍ତି ସେ ଲାଭ କରିଛନ୍ତି ।

ବ୍ୟକ୍ତିଗତ ଜୀବନରେ ଶୈବ ଓ ଶାକ୍ତ ଉପାସକ କବି କୃଷ୍ଣ କର ପୁଣି ଲେଖିଲେ ଜଗନ୍ନାଥ ଜଣାଣ । ଶ୍ରୀରାମଚନ୍ଦ୍ରଙ୍କୁ ନାୟକ ରୂପରେ ଅବତାରଣା କରିଗଲେ 'ରଘୁନାଥ ବିଳାସ' କାବ୍ୟ ରଚନା କରି । ଜଣେ ମହତ କାବ୍ୟଶିଳ୍ପୀ ଯେ ନିଜକୁ କିପରି ବିସ୍ତାରିତ, ବିତରିତ କରିଦେଇପାରନ୍ତି ବିସ୍ମୟକର ଭାବରେ ତାହା ହିଁ ପ୍ରତିପାଦନ କରିଦେଲେ ସେ ଆନ୍ତରିକ ଭାବରେ । 'ଉଦ୍ଧବ ଚଉତିଶା'ରେ ସତେ କି କବି ହିଁ ଉଦ୍ଧବ ଚରିତ୍ରରେ ପରିଣତ ହୋଇ ଯାଇଛନ୍ତି ।

ଭାରତବର୍ଷ କିମ୍ବା ଓଡ଼ିଶା ଭୂମି ହେଉଛି ସମନ୍ୱୟ ସାଧନାର ଭାବତୀର୍ଥ । କବି କୃଷ୍ଣ କରଙ୍କ ଜୀବନ ଓ ସାଧନା ଏହି ତୀର୍ଥର ଏକ ପ୍ରେରଣାପୂର୍ଣ୍ଣ ପୂର୍ଣ୍ଣତାର ପଥ । 'କୁଞ୍ଜବିହାର' କାବ୍ୟରେ ସମସ୍ତ ପ୍ରକାର ଅପରିଚ୍ଛନ୍ନତାରୁ ସୁରକ୍ଷିତ ରହିବା ସକାଶେ ତାଙ୍କ ଉଦବୋଧନ ଏକାନ୍ତ ହୃଦୟସ୍ପର୍ଶୀ । କବି କହୁଛନ୍ତି: 'କର କୋବିଦେ ମନରେ ବିଚାର /କଳି କଲ୍ମଷରୁ ହୋଇବ ପାର /କମଳ ନୟନ କଥାରେ ରସ /କଳାକର କରେ ଅନ୍ଧାର ନାଶ /କରଇ ଯେମନ୍ତ /କୃଷ୍ଣ କଥାରେ କଲ୍ମଷ ତେମନ୍ତ ।'

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ବିଜେପି ସରକାରରେ ଅପାରଗତାର ପ୍ରତିଯୋଗିତା ଚାଲିଛି: କଂଗ୍ରେସ

ଭୁବନେଶ୍ୱର,୧୩।୫(ସମିସ): ସର୍ବଭାରତୀୟସ୍ତରରେ ବିଭିନ୍ନ ଉଚ୍ଚ ପଦପଦବୀରେ ଓଡ଼ିଆମାନଙ୍କ ପ୍ରଦର୍ଶନ ଯେପରି ପ୍ରଶଂସନୀୟ ରହେ, ସେ ନେଇ ସଂପୃକ୍ତ ବ୍ୟକ୍ତିମାନେ ସଚେତନ ରହିବା ଆବଶ୍ୟକ। ସେମାନଙ୍କର ପ୍ରଦର୍ଶନ ଓ ଦକ୍ଷତା ପ୍ରଭାବିତ ହେଲେ ଓଡ଼ିଶାର ମର୍ଯ୍ୟାଦାହାନି ହେବା ସ୍ୱାଭାବିକ। କେନ୍ଦ୍ରରେ ସମ୍ମାନଜନକ ଶିକ୍ଷାମନ୍ତ୍ରୀ ପଦରେ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳରେ ଗୋଟିଏ ପରେ ଗୋଟିଏ ସ୍କାମ୍ ହେବାଫଳରେ ରାଜ୍ୟର ଭାବମୂର୍ତ୍ତି ଓ ରାଜ୍ୟବାସୀଙ୍କ ସ୍ୱାଭିମାନ ଭୂଲୁଣ୍ଠିତ ହେଉଛି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି।

ମଙ୍ଗଳବାର ୨୦୨୬ ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପରୀକ୍ଷା ବାତିଲ ହେବା ଓ ସରକାର ସିବିଆଇ ତଦନ୍ତ ଆଦେଶ ସଂକ୍ରାନ୍ତରେ ଶ୍ରୀ ଦାସ କହିଛନ୍ତି, ୨୦୨୪ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା ପରେ ପୁଣି ୨୦୨୬ରେ ସମାନ ପରୀକ୍ଷାରେ ଆଉଥରେ ପ୍ରଘଟ ହେବା ଅକ୍ଷମଣୀୟ ତ୍ରୁଟି। ଯେଉଁ ପଦବିରେ ଦିନେ ମୌଲାନା ଆଜାଦଙ୍କ ଭଳି ଉତ୍ତୁଙ୍ଗ ଯୁଗପୁରୁଷ ଥିଲେ, ଧର୍ମେନ୍ଦ୍ର ଆଜି ସେହି ପଦବିରେ ଅଛନ୍ତି।

**■ ୨ ବର୍ଷରେ ଦୁଇ ଥର ନିଟ୍ ପ୍ରଶ୍ନପତ୍ର ଲିକ୍**
**■ ଓଡ଼ିଶାରେ ୨୩ ମାସରେ ୬ ପରୀକ୍ଷା ବିଭ୍ରାଟ**

ଉକ୍ତ ପଦର ଗାମ୍ଭୀର୍ଯ୍ୟ ଓ ଗରିମା ରକ୍ଷା କରିବା ତାଙ୍କର ନୈତିକ ଦାୟିତ୍ୱ। ସମ୍ଭବତଃ ଓଡ଼ିଶାର ନେତୃତ୍ୱକୁ ନେଇ ତାଙ୍କର ଥିବା ମହତ୍ତ୍ୱାକାଂକ୍ଷା ନିମନ୍ତେ ଦେଶବାସୀଙ୍କୁ ଏପରି ବହୁମୂଲ୍ୟ ଦେବାକୁ ପଡୁଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଜଣେ ଓଡ଼ିଆ ଏତେ ବଡ଼ ଦାୟିତ୍ୱରେ ଅଛନ୍ତି ବୋଲି ରାଜ୍ୟବାସୀ ଗର୍ବ କରୁଥିବେ, ହେଲେ ଲୋକେ ଆଉ କେତେକାଳ ତାଙ୍କୁ ବରଦାସ୍ତ କରିବେ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଅନ୍ୟ ପକ୍ଷରେ ଅପାରଗତା ପ୍ରଦର୍ଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶ୍ରୀ ପ୍ରଧାନଙ୍କ ସହ ଏକରକମ ପ୍ରତିଦ୍ୱନ୍ଦ୍ୱିତାରେ କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି। ୨୩ ମାସର ଶାସନରେ ଓଡ଼ିଶାରେ ବିଭିନ୍ନ ୬ଟି ବଡ଼ ଧରଣର ପରୀକ୍ଷା ଜାଲିଆତି ଧରାପଡ଼ିଛି। ଜୁଲାଇ ୨୦୨୫ର ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅଗଷ୍ଟରେ ପୁଣି ପରୀକ୍ଷା ଘୁଞ୍ଚାଇବା, ସେହିମାସ ଅନୁଷ୍ଠିତ ଆର୍ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା, ୨୦୨୫ ସେପ୍ଟେମ୍ବର ଓ ଡିସେମ୍ବରରେ ଯଥାକ୍ରମେ ପୁଲିସ ଏସ୍ଆଇ ଓ ଏଏନ୍ଏମ(ନର୍ସ) ପରୀକ୍ଷାରେ ବ୍ୟାପକ ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମାଲୋଚିତ ହୋଇଆସିଛନ୍ତି। ଆହୁରି ମଧ୍ୟ, ରାଜ୍ୟରେ ଭିଡ଼ହିଂସାଜନିତ ହତ୍ୟାକାଣ୍ଡ ନିତିଦିନିଆ ହେବାଦ୍ୱାରା ଗୃହ ବିଭାଗର ମୁଖ୍ୟ ଭାବେ ମଧ୍ୟ ଶ୍ରୀ ମାଝୀ ଉପହସିତ ହୋଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି ।

## ଅବଶିଷ୍ଟାଂଶ...

### ସୁନା, ରୁପା...

ଆମେରିକା-ଇରାନ ଯୁଦ୍ଧ ମଧ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାର ସୁନା ଉପରେ ୧୦% ମୌଳିକ ସୀମା ଶୁଳ୍କ ଏବଂ ୫% କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ (ଏଆଇଡିସି) ଲାଗୁ କରିଛନ୍ତି। ଯାହା ଫଳରେ ସୁନା ଆମଦାନୀ ଉପରେ ମୋଟ ଟିକସ ୧୫%କୁ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ୨୦୨୪ ସାଧାରଣ ବଜେଟରେ ଅର୍ଥମନ୍ତ୍ରୀ ସୀତାରମଣ ସୁନା ଉପରେ ଆମଦାନୀ ଶୁଳ୍କକୁ ୧୫%ରୁ ୬%କୁ ହ୍ରାସ କରିଥିଲେ। ଅପରପକ୍ଷେ ଆମଦାନୀରେ ଟିକସ ବୃଦ୍ଧି ଦେଶରେ ସୁନାର ଚୋରା ଚାଲାଣ ବଢ଼ିବାର ସମ୍ଭାବନା ରହିଛି। ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ ସରକାର ଆମଦାନୀ ଶୁଳ୍କ ବୃଦ୍ଧି କରିବା ଚୋରା ଚାଲାଣ ପ୍ରୋତ୍ସାହିତ କରିପାରେ। ପୂର୍ବରୁ, ଯେତେବେଳେ ଶୁଳ୍କ ହ୍ରାସ କରାଯାଇଥିଲା, ଚୋରା ଚାଲାଣ ହ୍ରାସ ପାଇଥିଲା। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ସରକାର ଚଳନ୍ତି ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଏହି ନିଷ୍ପତ୍ତି ପୂର୍ବରୁ ଉଚ୍ଚ ମୂଲ୍ୟ ମଧ୍ୟରେ ଚାହିଦାକୁ ପ୍ରଭାବିତ କରିପାରେ।

### ଏୟାର ଇଣ୍ଡିଆର...

ଏବଂ ସାଙ୍ଘାଇ ଭଳି ସହରକୁ ଯାଉଥିବା ବିମାନ ସେବାକୁ ସମ୍ପୂର୍ଣ୍ଣ ସ୍ଥଗିତ ରଖାଯାଇଛି। ସାନ୍ ଫ୍ରାନ୍ସିସ୍କୋ, ପ୍ୟାରିସ୍ ଏବଂ ଟରହଣ୍ଟୋ ଭଳି ସହରକୁ ବିମାନ ଚଳାଚଳ ସଂଖ୍ୟା କମାଇ ଦିଆଯାଇଛି। ସର୍ବମୋଟ ପ୍ରାୟ ୧୦୦ଟି ଦୈନିକ ଉଡ଼ାଣ କାଟ୍ କରାଯାଇଛି। ବିମାନ ଇନ୍ଧନ ଦର ଫେବୃଆରୀ ମାସରେ ବ୍ୟାରେଲ୍ ପିଛା ୯୯.୪୦ ଡଲାର ଥିବା ବେଳେ ମେ ମାସ ସୁଦ୍ଧା ଏହା ୧୬୨.୮୯ ଡଲାରରେ ପହଞ୍ଚିଛି। ବିମାନ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% କେବଳ ଇନ୍ଧନରେ ବ୍ୟୟ ହୋଇଥାଏ। ପାକିସ୍ତାନ ନିଜର ଆକାଶମାର୍ଗ ବନ୍ଦ କରିଥିବାରୁ ଏୟାର ଇଣ୍ଡିଆର ବିମାନଗୁଡ଼ିକୁ ୟୁରୋପ ଓ ଆମେରିକା ଯିବା ପାଇଁ ଅଧିକ ଦୂର ପଥ ଅତିକ୍ରମ କରିବାକୁ ପଡୁଛି, ଯାହା ଫଳରେ ଅଧିକ ଇନ୍ଧନ ଖର୍ଚ୍ଚ ହେଉଛି। ଯଦି ଇନ୍ଧନ ଦର ଏହିଭଳି ବଢ଼ିଚାଲେ, ତେବେ ଆଗକୁ ଆଉ କିଛି ରୁଟ୍ ବନ୍ଦ ହୋଇପାରେ ବୋଲି ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ ୱିଲସନ୍ ସୂଚନା ଦେଇଛନ୍ତି। ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ଏବଂ ଇନ୍ଧନ ସଙ୍କଟ ଏବେ ବିମାନ ସେବା କ୍ଷେତ୍ର ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ମିତବ୍ୟୟିତା ଆହ୍ୱାନ ମଧ୍ୟରେ ଏୟାର ଇଣ୍ଡିଆର ଏହି ନିଷ୍ପତ୍ତି ଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ, କିନ୍ତୁ କମ୍ପାନୀ ପାଇଁ ନିଜର ଆର୍ଥିକ ସ୍ଥିତି ବଜାୟ ରଖିବାକୁ ଏହା ଜରୁରୀ ହୋଇପଡ଼ିଛି।

### ଧାନର ସହାୟକ...

୨୩୬୯ ଟଙ୍କାରୁ ୨୪୪୧ ଟଙ୍କା କୁ ବୃଦ୍ଧି ଘଟିଛନ୍ତି। ସେହିପରି ଗ୍ରେଡ୍ ଏ ଧାନ ର ଏମ୍ଏସ୍ପି କ୍ୱିଣ୍ଟାଲ ପିଛା ୨୩୮୯ ଟଙ୍କାରୁ ୨୪୬୧ ଟଙ୍କାକୁ ବୃଦ୍ଧି ଘଟିଛି। ଅପରପକ୍ଷେ ଗତ ବର୍ଷ ତୁଳନାରେ ସୂର୍ଯ୍ୟମୁଖୀ ମଞ୍ଜି ଉପରେ କ୍ୱିଣ୍ଟାଲ ପିଛା ଏମ୍ଏସ୍ପି ସର୍ବାଧିକ ୬୨୨ ଟଙ୍କା ବୃଦ୍ଧି କରାଯାଇଛି । ଏହାପଛକୁ କପା କ୍ୱିଣ୍ଟାଲ ପିଛା ଏମ୍ଏସ୍ପି ୫୫୭ ଟଙ୍କା, ଅଳସୀ ୫୧୫ ଟଙ୍କା ଏବଂ ରାଶିର ୫୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହାବାଦ୍ ହରଡ଼ର ଏମ୍ଏସ୍ପି ୪୫୦ ଟଙ୍କା, ମୁଗ ୧୨ ଟଙ୍କା, ବିରି ୪୦୦ ଟଙ୍କା, ଚିନା ବାଦାମ ୨୫୪ ଟଙ୍କା, ସୂର୍ଯ୍ୟମୁଖୀ ପାଇଁ ୬୨୨ ଟଙ୍କା,ସୋୟାବିନ ୩୮୦ ଟଙ୍କା,ଘ' ପାଇଁ ୩୨୪ ଟଙ୍କା, ବାଜରାରେ ୧୨୫ ଟଙ୍କା, ମାଣ୍ଡିଆରେ ୩୧୯ ଟଙ୍କା ଏବଂ ମକାର ୧୦ ଟଙ୍କା ବୃଦ୍ଧି କରାଯାଇଛି। ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ୮୪୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା ବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ୪୫୯୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ଧାନ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୬.୦୮ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୪.୪୪ ଲକ୍ଷ କୋଟି ଟଙ୍କା ଥିଲା।

### ଦୁଇଟି କାର୍ ସହ...

ମେବ୍ୟାଚ୍ ୬୫୦ ଗାର୍ଡ ଯାନ ସହିତ ରେଞ୍ଜ ରୋଭର୍ସ, ଟୋୟୋଟା ଫର୍ଚ୍ୟୁନର୍ସ, ଏସକର୍ଟ ଗାଡ଼ି, ଜାମର ୟୁନିଟ୍, ଆମ୍ବୁଲାନ୍ସ ଏବଂ ଦୁଇଟି ଡେକୟ କାର ଥାଏ। ପ୍ରଧାନମନ୍ତ୍ରୀ ଯେଉଁ ମର୍ସିଡିଜ୍-ମେବ୍ୟାଚ୍ ୬୫୦ ଗାର୍ଡରେ ଯାତ୍ରା କରନ୍ତି, ତାହାକୁ ଚଳନ୍ତି ସୁରକ୍ଷା ଦୁର୍ଗ ବୋଲି କୁହାଯାଏ। ଏଥିରେ ଲ୍ୟାଣ୍ଡମାଇନ, ବିସ୍ଫୋରଣ ଏବଂ ଏକେ-୪୭ ଗୁଳି ପ୍ରତିରୋଧ ବ୍ୟବସ୍ଥା ରହିଛି। ଏହାର ମୂଲ୍ୟ ୧୨ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଅନେକ ସମୟରେ ମର୍ସିଡିଜ୍-ମେବ୍ୟାଚ୍ ୬୫୦ ଗାର୍ଡ ବଦଳରେ ପ୍ରଧାନମନ୍ତ୍ରୀ ସଶସ୍ତ୍ର ରେଞ୍ଜ ରୋଭର୍ସ କାରରେ ମଧ୍ୟ ଯାତ୍ରା କରନ୍ତି। ଏହାର ମଧ୍ୟ ବିସ୍ଫୋରକ-ପ୍ରତିରୋଧକ ଶକ୍ତି ରହିଛି। ପ୍ରଧାନମନ୍ତ୍ରୀଙ୍କ କାରକେଡରେ ଯାଉଥିବା ଟୋୟୋଟା ଫର୍ଚ୍ୟୁନର୍ସ ମଧ୍ୟ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥାରେ ସଜ୍ଜିତ ଥାଏ। ଏସପିଜି ଦ୍ୱାରା ପରିଚାଳିତ କାର ବୁଲେଟ୍ ପ୍ରୁଫ୍ ବୋଲି ଜଣାପଡ଼ିଛି।

### ୧୪୪ ବିଧାୟକଙ୍କ...

କଂଗ୍ରେସର ୫ ଜଣ, ବାମପନ୍ଥୀ ଦଳ, ଭିସିକେ ଏବଂ ମୁସଲିମ ଲିଗର ୮ ଜଣ ବିଧାୟକ ସରକାରଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ପୂର୍ବତନ ସହଯୋଗୀ ଦଳରୁ ବହିଷ୍କୃତ ବିଧାୟକ ଏସ. କାମରାଜ ମଧ୍ୟ ବିଜୟଙ୍କୁ ପାଞ୍ଚ ବର୍ଷ ପାଇଁ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା 'ଘୋଡ଼ା ବେପାର' ଅଭିଯୋଗକୁ ବିଜୟ ଅତ୍ୟନ୍ତ ଚାତୁର୍ଯ୍ୟର ସହ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସରକାର 'ଘୋଡ଼ା ବେପାର' କରେ ନାହିଁ ବରଂ 'ଘୋଡ଼ା ବେଗ'ରେ ପ୍ରଗତି ପାଇଁ କାମ କରେ। ଏଥିସହ ସେ ନିଜ ସରକାରର ଧର୍ମନିରପେକ୍ଷ ଆଭିମୁଖ୍ୟ ଏବଂ ଜନହିତକର ଯୋଜନା ଜାରି ରଖିବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଧାନସଭାରେ ଏହି ବୃହତ ବିଜୟ ପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଶକ୍ତି ବୃଦ୍ଧି ପାଇଛି। ମାତ୍ର ବିଦ୍ରୋହୀ ବିଧାୟକମାନେ ଦଳ ବଦଳ ବିରୋଧୀ ଆଇନରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ୩୧ ଜଣଙ୍କ ସଂଖ୍ୟା ପାଇବାରେ ସମର୍ଥ ହେବେ କି ନାହିଁ, ତାହା ଆଗାମୀ ସମୟରେ ତାମିଲନାଡୁ ରାଜନୀତିର ଗତିପଥ ନିର୍ଦ୍ଧାରଣ କରିବ। ଏହି ବିଜୟ ବିଜୟଙ୍କ ରାଜନୈତିକ କ୍ୟାରିୟର ପାଇଁ ଏକ ବଡ଼ ସଫଳତା ଭାବେ ବିବେଚନା କରାଯାଉଛି।

### ଓଡ଼ିଶାରେ କମିଲା...

ଥିବାବେଳେ ପ୍ରୟାଗରାଜ ରିଜିଅନ୍‌ରେ ସବୁଠାରୁ କମ୍ ୭୨.୪୩% ପାସ୍ ହାର ରେକର୍ଡ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟର ପାସ୍ ହାର ସର୍ବାଧିକ ୯୮.୫୫% ଥିବାବେଳେ ଜବାହାର ନବୋଦୟ ବିଦ୍ୟାଳୟର ପାସ୍ ହାର ୯୮.୪୭% ରହିଛି। ସେହିପରି ଓଡ଼ିଶାରୁ ଚଳିତ ବର୍ଷ ୪୦,୩୦୦ ପିଲା ପରୀକ୍ଷା ଦେଇଥିବାବେଳେ ୩୦,୯୫୫ ଜଣ ପାସ୍ କରିଛନ୍ତି। ପାସ୍ ହାର ୭୬.୮୧% ରହିଛି। ତନ୍ମଧ୍ୟରେ ୧୬,୬୪୦ ଜଣ ଛାତ୍ର ଏବଂ ୧୪,୩୧୫ ଜଣ ଛାତ୍ରୀ ରହିଛନ୍ତି। ସେହିପରି ଛାତ୍ରଙ୍କ ଅପେକ୍ଷା ରାଜ୍ୟରେ ମଧ୍ୟ ଅଧିକ ଛାତ୍ରୀ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୭୯.୮୪% ଥିବାବେଳେ ଛାତ୍ରଙ୍କ ପାସ୍ ହାର ୭୪.୩୮% ରହିଛି।

### ଦେଶବ୍ୟାପୀ ସିବିଆଇ...

ଡିଜିଟାଲ୍ ପ୍ରଶ୍ନପତ୍ର ନାସିକରୁ ଆରମ୍ଭ ହୋଇ ହରିୟାଣା, ରାଜସ୍ଥାନ, ବିହାର ଏବଂ କେରଳ ପର୍ଯ୍ୟନ୍ତ ବ୍ୟାପିଥିଲା। ଟେଲିଗ୍ରାମ ଓ ଏନକ୍ରିପ୍ଟେଡ୍ ମେସେଜିଂ ଆପ୍ ଜରିଆରେ ଏହାକୁ ପଠାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଲିକ୍ ହୋଇଥିବା ପ୍ରଶ୍ନପତ୍ରର କେମିଷ୍ଟ୍ରି ଓ ବାୟୋଲୋଜି ବିଭାଗର ଅଧିକାଂଶ ପ୍ରଶ୍ନ ମୂଳ ପରୀକ୍ଷା ସହ ସମାନ ରହିଛି। ରାଜସ୍ଥାନର ସ୍ପେଶାଲ ଅପରେସନ୍ ଗ୍ରୁପ୍ (ଏସ୍ଓଜି) ଏହି ମାମଲାରେ ଏପର୍ଯ୍ୟନ୍ତ ୧୫ ଜଣଙ୍କୁ ଗିରଫ କରିସାରିଛି। ଶୁଭମର ଗିରଫଦାରୀ ପରେ ଏହି ଲିକ୍ ଚେନ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ସିବିଆଇ ନିଜର ତଦନ୍ତକୁ ଜୋରଦାର କରିଛି। ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା ଏହି ଦୁର୍ନୀତିଗ୍ରସ୍ତ ଗୋଷ୍ଠୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦେଶବ୍ୟାପୀ ଦାବି ହେଉଛି।

### ମୌସୁମୀ ଅଗ୍ରଗତି...

ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ବାୟୁ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ଆଇଏମ୍ଡି ଆକଳନ କରିଛି।

ଲଘୁଚାପ ପ୍ରଭାବରେ ରାଜ୍ୟକୁ ଶୁଷ୍କ ବାୟୁର ପ୍ରବାହ ବଢ଼ୁଛି। ଏହାଦ୍ୱାରା ରାଜ୍ୟରେ ଆସନ୍ତା ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ବୃଦ୍ଧି ଘଟିବ। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଉପକୂଳବର୍ତ୍ତୀ ଜିଲ୍ଲାରେ କିଛିକାଂଶରେ ଆର୍ଦ୍ରତା ରହିବା ହେତୁ ଅସହ୍ୟ ଗୁଳୁଗୁଳି ହେବ। ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଁ ଭାଁ କାଳବୈଶାଖୀ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

### ଅନ୍ୟ ରାଜ୍ୟରେ...

୧୦୦ ୟୁନିଟ୍ ବିଜୁଳି ମାଗଣା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ବିଜେପି ନିଜର ନିର୍ବାଚନୀ ସଂକଳ୍ପ ପତ୍ରରେ ମାଗଣା ବିଜୁଳି ଉଲ୍ଲେଖ କରି ନ ଥିଲେ ସୁଦ୍ଧା ଦଳର ନେତାମାନେ କ୍ଷମତାକୁ ଆସିଲେ ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ ଘୋଷଣା କରିଥିଲା। ଓଡ଼ିଶାବାସୀଙ୍କ ପାଇଁ ମାଗଣା ବିଜୁଳି ସ୍ୱପ୍ନ ପାଲଟିଥିବାବେଳେ ତାମିଲନାଡୁ ସରକାର ୨୦୦ ୟୁନିଟ୍ ମାଗଣା ବିଜୁଳି ଘୋଷଣା ପୁଣି ରାଜ୍ୟର ବିଜୁଳି ଉପଭୋକ୍ତାଙ୍କୁ ଆଶାବାଦୀ କରିଛି। ଅନ୍ୟ ରାଜ୍ୟଗୁଡ଼ିକ ବିଜୁଳି କ୍ରୟ କରି ଉପଭୋକ୍ତାଙ୍କୁ ମାଗଣା ଦେଉଥିବାବେଳେ ବିଜୁଳି ବଳକା ରାଜ୍ୟ ଓଡ଼ିଶାରେ ବିଦ୍ୟୁତ୍ ୟୁନିଟ୍ କାହିଁକି ମହଙ୍ଗା ବୋଲି ଅନେକ ପ୍ରଶ୍ନ କରିଛନ୍ତି। ବହୁ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ସୁଲଭ ମୂଲ୍ୟରେ ବିଜୁଳିସେବା ଯୋଗାଇ ଦେଉଛନ୍ତି। ତେଣୁ ସମାନ ଭାବରେ ବିଜୁଳି ବଳକା ରାଜ୍ୟ ଓଡ଼ିଶା ସରକାର ମଧ୍ୟ ରିଆତି ବ୍ୟବସ୍ଥା ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ଶକ୍ତି ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ତାମିଲନାଡୁରେ ଘରୋଇ ଉପଭୋକ୍ତାଙ୍କୁ ଦୁଇ ମାସିଆ ବିଦ୍ୟୁତ ବିଲ ଦିଆଯାଉଛି। ଯେଉଁ ଉପଭୋକ୍ତା ଦୁଇମାସରେ ୫୦୦ ୟୁନିଟ ବ୍ୟବହାର କରୁଥିବେ ସେମାନେ ୨୦୦ ୟୁନିଟ ଛାଡ ପାଇବେ। ତାମିଲନାଡୁରେ ବହୁତ ଆଗରୁ ସୁଲଭ ବିଦ୍ୟୁତସେବା ଯୋଜନା ପ୍ରଣୀତ ହୋଇଛି। ଏହି ଯୋଜନାରେ ସମସ୍ତ ୨ କୋଟି ୪୫ ଲକ୍ଷ ଘରୋଇ ଉପଭୋକ୍ତା ଆଗରୁ ୧୦୦ ୟୁନିଟ ମାଗଣା ବିଦ୍ୟୁତ ପାଉଥିଲେ। ସେହିପରି ପାୱାରଲୁମ ଓ କୃଷିକ୍ଷେତ୍ରକୁ ମଧ୍ୟ ସୁଲଭ ବିଦ୍ୟୁତସେବା ନିଶ୍ଚିତ ହୋଇଛି। ମୁଖ୍ୟମନ୍ତ୍ରୀ ବିଜୟ କେବଳ ଘରୋଇ ଉପଭୋକ୍ତାଙ୍କ ମାଗଣା ବିଦ୍ୟୁତସେବାକୁ ଦୁଇଗୁଣକୁ ବୃଦ୍ଧି କରିଛନ୍ତି। ବିଜୟଙ୍କ ଘୋଷଣାରେ ୨ କୋଟି ୨୫ ଲକ୍ଷ ଘରୋଇ ଉପଭୋକ୍ତା ଉପକୃତ ହେବେ। ବିଜୟଙ୍କ ୨୦୦ ୟୁନିଟ ମାଗଣା ବିଦ୍ୟୁତ ଘୋଷଣା ପାଇଁ ତାମିଲନାଡୁ ରାଜକୋଷରୁ ବର୍ଷକୁ ଅତିରିକ୍ତ ୧୭୩୦ କୋଟି ଟଙ୍କା ଖର୍ଚ୍ଚ ହେବା ସହିତ ସମୁଦାୟ ସୁଲଭ ବିଦ୍ୟୁତ ସେବା ପାଇଁ ବାର୍ଷିକ ୧୫୭୨୨ କୋଟିଟଙ୍କା ଖର୍ଚ୍ଚ ହେବ।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ କେବଳ ଓଡ଼ିଶାକୁ ବାଦଦେଲେ ଭାରତର ଅନ୍ୟ ସମସ୍ତ ରାଜ୍ୟ ସରକରମାନେ ଘରୋଇ, କୃଷି କିମ୍ବା କିଛି ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ (ମାଗଣା କିମ୍ବା ରିହାତି) ବିଦ୍ୟୁତ ସେବା ଯୋଗାଇ ଦେଉଛନ୍ତି। ନିକଟରେ ପ୍ରକାଶିତ ପାୱାର ଫାଇନାନ୍ସ କର୍ପୋରେସନ ରିପୋର୍ଟ ଅନୁସାରେ ସୁଲଭମୂଲ୍ୟରେ ବିଦ୍ୟୁତସେବା ପାଇଁ ଦେଶର ଅନ୍ୟ ସମସ୍ତ ରାଜ୍ୟ ସରକାରଙ୍କ ରାଜକୋଷରୁ ବାର୍ଷିକ ୨ ଲକ୍ଷ ୫୫ ହଜାର କୋଟିଟଙ୍କା ଖର୍ଚ୍ଚ ହୋଇଛି। ଓଡ଼ିଶା ସରକାର ସୁଲଭ ବିଦ୍ୟୁତ ସେବା ପାଇଁ ରାଜକୋଷରୁ ଏକଟଙ୍କା ବି ଖର୍ଚ୍ଚ କରୁନାହାନ୍ତି। ତେଣୁ ଓଡିଶା ଉପଭୋକ୍ତା ଜାତୀୟ ହାର ତୁଳନାରେ ହାରାହାରି ୟୁନିଟ ପିଛା ୫୦ ପଇସା ଅଧିକ ବିଦ୍ୟୁତ ବିଲ ପ୍ରଦାନ କରୁଛନ୍ତି। ସୁଲଭମୂଲ୍ୟରେ ବିଦ୍ୟୁତସେବା ଉପଲବ୍ଧ ହେଲେ କୃଷି ଉତ୍ପାଦନ ବୃଦ୍ଧି ପାଇବା ସହିତ ଅନେକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିହୁଏ। ସେହିପରି ଘରୋଇ ଓ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୁଲଭ ବିଦ୍ୟୁତ ସେବା ଯୋଜନା ଉପଲବ୍ଧ ହେଲେ ନିମ୍ନ ମଧ୍ୟବିତ ଯୁବକ ଓ ଯୁବତୀମାନେ ଆତ୍ମନିର୍ଭର ହେବା ସହ ରୋଜଗାରକ୍ଷମ ହୋଇପାରିବେ। ଏପରି ସରଳ ଅର୍ଥନୀତିକୁ ଅନ୍ୟ ରାଜ୍ୟ ସରକାରମାନେ ବୁଝି ଥିବାବେଳେ ଓଡ଼ିଶା ସରକାର କିପରି ବୁଝି ପାରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

### ବିଚ୍ ରାସ୍ତାରେ ଦୁଇ...

ଅବସ୍ଥାରେ ଘର ସମ୍ମୁଖରେ ଛିଡ଼ା ହୋଇଥିଲା। ପ୍ରାୟ ୮.୩୦ ରୁ ୯ ସମୟରେ ମୃତକ ଦୁଇ ଜଣ ଉକ୍ତ ରାସ୍ତା ଦେଇ ଯାଇଥିଲେ। ସେମାନଙ୍କୁ ଦେଖି ମୋଚକା ନିଶାଶକ୍ତ ଅବସ୍ଥାରେ ହିତାହିତ ଜ୍ଞାନ ହରାଇ ଆକ୍ରମଣ କରିଥିଲା। ଲୁହା ଶାବଳ ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସ୍ପଷ୍ଟ ଦିବାଲୋକରେ ସର୍ବ ସମ୍ମୁଖରେ ହତ୍ୟା ଘଟିଥିବା ବେଳେ ଗ୍ରାମବାସୀ ମାନେ ଉତ୍ତେଜିତ ହୋଇଥିଲେ। ଅଭିଯୁକ୍ତ ମୋଚକାକୁ କାବୁ କରି ଦୌଉଡ଼ିରେ ବାନ୍ଧି ନିସ୍ତୁକ ମାଡ ମାରି ଗୋଡ ଭାଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକମାନେ ତିରିଂ ପୁଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତକୁ ଗ୍ରାମବାସୀ କବଳରୁ ଉଦ୍ଧାର କରି ଗିରଫ କରିବା ସହିତ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ରାଇରଙ୍ଗପୁର ଏସଡିପିଓ ବିରେନ୍ଦ୍ର ନାଥ ସେନାପତି, ତିରିଂ ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଘଟଣାସ୍ଥଳରେ ପହଁଚିଥିଲେ। ସାଇଣ୍ଟିଫିକ ଟିମ ସହାୟତାରେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ କୌଣସି ପୂର୍ବ ଶତ୍ରୁତା କେନ୍ଦ୍ର କରି ନିଶାଶକ୍ତ ଅବସ୍ଥାରେ ହତ୍ୟାକାଣ୍ଡ ଘଟାଇଥିବା ନେଇ ଗ୍ରାମବାସୀ ମାନେ ସନ୍ଦେହ କରୁଥିବାର କହିଛନ୍ତି। ତିରିଂ ଥାନା ଅଞ୍ଚଳରେ ଡବଲ ମର୍ଡରା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏ ନେଇ ତିରିଂ ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରି ହତ୍ୟା ଅସ୍ତ୍ର ଜବତ କରି ଡବଲ ମର୍ଡର ନେଇ ତଦନ୍ତ ଜାରି ରହିଛି। ତେବେ ହତ୍ୟାକାରୀ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଠିକ ନଥିଲା। ତେଣୁକରି ସେ ମାନସିକ ସ୍ଥିତି ହରାଇ ହତ୍ୟାକାଣ୍ଡ ଘଟଣା ଭିଆଇଥିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି କହିଛନ୍ତି। ସ୍ଥାନୀୟ ଗ୍ରାମ ମାନଙ୍କ ଦେଶୀ ମଦ କାରବାର ବୃଦ୍ଧି ପାଇବା ଯୋଗୁଁ ଆଜିର ହତ୍ୟାକାଣ୍ଡ ହୋଇଛି ବୋଲି ତିରିଂ ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସମାଡ଼ କହିଛନ୍ତି। ତିରିଂ ଅଞ୍ଚଳରେ ପୂର୍ବ ତୁଳନାରେ ଅନେକ ପରିମାଣରେ ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଇଛି। ନିଶା ସେବନ କରି ହିତାହିତ ଜ୍ଞାନ ହରାଇ ବାରମ୍ବାର ଅପରାଧୀକ କାର୍ଯ୍ୟକଳାପ ଘଟାଉଛନ୍ତି। ଏନେଇ ପୂର୍ବରୁ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ କିମ୍ବା ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହା ଫଳରେ ଆଜି ଏହିପରି ଅଘଟଣ ଘଟିଲା ବୋଲି ଶ୍ରୀ ସମାଡ଼ କହିଛନ୍ତି। ତିରିଂ ଅଞ୍ଚଳରେ ଲଘୁ ଖଣିଜ ଚୋରା ଚାଲାଣ ଓ ବେଆଇନ ମଦ କାରବାର ବୃଦ୍ଧି ପାଉଛି। ଏହାକୁ ରୋକିଲେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ହେବ ବୋଲି କହିଛନ୍ତି।

### ପୁଅକୁ ହତ୍ୟାକରି...

ଓ ମାଆଙ୍କ ମଧ୍ୟରେ କଳହ ହୋଇଥିଲା। ସଞ୍ଜୀବ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ମାଆଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ବାପା ମୁରଲୀଧର ହସ୍ତକ୍ଷେପ କରି ସଞ୍ଜୀବଙ୍କୁ ବାରଣ କରିଥିଲେ। ତେବେ ସଞ୍ଜୀବ କିଛି ଶୁଣିବା ଅବସ୍ଥାରେ ନ ଥିବାରୁ ମୁରଲୀଧର ତଙ୍କ ହାତରୁ ଟାଙ୍ଗିଆ ଛଡ଼ାଇ ନେଇ ସଞ୍ଜୀବଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସଞ୍ଜୀବଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ଲୁଚାଇବା ପାଇଁ ବାପାମାଆ ମିଶି ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ। ଖବର ପାଇ ବୁଧବାର ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ସଞ୍ଜୀବଙ୍କ ବାପା ଓ ମାଆଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ସଞ୍ଜୀବ ପୂର୍ବରୁ ବିବାହିତ ଥିଲେ। ଦୁଇବର୍ଷ ପୂର୍ବେ ସେ ଅନ୍ୟ ଏକ ସମାଜର ଯୁବତୀଙ୍କୁ ଦ୍ୱିତୀୟ ବିବାହ କରି ଘରକୁ ଆଣିବାକୁ ଚାହୁଁଥିଲେ। ଏହାକୁ ବାପାମାଆ ବିରୋଧ କରିବାରୁ ପରିବାରରେ ସର୍ବଦା ବିବାଦ ଲାଗି ରହିଥିଲା ବୋଲି କୁହାଯାଉଛି।

**WANTED**
Wanted 30 male/female helpers and nurses in Hyderabad Telangana for residential Autism Friendly School. Minimum 10th pass age 20 to 24 only. Salary 12000/- pm plus Free Food and room. Call 9849884321

**AFFIDAVIT**
I, ANITA GOYAL, W/O SATISH KUMAR GOYAL resident of At - Maitri Bihar, Bhatisalguda, PO/PS/Dist-Nabarangpur - 764059 Odisha declare by this Affidavit No.1947, dated - 13/05/2026, that now onwards I shall be known as **ANITA DEBI GOYAL** for all future purposes.

**AFFIDAVIT**
By virtue an affidavit no. 993 sworn before Executive Magistrate, Rayagada, dtd. 30.04.2026, I, Huika Trinatha, resident of Vill-Kultiguda, PO-Gadiseskhal, PS-Chandili, Dist-Rayagada-765017, Odisha, declare that my minor daughter's name has been changed from Bamika Huika to Bhumika Huika. Henceforth, she shall be known as **Bhumika Huika** for all purposes.
**Sd/- Huika Trinatha**

**AFFIDAVIT**
I, SATISH GOYAL, S/o ROSHAN LAL GOYAL resident of At- Maitri Bihar, Bhatisalguda, PO/PS/Dist - Nabarangpur - 764059, Odisha declare by this Affidavit No.1946, dated - 13/05/2026, that now onwards I shall be known as **SATISH KUMAR GOYAL** for all future purposes.

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH-II**
25001/127/2627
**CANCELLATION OF TENDER**
Due to some unavoidable circumstances tender for the building works invited vide This Office Bid Identification No. Online - EERKL-03/2026-27 by the Executive Engineer is hereby cancelled.
Executive Engineer
R.W. Division-II, Sundargarh
OIPR-25001/25193/1/26-27/0006

**DOCUMENT LOST**
I **AMIAN DAS**, S/o Bijay Kumar Das residing of Plot No- 977/A, At - Kunjapatna Sahi, PO- Old Town Goshagoreswar Temple, Old Town, PS- Shree Lingaraj, Bhubaneswar, Dist - Khordha, Odisha declare that I am the legal and bonafied owner of the Landed Property located at Mouza Bajarsahi, Tahasil Banapur, Dist Khordha **Khata No 34/120, Plot No: 24/134/174** which was purchase from Narendra Patra S/o Ekadashi Patra of Bajarsahi Patna, Badahantual, Banapur, Dist Khordha have been **LOST / MISPLACED**. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority.

**OFFICE OF THE EXECUTIVE ENGINEER,**
**RWS&S DIVISION, NABARANGPUR – 764059**
25001/125/2627
Government of Odisha "e" Procurement Notice
Bid Identification No. 04 of 2026-27 Dated. 12-05-2026
**TENDER CALL NOTICE**
1. Name of the Work: - Procurement of MS pipes.
2. Estimated Cost: - Rs. 34.49 Lakhs
3. Period of Completion: - 1 (One) Months
4. Date and time of availability of bid documents in the portal :- 15.05.2026 (1.00 P.M) to 22.05.2026 (1.00 P.M)
5. Last Date / Time for receipt of bids in the Portal :- 1.00P.M of 22.05.2026
6. Date & time of opening of technical & financial bids:- 11.00 A.M of 25.05.2026
7. Name & address of the Officer Inviting Bid:- Executive Engineer, RWS&S Division, Nabarangpur.
Further details can be seen from the e-procurement portal "https://tendersodisha.gov.in"
OIPR-25001/25028/1/26-27/0005
Superintending Engineer
RWS&S Division, Nabarangpur

**AFFIDAVIT**
By virtue of an affidavit sworn before the Executive Magistrate, Sohela vide no.03 dtd.13.05.2026 I Mitrodya Meher, S/o-Tikeswar Meher, resident of At/Po.- Tungibandhali, Ps.- Sohela, Dist.- Bargarh- 768033 state that, I have changed my name from **Mitrodaya Meher** to **Mitrodya Meher**. Henceforth I will be known as **Mitrodya Meher** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Sohela vide no.06 dtd.13.05.2026 I Nalita Sahu, D/o- Rajendra Prasad Sahu, W/o- Gopala Sahu, resident of Vill.- Pandakipali, Ps.- Sohela, Dist.- Bargarh- 768033 state that, I have changed my name from **Babita Sahu** to **Nalita Sahu**. Henceforth I will be known as **Nalita Sahu** for all future purposes.

**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION KALAHANDI**
10001/152/2627
e-mail- dpmukalahandi@gmail.com
**Tender No: 001, Date: 12-05-2026**
Sealed tender are invited from the eligible agencies to undertake paramedics at Government Health Institution Kalahandi. The details regarding specification, terms, conditions and format etc for submission of bid (Technical & Financial) may be downloaded from District website i.e. www.kalahandi.odisha.gov.in. Interested agencies have to submit their tender in sealed envelope super subscribing on the TOP of the sealed envelope as "Tender for selection of Technomanagerial services at Government Health Institution Kalahandi". The sealed envelope should reach the office of the undersigned by 12.06.2026 till 12.30 p.m along with all relevant documents through Register post/Speed Post/Courier only. The Bidders are go through the details RFP documents thoroughly and act accordingly as well as periodically visit the district website from time to time to get the updated information.
The undersigned reserves the right to reject any or all the tenders without assigning any reasons thereof. The authority is not responsible for any postal delay.
OIPR-10001/10076/1/26-27/0006
CDM & PHO cum District Mission Director
NHM KALAHANDI

**AFFIDAVIT**
I SAYED A B S AHMED, S/O: SAIFUDDIN AHMED SAYED RESIDENT, AT: TINKONIA BAGICHA, PO: BUXI BAZAR, PS: DARGHA BAZAR, DIST: CUTTACK-753001, ODISHA DECLARE BY THIS AFFIDAVIT NO: 16770, DATE: 13.05.2026, THAT NOW ONWORDS I SHALL BE KNOWN AS SAYED ABDUL BATIN FOR ALL FUTURE PURPOSES.

**AFFIDAVIT**
I Shagufta Yasmin, W/o: SK Abdus Salam, At: Nahanga, PO: Sukleswar, Dist: Cuttack, PIN-754221, declare by this Affidavit No: 16196, dated 11/05/2026 that now onwards I shall be known as Sagufta Yashmin for all future purposes

**GOVERNMENT OF ODISHA**
**PANCHAYAT SAMITI, GUDARI**
19001/60/2627
E-Mail - ori-gudari@od.gov.in
**INVITATION FOR BIDS (IFB)**
**e-Procurement Notice**
IDENTIFICATION NO. 01/2026-27 of PANCHAYAT SAMITI, GUDARI
No. 1193 / BGBO/2026-27, Dev Dated 13.05.2026
1. The Panchayat Samiti, Gudari Invites Percentage Rate Bids in Single Cover system in on ONLINE MODE for Construction of Children Park at Lokanathpur of Sanahuma GP (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works : 01 (One) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "C" & "D" Class
5. Date & Time of available in web site & receipt online: 11:00Hrs of 20.05.2026 To 17.00 Hrs. of 03.06.2026
6. Date of Opening of Technical Bid : 05.06.2026 at 11:00 Hrs.
7. The Bidder has to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.
OIPR-19001/19045/1/26-27/0001
Block Development Officer
Gudari

**AFFIDAVIT**
I Shaikh Abdus Salam, S/o.: SK Abdur Razzaque, At: Nahanga, PO: Sukleswar, Dist: Cuttack, PIN-754221, declare by this Affidavit No: 16195, Dated:11/05/2026, that now onwards I shall be known as sk Abdus Salam for all future purposes

**ଦଲିଲ ଓ ପଟ୍ଟା ହଜିଛି**
ମୁଁ ବାସନ୍ତୀ ରାଏ, ସ୍ୱାମୀ- v ବିଷ୍ଣୁଚରଣ ଦାସ, ନିସ୍ତୁ ପ୍ରେଷ୍ଟସ୍ କଲୋନୀ, ବକ୍ସବାଟି ରୋଡ଼, ପୋ-ବକ୍ସିବଜାର, ଥା-ମଙ୍ଗଳାବାଗ ଘୋଷଣା କରୁଛି କି, ମୁଁ କିଣିଥିବା ସମ୍ପତ୍ତିର ମୂଳ ଦଲିଲ ଓ ପଟ୍ଟା (ROR) ଖାତା ନଂ.-୩୪୨, ପ୍ଲଟ ନଂ- ୧୪୧୯, ବିକ୍ରେତା- ଚିରଞ୍ଜିଲାଲ ସାହେବରମ୍, ପି-v କାଲୁରାମ ଓ ଖାତା ନଂ- ୬୧୬/୬୭୭, ପ୍ଲଟ-୧୪୧୮ ବିକ୍ରେତା- ଶାନ୍ତିଲତା ଦାସ, ମୌଜା-କଟକ ସହର, ୟୁନିଟ୍-୨୨ ମିରମଲପାଟଣା, ମଙ୍ଗଳାବାଗ, କଟକ ଘରୁ ମଙ୍ଗଳାବାଗକୁ ଯିବା ରାସ୍ତାରେ କେଉଁଠି ହଜିଯାଇଛି। ଉକ୍ତ ସମ୍ପତ୍ତିର ଦଲିଲକୁ ବନ୍ଧକ ରଖି ମୁଁ ବ୍ୟାଙ୍କରୁ ଋଣ ଆଣିବାକୁ ଚାହୁଁଛି। ଯଦି କେହି ଉକ୍ତ ଦଲିଲକୁ ପାଆନ୍ତି ତେବେ ମୋତେ ମୋବାଇଲ ୮୬୩୭୨୧୩୨୧୧ରେ ଯୋଗାଯୋଗ କରିବାକୁ ଅନୁରୋଧ।
ବାସନ୍ତୀ ରାଏ

**GOVERNMENT OF ODISHA**
**Office of the Superintending Engineer**
**Kanupur Rehabilitation, Camps & Building Division,**
AT/PO-Basudevpur, Dist.-Keonjhar, PIN-758047.
46001/4/2627
**e- PROCUREMENT NOTICE**
Bid Identification No. SE, KRC & BD- 03/2026-27
Email- eekrcbdbasudevpur@gmail.com

| Sl. No | Name of work | Approx. value of work (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 01 | "Sinking of 7Nos 125/100 mm dia of tube wells through fast drilling sophisticated DTH rig at Raghual Sahi, Sankarpur, Pratap Dhanurjaypur, Kandara, Bhagalpur clusters of KIP." | 14.74 | 14740.00 | 6,000.00 | 02(Two) Calendar months | "C" & "D" | Kanupur Reh. Camps & Building Division, At/PO-Basudevpur, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | Date & time of opening of tender | Place of opening |
|---|---|---|---|---|
| Superintending Engineer, Kanupur Reh. C. & B. Division, Basudevpur, Dist- Keonjhar. | SE, KRC & BD-03 / 2026-27 | From 15.05.26 From 10.00 Hours To 25.05.26 Up to 17.00 Hours | 26.05.26 at 11.00 Hours | O/o the Superintending Engineer Kanupur Reh. C. & B. Division, Basudevpur, Dist- Keonjhar. |

OIPR-46001/46009/1/26-27/0001
Superintending Engineer
Kanupur Reh. C.& B. Division,
Basudevpur

● ସାମାଜିକ ସମୀକ୍ଷା ବେଳେ ଅନିୟମିତତାର ପର୍ଦ୍ଦାଫାସ

# ୩୫ ମୃତକଙ୍କୁ ଦିଆଯାଉଛି ଚାଉଳ

ବିଷମ କଟକ,୧୩।୫(ସମିସ):

ରାୟଗଡ଼ ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ହୋଇଥିବା ସାମାଜିକ ସମୀକ୍ଷା ବୈଠକରେ ସାମାଜିକ ସମୀକ୍ଷକ ଆଖିତରଟି ଗଲା ଭଳି ତଥ୍ୟ ଉପସ୍ଥାପନା କରିଛନ୍ତି। ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଖାଦ୍ୟ ସୁରକ୍ଷା ଆଇନର ସମୀକ୍ଷା କରାଯାଇଥିବା ବେଳେ ଥୁଆପାଡି ଗ୍ରମା ପଞ୍ଚାୟତର ସାହୁ ହିକକା, ଲାକୁ ପିରିବାକା, ବୁଢୁ ପିରିବାକା, କିରୁ ପିରିପେକା, ଦଣ୍ଡାସି ୱାଡକା, କମଳାମଣି ପିଡିକାକା, ଦାନୁ ପେରିପାକା, ଜିଆଣି ହିକାକା,ଗୌତମ ହିକକା, ଦିନ୍ଦୁ ପେରିପାକା, କୁନି ମିଣିଆକା, ଦିପାଇ ପିରିବାକା, ୱେଣ୍ଡି ହିକକା, ବିମଳ ମିଣିଆକା ଏବଂ ରିନା ବିଡିକାଙ୍କୁ ମିଶାଇ ସମୁଦାୟ ୧୫ଜଣ ହିତାଧିକାରୀ ଗତ ୨୦୨୧ ରୁ ୨୦୨୨ ମସିହା ଭିତରେ ମୃତ୍ୟୁବରଣ କରିଥିବା ସତ୍ତ୍ୱେ ଏପ୍ରେଲ ୨୦୨୫ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ପଞ୍ଚାୟତରୁ ଚାଉଳ ପ୍ରଦାନ କରାଯାଉଥିବା ନଜରକୁ ଆସିଛି। ସେହିପରି ଝିଗିଡି ଗ୍ରାମପଞ୍ଚାୟତର କାଶ କୁଣ୍ଡିକା, ଦୁଖି କୁଶୁଲିଆ, ଅର୍ଜୁନ କୁଟୁକା, ସୋନା ଉର୍ଲାକା, ସଦାଶିବ କୁଟୁକା, ଲକ୍ଷ୍ମୀ କୁଟୁକା, ୱେଣ୍ଡି ପ୍ରାକ୍ସା, ବାସୁ କଟୁକା, ରାମଶିଙ୍ଗ କୁଟୁକା, ମୋହନ ବେହେରା, ପୁରୁ ପିଡିକାକା, ଦିଶାରି ଉର୍ଲାକା, ଚଂଜିତା ବେହେରା, କାଳିନ୍ଦ୍ରି ଲୋୟା, କରଣ୍ଡି ହିକକା, ନରି ହିକକା, ରୀ ହିକକା, ମୁକୁ ହିକକା, ରାପାଦେଇ ହିକକା ଏବଂ ସିତାଇ ଜାକସିକାଙ୍କ ତିନିବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଥିବା ସତ୍ୱେ ଚାଉଳ ପାଉଥିବା ତଥ୍ୟ ସାମାଜିକ ସମୀକ୍ଷକ ନମିତା ୱାଡକା ସମୀକ୍ଷା ବୈଠକରେ ଉପସ୍ଥାପନା କରିଛନ୍ତି। ଦୀର୍ଘ ଦିନ ହେବ ମୃତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଉଥିବା ଦର୍ଶଯାଉଥିବା ଘଟଣା କିପରି ବିଭାଗୀୟ ବାବୁ ମାନଙ୍କ ନଜରକୁ ଆସିଲା ନାହିଁ ତାହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ଆମେ ବିଷମ କଟକ ବ୍ଲକ ଯୋଗାଣ ନିରୀକ୍ଷକ ଧିରେନ୍ ସାହୁଙ୍କ ସହ ଯୋଗାଯୋଗ କରିବାରୁ ମୃତ ହିତାଧିକାରୀଙ୍କୁ କିପରି ଦୀର୍ଘଦିନ ଚାଉଳ ପ୍ରଦାନ କରାଗଲା ସେ ନେଇ ସମ୍ପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ କୈଫତ ତଲବ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ହେଲେ ଆଗାମୀ ଦିନରେ ପ୍ରଶାସନର ପଦକ୍ଷେପକୁ ଜାଣିବା ପାଇଁ ସମସ୍ତେ ଚାହିଁ ରହିଛନ୍ତି।

## ମାଙ୍ଗିପାଲି ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ଅସନ୍ତୋଷ

# ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଲେ ଗ୍ରାମବାସୀ

ମାଲକାନଗିରି/କାଲିମେଳା, ୧୩।୫(ସମିସ) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଭେଙ୍କଟ ପାଲାମ ପଞ୍ଚାୟତର ମାଙ୍ଗିପାଲି ଗ୍ରାମରେ ଧର୍ମାନ୍ତରଣକୁ କେନ୍ଦ୍ର କରି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ୨୫୦ ପରିବାର ଓ ପ୍ରାୟ ହଜାରେ ଲୋକସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ କିଛି ପରିବାର ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଏବଂ ଗ୍ରାମର ପାରମ୍ପରିକ ସଂସ୍କୃତି ଓ ପୂଜା ପରମ୍ପରାରେ ହସ୍ତକ୍ଷେପ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାହାର



ଅଞ୍ଚଳ ଓ ଅନ୍ୟ ଭାଷାଭାଷୀ ଲୋକଙ୍କୁ ଗାଁକୁ ଡାକି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ପ୍ରାର୍ଥନା ସଭା ଓ ଧାର୍ମିକ କାର୍ଯ୍ୟକ୍ରମ କରାଉଛନ୍ତି। ଏହା ସହ ଗ୍ରାମର ପାରମ୍ପରିକ ଆଚାର, ବିଶ୍ୱାସ ଓ ସଂସ୍କୃତି ବିରୋଧରେ କଟୁକଥା କୁହାଯାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଆଜି ଗ୍ରାମର କିଛି ପ୍ରମୁଖ ବ୍ୟକ୍ତି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ କେତେଜଣ କେଉଁ ଧର୍ମର ଲୋକେ ଅଛନ୍ତି, ତାହା ସରକାରୀ ଭାବେ ସ୍ପଷ୍ଟ କରିବା ସହ ଗ୍ରାମର ପର୍ବପର୍ବାଣୀ ଓ ଅନ୍ୟାନ୍ୟ ପାରମ୍ପରିକ ସାମାଜିକ କାର୍ଯ୍ୟରେ ଅନାବଶ୍ୟକ ହସ୍ତକ୍ଷେପ ନ କରିବାକୁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଲୋକଙ୍କୁ ପରାମର୍ଶ ଓ ଆବଶ୍ୟକ ପଦକ୍ଷେପ ନେବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ପୂର୍ବତନ ସରପଞ୍ଚ ଦେବା ମାଡକାମୀ, ପଦିଆ ମାଡ଼ି, ମୁଢ଼ା ମାଡକାମୀ, ସୋମନାଥ ମାଡକାମୀ, ଲଛମନ ମାଡକାମୀ ଓ ନନ୍ଦା କବାସି ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତ ହେତୁ ଦାୟିତ୍ୱରେ ଥିବା ପଲ୍ଲବୀ ଖରାଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଓଡ଼ିଶା ବିଚ୍ ଫ୍ୟାସନ୍ ୱିକ୍ ରାମ୍ପ୍ ଶୋ’ରେ ଉପାସନାଙ୍କ କମାଲ

ଗୁଣପୁର,୧୩।୫(ସମିସ):

ଗ୍ଲାମର ଦୁନିଆଁରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିପାରିଛି ନେକ୍ସଟ୍ ଜେନ୍ ଫ୍ୟାସନ୍ ଟୁର୍ ଏଣ୍ଡ ଲାଇଫ୍। ସମ୍ବଲପୁରୀ, ହସ୍ତତନ୍ତ ଅନ୍ୟ ଫ୍ୟାବ୍ରିକ୍ର ବହୁଳ ପ୍ରଚାର ପ୍ରସାର ପାଇଁ ଦୀର୍ଘ ଦିନରୁ ପ୍ରୟାସ ଜାରି ରଖିଥିବା ନେକ୍ସଟ୍ ଜେନ ଫ୍ୟାସନ୍ ଟୁର ଏଣ୍ଡ ଲାଇଫ୍ ପକ୍ଷରୁ ପୁରୀର ହୋଟେଲ୍ ‘ମେ ଫେୟାର’ ଠାରେ ଓଡିଶା ବିଚ୍ ଫ୍ୟାସନ୍ ୱିକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ହିତେନ୍ଦ୍ର ଶାହିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହ ପ୍ରତିଷ୍ଠାତା ରତନ ସାଓ , ସଂଯୋଜକ ସୁବୋଧ ଚାନ୍ଦ ଅତି ସୁନ୍ଦର ଭାବରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର, ବଲାଙ୍ଗୀର, ଅନୁଗୁଳ, ଭୁବନେଶ୍ୱର, ରାୟଗଡ଼ା ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା କୁନି କୁନି ମଡେଲ ତଥା ମୁମ୍ବାଇ, କଲିକତା, ଭୁବନେଶ୍ୱରରୁ ଆସିଥିବା ୧୬ ଜଣ ସୁପ୍ରତିଷ୍ଠିତ ପେସାଦାର ମଡେଲ ୧୦ଟି ଫ୍ୟାସନ୍ ଡିଜାଇନରଙ୍କ ଦ୍ୱାରା




ପ୍ରସ୍ତୁତ ପରିଧାନ ପିନ୍ଧି ରାମ୍ପ୍ ୱାକ୍ କରିଥିଲେ। ୟୁ ଟ୍ରେଣ୍ଡର ଫାଉଣ୍ଡର ତଥା ପ୍ରତିଷ୍ଠିତ ଡିଜାଇନର ମିସ୍ ଉଷାଙ୍କ ଡିଜାଇନ୍ ପରିଧାନ ପିନ୍ଧି କୁନି କୁନି ମଡେଲ ମାନଙ୍କ ରାମ୍ପ ୱାକ ସମସ୍ତଙ୍କୁ ଆକର୍ଷିତ କରିଥିଲା। ମୁମ୍ବାଇର ସେଲିବ୍ରେଟି ଡିଜାଇନର ପଙ୍କଜ କୁମାର, ହେମନ୍ତ ଓ ଅନ୍ୟ ଡିଜାଇନର ମାନେ ସାମିଲ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଉଡ୍ ରାଷ୍ଟ୍ର ଥମସନ ଆନ୍ଦ୍ରିଉଜ୍। ସେହିପରି ମିସ୍ ଟିନ୍ ୟୁନିଭର୍ସ ଟ୍ରିସା ରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏମ୍ଏସ୍ଏମ୍ଇର ଡେପୁଟି ଡାଇରେକ୍ଟର ନିତିଶା ମାନ ଓ ନାଲ୍କୋ ଇଡି ଆଶୁତୋଷ ରଥ ଯୋଗଦେଇ ମଡେଲ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରାମ୍ପ୍ ୱାକ୍ରେ ସମ୍ବଲିକା ବ୍ରାଣ୍ଡର ଫାଉଣ୍ଡର ତଥା ପ୍ରସିଦ୍ଧ ଫ୍ୟାସନ୍ ଡିଜାଇନର ସମିତ କରଙ୍କ ଡ୍ରେସ୍ ପିନ୍ଧି ଉପାସନା ରାମ୍ପ ୱାକ କରିବା ସହ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଅଡିସନ୍‌ରେ ସିଲେକ୍ଟ ହୋଇ ଗୋଆରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ପାଇଁ ଚୟନ ହୋଇଛନ୍ତି। ଗୁଣପୁର ଭଳି ଏକ ଉପାନ୍ତ ଅଞ୍ଚଳରୁ ଆସି ଓଡ଼ିଶା ବିଚ୍ ଫ୍ୟାସନ୍ ୱିକ୍‌ରେ ଅଂଶ ଗ୍ରହଣ କରି ରାମ୍ପ ୱାକ୍‌ରେ ଭଲ ପ୍ରଦର୍ଶନ କରିଥିବାରୁ ଉପାସନାଙ୍କୁ ଉପସ୍ଥିତ ଅତିଥି ଓ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ। ଗ୍ଲାମର ଦୁନିଆଁରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଲକ୍ଷ ରଖିଥିବା ଉପାସନାଙ୍କୁ ଏବେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହି କାର୍ଯ୍ୟକ୍ରମକୁ ଶୁଭଜିତ୍ ପଣ୍ଡା ସଂଯୋଜନା କରିଥିବା ବେଳେ ନିଫ୍ଟର ବିଷ୍ଣୁପ୍ରିୟା ଦାସ, ନିବେଦିତା ଦାସ, ରେଣୁବାଳା ମହନ୍ତ, ଶିବାନନ୍ଦ ମହାନ୍ତି, ସ୍ୱପ୍ନା ଭାରତୀ ଓ ପ୍ରଶାନ୍ତ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ନର୍ସିଂ ଅଫିସର ମୀରାରାଣୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି,୧୩।୫(ସମିସ): ଫୁଲତୋଡ଼ା ସହ ଫୁଲମାଳ ଏବଂ ବାଜା ବଜାଇ ଆଦିବାସୀ ନୃତ୍ୟ ଢେମ୍ସାର ତାଳେ ତାଳେ ଜଣେ ନର୍ସ ଅଫିସରଙ୍କୁ ସ୍ୱାଗତ ଜଣାଇଛନ୍ତି ଅଞ୍ଚଳର ଶତାଧିକ ମହିଳା। ଆଜି ଏପରି ନିଆରା ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପୁନଃ ନର୍ସ ଅଫିସର ଭାବେ ମୀରାରାଣୀ ସେଠୀ ଯୋଗଦାନ କରିବା ପରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ନର୍ସ ଅଫିସର ମୀରା ଆଜକୁ ଦୀର୍ଘ ବର୍ଷ ହେବ ବାଲିମେଳା ତଥା ଏହାର ଆଖପାଖ ଅଞ୍ଚଳର ମହିଳାମାନଙ୍କ ଅସୁବିଧା ସୁବିଧାରେ ଛିଡା ହେବା ସହ ଯଦି କେହି ଗରିବ ଶ୍ରେଣୀର ଲୋକ ମେଡିକାଲକୁ ଯାଆନ୍ତି, ସେ ନିଜ ବେତନରୁ ଟଙ୍କା ଦେଇ ସାହାର୍ଯ୍ୟର ହାତ ବଢାଇଥାନ୍ତି। ତାଙ୍କର ବିଭାଗୀୟ ଡେପୁଟେସନ ହେତୁ ସେ ଅନ୍ୟତ୍ର ଚାଲି ଯାଇଥିଲେ। ଆଜି ପୁଣି ତାଙ୍କର ଯୋଗ ଦେବା ଅଞ୍ଚଳବାସୀ ଶୁଣି ଶତାଧିକ



ମହିଳା ନିଜସ୍ୱ ଇଚ୍ଛାରେ ଆସି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ଖୁସି ଦେଖି ନର୍ସ ଅଫିସର ମୀରାରାଣୀ ଭାବବିହ୍ୱଳ ହେବା ସହ ସେ ସର୍ବଦା ସହରବାସୀଙ୍କ ପାଇଁ ନିଜର ସେବା ଜାରି ରଖିବେ ବୋଲି ଦୃଢୋକ୍ତି ଦେଇଛନ୍ତି। ଆଜିର ଏହି ସମ୍ବର୍ଦ୍ଧନା ସମୟରେ ନର୍ସ ଅଫିସର ଶ୍ରୀମତୀ ସେଠୀଙ୍କ ସମେତ ଅଞ୍ଚଳର ଶତାଧିକ ମହିଳା ଏବଂ ମେଡିକାଲ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ମୁକ୍ତି କଲେଜ ଅଫ୍ ନର୍ସିଂର ଅନ୍ତର୍ଜାତୀୟ ସେବିକା ଦିବସ




ଖଇରପୁଟ,୧୩।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ଅଞ୍ଚଳରେ ମୁକ୍ତି କଲେଜ ଅଫ୍ ନର୍ସିଂ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଶିକ୍ଷକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ। ଗୋବିନ୍ଦପାଲ୍ଲୀ ପରି ଗ୍ରାମୀଣ ଅଞ୍ଚଳରେ ଏଭଳି ଶିକ୍ଷାନୁଷ୍ଠାନ ଗଢ଼ିଉଠିବା ଯୁବପିଢ଼ି ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ। ସଭାରେ କଲେଜର ଅଧକ୍ଷ କହିଥିଲେ ଯେ, ଗୋବିନ୍ଦପାଲ୍ଲୀର ଛାତ୍ରଛାତ୍ରୀମାନେ ଆଉ ଉଚ୍ଚଶିକ୍ଷା ପାଇଁ ଦୂରକୁ ଯିବାକୁ ପଡିବ ନାହିଁ। ଏଠାରେ ଆଧୁନିକ ପାଠପଢ଼ା ସହିତ ପ୍ରାକ୍ଟିକାଲ ଟ୍ରେନିଂର ବ୍ୟବସ୍ଥା ମଧ୍ୟ ରହିଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଶକୁ ଆନନ୍ଦମୟ କରିଥିଲା। ଅତିଥିମାନଙ୍କୁ ସମ୍ମାନିତ କରାଯାଇ ଶେଷରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା ଓ ସମସ୍ତଙ୍କୁ ଧନ୍ୟବାଦ ଜଣାଯାଇଥିଲା।

# ଠିକା ଟଙ୍କା ମିଳୁନି, ଠିକାଦାର ଲୋକ ଅଦାଲତର ଦ୍ୱାରସ୍ଥ

ଜୟପୁର, ୧୩।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ବୋରିଗୁମ୍ମା ବ୍ଲକର ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ମହାଗୋନ୍ଧୀ ଗ୍ରାମ୍ୟ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି (ଏମଏସଆରଇଜିଏ) ମାଧ୍ୟମରେ ୬ଟି ବିଦ୍ୟାଳୟର ୫-ଟି ଯୋଜନା ମାଧ୍ୟମରେ ନିର୍ମାଣ ଓ ମରାମତି କାର୍ଯ୍ୟ କରିଥିଲେ। କିନ୍ତୁ ଦୀର୍ଘ ବର୍ଷ ହେବ ଠିକା ବାବଦକୁ ଟଙ୍କା ନ ମିଳିବାରୁ ପୀଡିତ ତଥା ପୂର୍ବତନ ବେଣାସୁର ସରପଞ୍ଚ ନିରଞ୍ଜନ ତ୍ରିପାଠୀ ଜୟପୁର ସ୍ଥିତ ସ୍ଥାୟୀ ଲୋକ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏଥିନେଇ ସେ ଜିଲ୍ଲାପାଳ, ବିଡିଓ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, ତତ୍କାଳିନ କନିଷ୍ଠ ଯନ୍ତ୍ରୀ ଏବଂ ୩ଜଣ ଭେଣ୍ଡରଙ୍କ ବିରୋଧରେ ଜୟପୁର ସ୍ଥିତ ଆଇନସେବା ପ୍ରାଧିକରଣ ଧାରା ଅନୁଯାୟୀ ସ୍ଥାୟୀ ଲୋକ ଅଦାଲତରେ ଦ୍ୱାରସ୍ଥ ହୋଇ ଅଭିଯୋଗପତ୍ର ଦାଖଲ କରିଛନ୍ତି। ପ୍ରକାଶ ଯେ, ୩ ବର୍ଷ ପୂର୍ବେ ବୋରିଗୁମ୍ମା ବ୍ଲକ ବେଣାସୁର ଗ୍ରାମପଞ୍ଚାୟତର ବାଘଭଦ୍ରା ଗ୍ରାମର ବାସିନ୍ଦା ତଥ ପୂର୍ବତନ ସରପଞ୍ଚ ଶ୍ରୀ ତ୍ରିପାଠୀ ୫-ଟି ଯୋଜନାରେ ବୋରିଗୁମ୍ମା ବ୍ଲକ ଅଧିନସ୍ଥ ୬ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରିଥିଲେ। ଏହାପରେ ନିର୍ମାଣ କାର୍ଯ୍ୟ କରିଥିବା ବାବଦକୁ ବିଲ୍ ପ୍ରସ୍ତୁତ କରିବା ସହିତ ଖର୍ଚ୍ଚ ହୋଇଥିବା ଟଙ୍କା ପ୍ରଦାନ କରିବାକୁ ଉକ୍ତ ଦାୟୀତ୍ୱରେ ରହିଥିବା ତତ୍କାଳୀନ ବୋରିଗୁମ୍ମା ବ୍ଲକର କନିଷ୍ଠ ଯନ୍ତ୍ରୀ ତଥା ବର୍ତ୍ତମାନ ସେମିଳିଗୁଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ନିଯୁକ୍ତ ଅଧିକାରୀଙ୍କୁ ଗୁହାରୀ କରିଥିଲେ। କିନ୍ତୁ ଏଥିନେଇ ଉକ୍ତ କନିଷ୍ଠ ଯନ୍ତ୍ରୀ ୨୭ ପ୍ରତିଶତ ପିସି ବାବଦକୁ ଟଙ୍କା ଦାବି କରିଥିଲେ। କିନ୍ତୁ ସେ ଏତେ ଟଙ୍କା ପ୍ରଦାନ କରିବାକୁ ଅସମର୍ଥ ବୋଲି ଗୁହାରୀ କରିବାରୁ ଉକ୍ତ ଯନ୍ତ୍ରୀ କର୍ଣ୍ଣପାତ କରିଥିଲେ। ଉକ୍ତ ଟଙ୍କା ନିର୍ମାଣ କାର୍ଯ୍ୟ ପାଇଁ ସାମଗ୍ରୀ ପ୍ରଦାନ କରିଥିବା ୩ଟି ଭେଣ୍ଡରଙ୍କୁ ପ୍ରଦାନ କରାଯିବ ବୋଲି ପାଲଟା ଚେତାବନୀ ଦେଇଥିଲେ। ଶେଷରେ ପୀଡିତ ଶ୍ରୀ ତ୍ରିପାଠୀ ୧୨ ପ୍ରତିଶତ ପିସି ଦେବାକୁ ରାଜି ହୋଇଥିଲେ। କିନ୍ତୁ ଉକ୍ତ କନଷ୍ଠ ଯନ୍ତ୍ରୀ ଏଥରି ସହମତି ହୋଇନଥିଲେ ଏବଂ ନିର୍ମାଣ ଓ ମରାମତି ବାବେଦକୁ ସମସ୍ତ ଟଙ୍କା ୩ଟି ଭେଣ୍ଡରଙ୍କ ନାମରେ ବିଲ୍ ପ୍ରସ୍ତୁତ କରିବା ସହିତ ପ୍ରଦାନ

● ପୂର୍ବରୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ

କରିଥିଲେ। କିନ୍ତୁ ଶେଷରେ ନିରୁପାୟ ହୋଇ ନ୍ୟାୟ ଆଶାରେ ପୀଡିତ ଆଜି ଜୟପୁର ସ୍ଥିତ ସ୍ଥାୟୀ ଲୋକ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଯଦି ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହୁଏ, ଆଗାମୀ ଦିନରେ ତାଙ୍କୁ ଠକେଇ କରାଯାଇଥିବା ଅଭିଯୋଗରେ ଏକ ଫୌଜଦାରୀ ମାମଲା ଦାଖଲ କରିବା ସହିତ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ପୀଡିତଙ୍କ ଓକିଲ ଲାଲମୋହନ ଷଡଙ୍ଗୀ ସୂଚନା ଦେଇଛନ୍ତି। ନିଜର ନୀଳଗିରି ଗଛ ବିକ୍ରି କରିବା ସହିତ ଏହି ଟଙ୍କାରେ ୬ଟି ବିଦ୍ୟାଳୟର ୫-ଟି ଯୋଜନାରେ ନିର୍ମାଣ କାର୍ଯ୍ୟ କରିଥିବା ବେଳେ ଉକ୍ତ ଟଙ୍କା ନ ମିଳିବା ଯୋଗୁଁ ସେ ଆର୍ଥିକ ଭାବେ ଦୁର୍ବଳ ହୋଇଯାଇଛନ୍ତି। ପୀଡିତ ବର୍ତ୍ତମାନ ବୃଦ୍ଧାବସ୍ଥାରେ ରହିଛନ୍ତି। ତେଣୁ ସେ ସମସ୍ତଙ୍କୁ ଗୁହାରି କରି ନିରାଶ ହୋଇ ଗତ ଏକ ମାସ ପୂର୍ବେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ଏବଂ ସର୍ବୋଚ୍ଚ ନ୍ୟାୟଳୟ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ।

● ସିବିଏସଇ ଯୁକ୍ତ ଦୁଇ ପରୀକ୍ଷା ଫଳ

# ସେଞ୍ଚୁରିଅନ୍ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ରାୟଗଡ,୧୩।୫(ସମିସ): ଆଜି ସିବିଏସଇ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ରାୟଗଡର ସେଞ୍ଚୁରିଅନ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରି ବିଦ୍ୟାଳୟର ସୁନାମକୁ ଅକ୍ଷୁଣ୍ଣ ରଖିଛନ୍ତି।



ସୁଶ୍ରୀ ଆଇସାରାଣୀ ଦାସ ଶତକଡା ୯୦.୨ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁଜୟ ମଣ୍ଡଳ ଓ ବର୍ଷା ପାଢ଼ୀ ସର୍ବମୋଟ ୮୮ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ମୋଟ ୧୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩ ଜଣ ଡିଷ୍ଟିଙ୍କସନ୍ ପାଇଥିବା ବେଳେ ଅବଶିଷ୍ଟ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ପ୍ରକାଶ ପରେ ବିଦ୍ୟାଳୟ ପରିସରରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ପରସ୍ପରକୁ ମିଠା ଖୁଆଇ ଓ ଅଭିନନ୍ଦନ ଜଣାଇ ନିଜର ଆନନ୍ଦ ପ୍ରକାଶ କରିଥିଲେ। ଅଭିଭାବକମାନେ ମଧ୍ୟ ନିଜ ସନ୍ତାନଙ୍କ ସଫଳତାରେ ଅତ୍ୟନ୍ତ ଖୁସି ବ୍ୟକ୍ତ କରି ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ। ରିଜିଓନାଲ ଡିରେକ୍ଟର ଡ. ରାଜେଶ କୁମାର ପାଢ଼ୀ ସମସ୍ତ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରି ଭବିଷ୍ୟତରେ ବିଦ୍ୟାଳୟ ଏଭଳି ସଫଳତାର ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ରାୟଗଡ଼ ବ୍ଲକରେ ସାମାଜିକ ସମୀକ୍ଷା ଜନଶୁଣାଣି

# ମୃତ୍ତିକା ସଂରକ୍ଷଣ ବିଭାଗର ବେପରୁଆ ନୀତିକୁ ନିନ୍ଦା

ରାୟଗଡ,୧୩।୫(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ସଦ୍‌ଭାବନା ସଭାଗୃହ ପରିସରରେ ବ୍ଲକସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଏଥିରେ ଅଧକ୍ଷତା କରି ସରକାରୀ ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରକ୍ଷା କରିବା ଏହାର ଉଦ୍ଦେଶ୍ୟ ବୋଲି କହିଥିଲେ। ଗତ ଏପ୍ରିଲ ଠାରୁ ସେପ୍ଟେମ୍ବର ମାସ ୨୦୨୫ ମଧ୍ୟରେ ମନରେଗା, ପି ଏମ୍ ପୋଷଣ ଏବଂ ସାଧାରଣ ବଣ୍ଟନ ଭଳି ସରକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଅନୁଷ୍ଠିତ ସାମାଜିକ ସମୀକ୍ଷାର ଜନ ଶୁଣାଣି କରାଯାଇଥିଲା। ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଲୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସ୍ମୃତିରେଖା ନାୟକ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ସତ୍ୟ ହୁଇକା, ଯୋଗାଣ ଅଧିକାରୀ ମାନସ ସୁନା ଓ ଶିକ୍ଷା ବିଭାଗରୁ ଏବିଇଓ ବଳରାମ ହୁଇକା ମଞ୍ଚାସୀନ ଥିଲେ। ଗତ ୨୩ ଅକ୍ଟୋବର ୨୦୨୫ ଠାରୁ ୧୯ ମାର୍ଚ୍ଚ ୨୦୨୬ ମଧ୍ୟରେ ୧୪ ଜଣ ଭିଆରପି ଚାରୋଟି ଦଳରେ ରାୟଗଡ଼ ବ୍ଲକର ୨୮ଗୋଟି ଗ୍ରାମ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ, ସାଧାରଣ ବଣ୍ଟନ କେନ୍ଦ୍ର ଓ ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ଯୋଜନାର କାର୍ଯ୍ୟକାରିତା ବିଷୟରେ କରିଥିବା ସମୀକ୍ଷାର ବିବରଣୀ ଗୃହରେ ଉପସ୍ଥାପନ କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତରରେ ମନରେଗା ଯୋଜନା ନିର୍ଦ୍ଧାରିତ ସାତ ପ୍ରକାର ରେଜିଷ୍ଟର, ମାଷ୍ଟର ରୋଲ ଓ ରେକର୍ଡ ପରିଚାଳନା ସମ୍ପର୍କିତ ସମସ୍ତ ତଥ୍ୟ ଏଥିରେ ଆଲୋଚନାର ପରିସରଭୁକ୍ତ ଥିଲା। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ କୋଟି କୋଟି ଟଙ୍କାର ବ୍ୟୟ ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଆବଶ୍ୟକ ରେକର୍ଡ ସମୀକ୍ଷା ନିମନ୍ତେ ଉପସ୍ଥାପନ କରାଯାଇନଥିବା ସମୀକ୍ଷା ଅଧିକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ନୂତନ ପଡ଼ିକାର୍ଡ ପ୍ରଦାନ ନିମନ୍ତେ ୫୭ ଜଣଙ୍କ ଦରଖାସ୍ତ ସମୀକ୍ଷା ତାରିଖ ସୁଦ୍ଧା ବକେୟା



ଥିବା ବେଳେ ସେମାନଙ୍କୁ ନୂତନ ପଡିକାର୍ଡ ପ୍ରଦାନ କରାଯାଇଥିବା ଯୋଗାଣ ଅଧିକାରୀ ପ୍ରକାଶ କରିଛନ୍ତି। ପୋଷଣ ଯୋଜନାର ସମୀକ୍ଷା ସମୟରେ ବିଦ୍ୟାଳୟ ଗୁଡିକରେ ରନ୍ଧାଗୃହର ମରାମତି, ଭୋଜନାଳୟ ଓ ଶ୍ରେଣୀଗୃହର ଅଭାବ, ଅନେକ ବିଦ୍ୟାଳୟରେ ପାଣି ଗଳିବା, ବିଦ୍ୟାଳୟରେ ହତା ଅଭାବରୁ ସୁରକ୍ଷାର ଆବଶ୍ୟକତା, ସ୍ୱଳ୍ପ ସଂଖ୍ୟକ ଶିକ୍ଷକ, ପୋଷଣ ଖାଦ୍ୟର ମାନ, ଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ଆଦି ସମସ୍ୟା ଆଲୋଚନାର ପରିସରଭୁକ୍ତ ଥିଲା। ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ମୃତ୍ତିକା ସଂରକ୍ଷଣ ବିଭାଗର ବେପରୁଆ ନୀତିର ନିନ୍ଦା କରିବା ସହ ସମୀକ୍ଷା ଅଧୀକାରୀଙ୍କୁ ସମସ୍ତ ସହଯୋଗ ପ୍ରଦାନ ସହ ଭବିଷ୍ୟତରେ ଏପରି ତ୍ରୁଟି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିପଦ ସଙ୍କୁଳ ବିଦ୍ୟାଳୟ ତଥା ରନ୍ଧାଗୃହ, ଶୌଚାଳୟ ଆବଶ୍ୟକ ଥିବା ବିଦ୍ୟାଳୟର ତାଲିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ବିଡିଓଙ୍କୁ ଦେବା ସହ ନିର୍ଦ୍ଧାରିତ ମାନର ଖାଦ୍ୟ ନିମନ୍ତେ ସ୍କ୍ୱାର୍ଡ ଗଠନ କରି ଖାଦ୍ୟର ମାନ ଯାଞ୍ଚ କରିବା ଓ ବିବରଣୀ ପ୍ରଶାସନର ଦୃଷ୍ଟିକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିଶୁ ଯେପରି ସେମାନଙ୍କ ଶିକ୍ଷା, ପୋଷଣ ଓ ସୁରକ୍ଷାର ଅଧିକାରରୁ ବଞ୍ଚିତ ହେବେନାହିଁ, ସେଥିପ୍ରତି ବିହିତ ପଦକ୍ଷେପ ନେବାପାଇଁ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧାରୁ ପାଠ ଛାଡିଥିବା ସମସ୍ତ ଶିଶୁଙ୍କୁ ଯେପରି ଚିହ୍ନଟ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଆବଶ୍ୟକ ଜନସଚେତତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ପ୍ରବର୍ତ୍ତାଇଛନ୍ତି। ଏଥିରେ ରାୟଗଡ଼ ବ୍ଲକର ସମସ୍ତ ଏଡିଇଓ, ଜିଆରଏସ, ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସରପଞ୍ଚ, ନିର୍ବାଚିତ ପ୍ରତିନିଧି, ସାମାଜିକ ସମୀକ୍ଷକ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ




କୋରାପୁଟ,୧୩।୫(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଇଛି। କୋରାପୁଟ ନର୍ସ ଅଫିସର ସଂଘ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେବା, ସହାନୁଭୂତି ଓ ସମର୍ପଣର ପ୍ରତୀକ ଭାବେ ନର୍ସ ମାନେ ନିଜ ଜୀବନକୁ ଅନ୍ୟର ସେବାରେ ଉତ୍ସର୍ଗ କରିଥାନ୍ତି ବୋଲି ମୁଖ୍ୟ ଅତିଥି କୋରାପୁଟ ବିଧାୟକ ଶ୍ରୀ ମାଛ କହିଛନ୍ତି। ସଂଘର ସଭାପତି ରାଜଲକ୍ଷ୍ମୀ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମେଡିକାଲ କଲେଜର ଡିନ ପ୍ରଫେସର ଡାକ୍ତର ହରେକୃଷ୍ଣ ଦଳେଇ, ହସ୍‌ପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୁଳମଣି ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ପରିଚାଳନା କରିଥିଲେ।

## ଜିଲ୍ଲାରେ ସଡ଼କ ଦୁର୍ଘଟଣା ସଂଖ୍ୟା ଉପରମୁହାଁ

# ୪ ମାସରେ ୯୮ ଦୁର୍ଘଟଣା, ୭୧ ମୃତ




### ୧୨୦ ଦିନରେ ୨୩୨୭ ଡ୍ରାଇଭିଂ ଲାଇଲେନ୍ସ ସସ୍‌ପେଣ୍ଡ

ରାୟଗଡ଼ା,୧୩।୫(ସମିସ): ରାୟଗଡ଼ ଜିଲ୍ଲା ସଡ଼କ ସୁରକ୍ଷା ସମିତି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା, ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା କଡ଼ ବେଆଇନ ପାର୍କିଂ ଭଳି ସମସ୍ୟାକୁ ନିରାକରଣ କରିବା ଦିଗରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ସଡ଼କ ସୁରକ୍ଷା ନିୟମକୁ ଅଣଦେଖା କରି ଯାନବାହନ ଚଳାଚଳ କରାଯାଉଥିବାରୁ ଜିଲ୍ଲାରେ ସଡକ ଦୁର୍ଘଟଣା ସଂଖ୍ୟା ହାର ବୃଦ୍ଧି ପାଉଛି। ଅନେକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହାତ ତଥା ମୃତ୍ୟୁବରଣ କରୁଥିବା ମାମଲାରେ ବିନା ହେଲମେଟ୍‌ରେ ବାଇକ ଚଲାଉଥିବାରୁ ଚାଳକ ତଥା ବସିଥିବା ଆରୋହୀମାନେ ମୃତ୍ୟବରଣ କରୁଥିବା ଜଣାପଡିଛି। ଚଳିତ ବର୍ଷ ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ୪ମାସ ମଧ୍ୟରେ ୯୮ଟି ସଡକ ଦୁର୍ଘଟଣା ମାମଲା ହୋଇଥିବା ବେଳେ ଏଥିରେ ୭୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ୪ମାସ ତଥା ୧୨୦ଦିନରେ ୨୩୨୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ନେଇ ଆରଟିଓ ବିନୟ କୁମାର ପାଲ ପ୍ରକାଶ କରିଛନ୍ତି। ଜାନୁଆରୀ ମାସରେ ୨୪ଟି ସଡକ ଦୁର୍ଘଟଣାରେ ୧୮ ଜଣ, ଫେବୃଆରୀରେ ୧୯ଟି ଦୁର୍ଘଟଣାରେ ୧୭ଜଣ, ମାର୍ଚ୍ଚରେ ୨୫ଟି ଦୁର୍ଘଟଣାରେ ୨୧ଜଣ ଏବଂ ଗତମାସ ଏପ୍ରିଲରେ ୩୦ଟି ଦୁର୍ଘଟଣାରେ ୧୫ଜଣ ମୋଟ ୭୧ଜଣ ମୃତ୍ୟୁ ବରଣ କରିଛନ୍ତି। ଗତ ଏପ୍ରିଲ ମାସରେ ଜିଲ୍ଲାର ଚାନ୍ଦିଲି ଥାନା ଅଞ୍ଚଳରେ ୪ଟି ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଥିଲେ ଏବଂ ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ରାୟଗଡ ଥାନା ଅଞ୍ଚଳରେ ୪ଟି ଦୁର୍ଘଟଣାରେ ୪ଜଣ ଗୁରୁତର ଆହତ ଓ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୁନିଗୁଡା, ଗୁଣପୁର, ଆମ୍ବଦଳା, ବିଷମକଟକ, ଗୁଡାରୀ, ଟିକିରି, ଚନ୍ଦ୍ରପୁର ଥାନା ଅଞ୍ଚଳରେ ଗୋଟିଏରୁ ତିନୋଟି ମଧ୍ୟରେ ଦୁର୍ଘଟଣା ଘଟିଥିବା ବେଳେ କାଶିପୁର ଥାନା ଅଞ୍ଚଳରେ ସର୍ବାଧିକ ୮ଟି ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଥିଲେ ଏବଂ ୨ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଏପ୍ରିଲ ମାସରେ ୩୦ଟି ସଡକ ଦୁର୍ଘଟଣାରେ ୧୫ଜଣ ଗୁରୁତର ହୋଇଥିବା ବେଳେ ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବିଭାଗୀୟ ତଥ୍ୟରୁ ପ୍ରକାଶ ହୋଇଛି। ତେବେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଯାଞ୍ଚ କରାଯାଇ ଚଳିତ ବର୍ଷ ଜାନୁଆରୀରୁ ଏପ୍ରିଲ ୪ମାସ ମଧ୍ୟରେ ୬୩୫୨ଜଣଙ୍କ ବିନା ହେଲମେଟରେ ଗାଡି ଚାଳନା ବାବଦକୁ ଜରିମାନା ଆଦାୟ କରାଯାଇଥିବା ବେଳେ ୫୫୧ଟି ସିଲଟ୍ ବେଲଟ୍ ନ ପିନ୍ଧିବା ମାମଲା, ୫୬୧୪ଟି ଓଭରସ୍ପିଡ୍ ,୨୧୮ଟି ମଦ୍ୟପାନ କରି ଗାଡି ଚଳାଇବା, ୩୯୫ଟି ଓଭରଲୋଡ, ୧୩୪୩ଟି ଇ ଚାଲାଣ ଟ୍ରିପଲ ରାଇଡିଂ ଏବଂ ୩୦୪ଗୋଟି ବେଆଇନ ପାର୍କିଂ ମାମଲାରେ ଜରିମାନା କରାଯାଇଥିବା ଆରଟିଓ ଶ୍ରୀ ପାଲ ସୂଚନା ଦେଇଛନ୍ତି। ସେହିପରି ୩୮ ଜଣଙ୍କ ବିରୁଦ୍ଧରେ ଇ-ଚାଲାଣ ଜାରି କରାଯାଇଥିବା ବେଳେ ୨ଟି ଗାଡି ଜବତ କରାଯାଇଛି। ସେହିପରି ମାଲ ପରିବହନ କରୁଥିବା ଗାଡିରେ ଯାତ୍ରୀଙ୍କୁ ନେଉଥିବା ଗାଡି ଗୁଡିକୁ ଧରିବା ପାଇଁ ଗତ ଏପ୍ରିଲ ମାସ ୨୯ ତାରିଖରୁ ଜାରି ରହିଥିବା ସ୍ୱତନ୍ତ୍ର ଅଭିଯାନ ମଧ୍ୟରେ ୨୪ଗୋଟି ମାମଲା ଚିହ୍ନଟ ହୋଇଛି। ଏଥିରେ ଡ୍ରାଇଭରମାନଙ୍କ ଡିଏଲ ସସ୍‌ପେଣ୍ଡ କରାଯାଇ ଗାଡି ମାଲିକମାନଙ୍କୁ ଆରସି ସସ୍‌ପେଣ୍ଡ ପାଇଁ ନୋଟିସ କରାଯାଇଥିବା ଆରଟିଓ ଶ୍ରୀ ପାଲ କହିଛନ୍ତି। ଆଜି ମଧ୍ୟ ରାୟଗଡ଼ ଠାରୁ ରାଫକଣା ମଧ୍ୟରେ ୩୨୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଆରଟିଓ ବିଭାଗ ଦ୍ୱାରା ଚଢଉ କରାଯାଇଥିଲା ଏବଂ ଏହି ସ୍ୱତନ୍ତ୍ର ଅଭିଯାନ ଆହୁରି ୧୫ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି କହିଛନ୍ତି।

● ସିବିଏସଇ ଦ୍ୱାଦଶ ପରୀକ୍ଷା

## କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ଶତପ୍ରତିଶତ ସଫଳତା

### ବାଣିଜ୍ୟରେ ଶୁଭାଙ୍ଗୀ, ବିଜ୍ଞାନରେ ଶୁଭମ ଟପ୍ପର

କୋରାପୁଟ,୧୩।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କୋରାପୁଟ ଜିଲ୍ଲାରେ ଉନ୍ନତମାନର ଶିକ୍ଷା ପ୍ରଦାନ କରିବାରେ ଅହରହ ଚେଷ୍ଟିତ କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ ଓ ବାଣିଜ୍ୟ) ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ବିଭାଗରେ ୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶୁଭାଙ୍ଗୀ ମହାପାତ୍ର ୯୫.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ଏବଂ ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗରେ ୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶୁଭମ କୁମାର ଦାଶ ୯୪.୮ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି ଏବଂ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାସ ସମସ୍ତ ଛାତ୍ରଛାତ୍ରୀ ,ଅଭିଭାବକ ଏବଂ ବିଦ୍ୟାଳୟ କର୍ମଚାରୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି ଏବଂ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି।

## ଭାତୃ ହତ୍ୟା ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୧୩।୫(ସମିସ): ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ହତ୍ୟା ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ରତନ ଗୌଡ଼କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, କୋଡ଼ିଙ୍ଗା ଥାନାରେ ତତ୍କାଳୀନ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ଅଞ୍ଜନ କୁମାର ଜାଲ କୋଡ଼ିଙ୍ଗା ଥାନାରେ ଗତ ୨୦୧୬ ମାର୍ଚ୍ଚ ୨୦ ତାରିଖରେ ଅଭିଯୁକ୍ତ ରତନ ଗୌଡ଼ର ଅଭିଯୋଗକୁ ଭିତ୍ତି କରି କୋଡ଼ିଙ୍ଗା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ରତନ ଗୌଡ଼ ପୋଲିସ ଆଗରେ ସ୍ୱୀକାର କରିଥିଲା ଯେ ସେ ହିଁ ତାହାର ଭାଇ କମଳସାଇ ଗୌଡ଼କୁ ହତ୍ୟା କରିଛି। ଘଟଣା ଦିନ ରାତି ପ୍ରାୟ ସାଢେ ୮ଟା ସମୟରେ ମୃତ କମଳସାଇ ଗୌଡ଼ ମଦ ପିଇ ପରିବାର ସଦସ୍ୟ ମାନଙ୍କ ଗଣ୍ଡଗୋଳ କରିବା ସହ ଘରର ଆସବାବ ପତ୍ର ସବୁ ଫୋପାଡ଼ି ଦେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ରତନ ଗୌଡ଼ ବଡ଼ଭାଇ କମଲ ସାଇ ଗୌଡ଼କୁ ଏକ କାଠ ଫାଳିଆ ସାହାଯ୍ୟରେ ମୁଣ୍ଡକୁ ଆଘାତ କରି ତାକୁ ହତ୍ୟା କରିଥିଲା। ଆଘାତ ଫଳରେ ପ୍ରଚୁର ରକ୍ତସ୍ରାବ ହେବାରୁ କମଳସାଇର ମୃତ୍ୟୁ ଘଟିଥିଲା। ଘଟଣାକୁ ଏକ ଅପମୃତ୍ୟୁର ରୂପ ଦେବାପାଇଁ ସେ ପାଖପଡିଶା ଘରର ଲୋକଙ୍କୁ ଡାକିବା ସହ ମୃତକ କମଳସାଇକୁ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଡାକିଥିଲା। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତ ରତନ ଗୌଡ଼କୁ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୦୨ ଓ ୨୦୧ ପ୍ରକାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସମସ୍ତ ୧୪ ଜଣଙ୍କ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ରତନ ଗୌଡ଼କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ, ପ୍ରଫୁଲ୍ଲ ସିଂ ଓ ଶେକ ବାବା ଅଲିଶା ପରିଚାଳନା କରୁଥିଲେ।

● ପୁଣି ମାଓବାଦୀଙ୍କ ଡମ୍ପ୍ ଜବତ

## ବନ୍ଧୁକ ଓ ଟଙ୍କା ଜବତ

ମାଲକାନଗିରି, ୧୩।୫(ସମିସ): ଛତିଶଗଡର ବିଜାପୁର ଜିଲ୍ଲାରେ ସୁରକ୍ଷାବଳଙ୍କୁ ମିଳିଛି ବଡ ସଫଳତା। ମାଓବାଦୀଙ୍କ ପୁରୁଣା ଠିକଣା ଉପରେ ଚାଲିଥିବା ବ୍ୟାପକ ସର୍ଚ୍ଚ ଅଭିଯାନ ସମୟରେ ବହୁ ପରିମାଣର ନଗଦ ଟଙ୍କା, ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ବୀଜାପୁରରେ ପୁଲିସ, ଡିଆରଜି, ଏସଟିଏଫ, କୋବ୍ରା ଓ ସିଆରପିଏଫ ବଳର ମିଳିତ ଅଭିଯାନରେ ଏହି ବଡ ଧରଣର ସଫଳତା ମିଳିଥିବା ସୁରକ୍ଷା ବଳ ମାଓବାଦୀଙ୍କ ଲୁଚାଇ ରଖାଯାଇଥିବା ଡମ୍ପରୁ ପ୍ରାୟ ୬୫ ଲକ୍ଷ ୫୨ ହଜାର ଟଙ୍କା ନଗଦ ଜବତ କରିଥିବା ବେଳେ ଏଲଏମଜି, ଏସଏଲଆର ଓ କାର୍ବାଇନ ସହିତ ମୋଟ ୩୨ଟି ଅସ୍ତ୍ର ଉଦ୍ଧାର କରାଯାଇଛି। ଏଥିସହ ଭାରି ପରିମାଣର ଗୋଳାବାରୁଦ ଓ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ସୁରକ୍ଷାବଳଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରେ ଅଞ୍ଚଳରେ ଏବେ ମଧ୍ୟ ସର୍ଚ୍ଚ ଅଭିଯାନ ଜାରି ରହିଛି।

● ଖଣି ଓ ରାଜସ୍ୱ ବିଭାଗର ଚଢ଼ଉ

## ୧୧ ବାଲି ବୋଝେଇ ଟ୍ରାକ୍ଟର ଜବତ

ରାୟଗଡ,୧୩।୫(ସମିସ): ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଜି ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ୧୧ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ନିର୍ଦ୍ଦେଶରେ ଦୁଇଟି ଟିମ୍ ଗଠନ କରି ଖଣି ଓ ରାଜସ୍ୱ ବିଭାଗ ଅଧିକାରୀ ମାଲିଗାଁ, ଲାଡା, ପିତାମହଲ ଓ ଜମାଦେଇପେଣ୍ଠ ଅଞ୍ଚଳରେ ବାଲି ବୋଝେଇ ଟ୍ରାକ୍ଟର ଧରପଗଡ଼ କରାଯାଇଥିଲା। ଧରପଗଡ଼ ସମୟରେ ୧୧ ଟି ଟ୍ରାକ୍ଟର ଧରାଯାଇଥିଲା। ସେଥିମଧ୍ୟରୁ ୪ଟି ବାଲି ବୋଝେଇ ଟ୍ରାକ୍ଟର ରାୟଗଡା ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ଦୁଇଟି ଶେଷଖାଲ ଥାନାରେ ଜିମା ଦିଆଯାଇଛି। ଶେଷଖାଲ ଥାନାରେ ଜିମା ଦିଆଯାଇଥିବା ଦୁଇଟି ବାଲି ବୋଝେଇ ଟ୍ରାକ୍ଟରର କୌଣସି କାଗଜପତ୍ର ନଥିବାରୁ ଆଞ୍ଚଳିକ ପରିବହନ ଅଧିକାରୀ ଜରିମାନା ବାବଦରେ ୨୭ ହଜାର ଟଙ୍କା ଚାଲାଣ କାଟିଛନ୍ତି। ୫ଟି ବାଲି ବୋଝେଇ ଟ୍ରାକ୍ଟର ରାସ୍ତାରୁ ଚମ୍ପଟ ମାରିଥିବା ରାଜସ୍ୱ ବିଭାଗ ତରଫରୁ ସୂଚନା ମିଳିଛି। ଚମ୍ପଟ ମାରିଥିବା ୫ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ପରେ ଫଟୋ ଉତ୍ତୋଳନ କରାଯାଇଥିଲା। ଚମ୍ପଟ ଟ୍ରାକ୍ଟରର ଫଟୋ ପରିବହନ ବିଭାଗକୁ ପ୍ରଦାନ କରି ସମ୍ପୂର୍ଣ୍ଣ ବିବରଣି ମଗାଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ସୂଚନା ଦେଇଛନ୍ତି। ଏଣେ ରାୟଗଡ଼ା ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିବା ୪ଟି ବାଲି ବୋଝେଇ ଟ୍ରାକ୍ଟର ଖଣି ବିଭାଗକୁ ଜିମା ଦିଆଯାଇଛି। ଖଣି ବିଭାଗ ନିୟମ ଅନୁଯାୟୀ ଜରିମାନା ଆଦାୟ କରିବା ନେଇ ସୂଚନା ପ୍ରଦାନ କରିଛନ୍ତି।

### ନିଖିଲ ହତ୍ୟାକାଣ୍ଡକୁ ୪ ଦିନ ବିତିଲା

## ୬ଟି ପୁଲିସ୍ ଟିମ୍‌ର ତନାଘନା, କିନ୍ତୁ ପୁଲିସ ହାତ ଖାଲି




ରାୟଗଡ଼,୧୩।୫(ସମିସ): ରାୟଗଡା ସହରର ବହୁ ଚର୍ଚ୍ଚିତ ହାଡପା ନିଖିଲ ହତ୍ୟାକାଣ୍ଡକୁ ନେଇ ୪ ଦିନ ବିତିଯାଇଥିବା ବେଳେ ଏଯାଏଁ ମାମଲାରେ ଜଡିତ ଜଣେ ହେଲେ ଅଭିଯୁକ୍ତଙ୍କୁ ଧରିବାରେ ରାୟଗଡ ପୁଲିସ ସଫଳ ହୋଇପାରିନାହିଁ। ଅପରପକ୍ଷେ ତଦନ୍ତ ଜାରି ରହିଥିବାରୁ ପୁଲିସ ଏହି ଘଟଣାରେ ମୁହଁ ଖୋଲୁନାହିଁ। ଗୁଳିକାଣ୍ଡରେ ଜଣେ ୧୭ବର୍ଷିୟ ବାଳକଙ୍କୁ ହତ୍ୟା କରାଯାଇଥିବା ଭଳି ଜଘନ୍ୟ ଅପରାଧକୁ ନେଇ ସହରବାସୀ ଭୟ ଓ ଆତଙ୍କିତ ହୋଇପଡିଥିବା ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତଙ୍କ ନଜର ରହିଛି। ରାୟଗଡ ଜିଲ୍ଲା ଏସପି ସୁଶ୍ରୀ ସ୍ୱାତୀ ଏସ.କୁମାର ରାୟଗଡ ଥାନାରେ ଘଟଣା ଦିନରୁ ଉପସ୍ଥିତ ରହି ମାମଲାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କରି ଆସୁଛନ୍ତି। ଚିହ୍ନଟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ୬ ଗୋଟି ଟିମ୍ ଗଠନ କରାଯାଇ ଓଡିଶା ଭିତରେ ଏବଂ ବାହାରେ ଜୋରସୋର ତଦନ୍ତ ଚାଲିଥିବା ନେଇ ଗତ ସୋମବାର ଦିନ ରାୟଗଡ ଗସ୍ତରେ ଆସି ମାମଲାର ଅଗ୍ରଗତି ନେଇ ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଦକ୍ଷିଣାପଶ୍ଚିମାଂଚଳ ଡିଆଇଜି କନଓ୍ୱର ବିଶାଲ ସିଂ। ସେ ଏହି ହତ୍ୟାକାଣ୍ଡ ଘଟଣାକୁ ପୋଲିସ ପକ୍ଷରୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥିବା ଏବଂ ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କୁ ପୋଲିସ ଚିହ୍ନଟ କରି ଗୁଇନ୍ଦା ଆଧାରରେ ଏବଂ ସାଇବର ସେଲର ସହଯୋଗରେ ଉଦ୍ୟମ ଜାରି ରହିଥିବା ନେଇ କହିଥିଲେ। କିନ୍ତୁ ଗିରଫ ସଂଖ୍ୟା ଶୂନ ଥିବାରୁ ପୁଲିସ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଡିଆଇଜି ଠାରୁ ଆରମ୍ଭ କରି ଏସ୍‌ପି,ଏଏସପି, ଏସଡିପିଓ, ୬ଟି ପୁଲିସ ଟିମ୍ ଓ ଭୁବନେଶ୍ୱର ସାଇବର ସେଲ ମାମଲାରେ ସଫଳତା ପାଇଁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତମାନେ କୁଆଡେ ଫେରାର ହୋଇଯାଇଛନ୍ତ, ପୁଲିସ ଟେର ପାଇପାରୁନାହିଁ। ଅପରପକ୍ଷେ ମୃତକଙ୍କ ବାପା ହାଡପା ଶିବା ଓ ତାଙ୍କ ପରିବାର ଏବଂ ସାହି ବାସିନ୍ଦା ତୁରନ୍ତ ଅଭିଯୁକ୍ତକୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଆସୁଛନ୍ତି। ପ୍ରକାଶ ଥାଉ କି, ଗତ ଶନିବାର ରାତ୍ରରେ ନିଖିଲକୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିବା ପରେ ଫେରାର ହୋଇଯାଇଥିବା ବେଳେ ମୃତକଙ୍କ ମା ଥାନରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଉକ୍ତ ସମୟ ଠାରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଧରିବା ପାଇଁ ଜୋରସୋର ଉଦ୍ୟମ କରି ଆସୁଥିବା ଦେଖିବାକୁ ମିଳିଛି। ତଥାପି ଶନିବାରରୁ ଆଜି ବୁଧବାର ହୋଇଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି। ରାୟଗଡ ଟାଉନ ଥାନା ଏବଂ ସହରର ବିଭିନ୍ନ ସ୍ଥାନରେ ସୁରକ୍ଷା ଦୃଷ୍ଟି ତଥା ଆଇନ ଶୃଙ୍ଖଳା ବିଗିଡିବା ସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଛି। ପୁଲିସ ପାଟ୍ରୋଲିଙ୍ଗ ବୃଦ୍ଧି କରାଯାଇଥିବା ବେଳେ ରାୟଗଡ ଥାନାର କିଛି ପୁରୁଣା ପୁଲିସ ଅଧିକାରୀଙ୍କୁ ମଧ୍ୟ ତଦନ୍ତରେ ସାମିଲ କରାଯାଇଥିବା ଜଣାପଡିଛି। ଜିଲ୍ଲା ଏସପି ରାୟଗଡ ଟାଉନରେ ଆଇନ ଶୃଙ୍ଖଳା ସ୍ଥିତି ଉପରେ ନଜର ରଖି ଜନସାଧାରଣଙ୍କୁ ପୁଲିସ ଉପରେ ଭରସା ରଖିବାକୁ ନିବେଦନ କରି ଆସୁଛନ୍ତି।

● ପଦ୍ମପୁର ପୁଲିସର ସଫଳତା

## ଟଙ୍କା ସହ ଲୁଟେରା ଗିରଫ



ପଦ୍ମପୁର,୧୩।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ମୁଖ୍ୟ ବଜାର ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ଦୋକାନ କାନ୍ଥ ଖୋଳି ଟଙ୍କା ଲୁଟ୍ ହୋଇଥିବା ନେଇ ପଦ୍ମପୁର ଥାନାରେ ଏସ୍ ଦୁର୍ଗା ପ୍ରସାଦ ଦୋରା ଅଭିଯୋଗ କରିଥିଲେ। ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନ ଦୋକାନ ଆଖପାଖର ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରି ଜଣେ ଲୁଟେରାକୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିର ନାମ ସୁରେଶ ମାଣ୍ଡାଙ୍ଗି। ଅଭିଯୁକ୍ତର ଘର ଗୁଡ଼ାରୀ ଥାନା ଅଧୀନ ମାରିମୁନିଗୁଡାରେ ବୋଲ ଜଣାପଡ଼ିଛି। ପଦ୍ମପୁର ଥାନା କେସ୍ ନମ୍ବର ୫୩/୨୬ ରୁଜୁ କରି ପୋଲିସ ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ୪୩ ହଜାର ଟଙ୍କା ଜବତ କରିଥିବା ଆଇଆଇସି ଧରଣୀଧର ପ୍ରଧାନ କହିଛନ୍ତି।

■ ଚନ୍ଦ୍ରପୁର ସିଆରପିଏଫ୍ କ୍ୟାମ୍ପ୍‌ରେ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ

## ଯବାନଙ୍କ ସହ ଗ୍ରାମବାସୀଙ୍କ ସାମୂହିକ ସାଧନା

ଚନ୍ଦ୍ରପୁର,୧୩।୫ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ସ୍ଥାନୀୟ ଏଫ/୦୪ ବାଟାଲିୟନ ସିଆରପିଏଫ କ୍ୟାମ୍ପ୍‌ସ ପରିସରରେ ଆଜି ପ୍ରତ୍ୟୁଷରୁ ଏକ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସାମୂହିକ ଯୋଗ ସାଧନାରେ କେବଳ ସିଆରପିଏଫ ଯବାନ ନୁହଁନ୍ତି, ବରଂ ଚନ୍ଦ୍ରପୁର ଅଞ୍ଚଳର ଶତାଧିକ ଗ୍ରାମବାସୀ, ସ୍ଥାନୀୟ ପୁଲିସ କର୍ମଚାରୀ ଏବଂ ଜଙ୍ଗଲ ବିଭାଗର ଅଧିକାରୀ-କର୍ମଚାରୀ ଯୋଗ ଦେଇଥିଲେ। ବାଟାଲିୟନ କମାଣ୍ଡର ଫିରୋଜ କୁଜୁର୍, ଅତିରିକ୍ତ କମାଣ୍ଡର ସଞ୍ଜୟ କୁମାର ରାଉତ ପ୍ରତ୍ୟକ୍ଷ ନିର୍ଦ୍ଦେଶ, ନେତୃତ୍ୱ ଓ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଆଇଆଇସି ଚନ୍ଦ୍ରପୁର ଲଳିତ ମୋହନ ସାଗରଙ୍କ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀ, ବନପାଳ ଅଶ୍ୱିନ କୁମାର କରକାରିଆ ଓ ଜଙ୍ଗଲ ବିଭାଗର ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ଓମ ପ୍ରକାଶ ଯୋଗ ଗୁରୁର ଭୂମିକା ନିର୍ବାହ କରିଥିଲେ। ସେ ଉପସ୍ଥିତ ସମସ୍ତଙ୍କୁ ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର, ତାଡାସନ, ଭୁଜଙ୍ଗାସନ ଭଳି ବିଭିନ୍ନ ଯୋଗାସନର ଅଭ୍ୟାସ କରାଇଥିଲେ। “ସ୍ୱାସ୍ଥ୍ୟ ହିଁ ସମ୍ପଦ’ ଏବଂ “ସୁସ୍ଥ ଶରୀରରେ ହିଁ ସୁସ୍ଥ ମନ ବାସ କରେ’ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ନିୟମିତ ଯୋଗ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ମାନସିକ ଶାନ୍ତି ସହ ନିରୋଗ ଜୀବନ ପାଇପାରିବ ବୋଲି ସେ ଅତି ସରଳ ଭାବରେ ବୁଝାଇଥିଲେ। ଏହି ଅବସରରେ କମାଣ୍ଡର ଶ୍ରୀ ଫିରୋଜ କୁଜୁର ନିଜ ଅଭିଭାଷଣରେ କହିଥିଲେ ଯେ, ଯୋଗ କେବଳ ଏକ ବ୍ୟାମ ନୁହେଁ, ଏହା ଶରୀର, ମନ ଓ ଆତ୍ମାର ସମ୍ମିଳନ। ଆଜିର ବ୍ୟସ୍ତବହୁଳ ଜୀବନରେ ଏକ ସୁନ୍ଦର ଓ ସନ୍ତୁଳିତ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତାକୁ ସେ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ।



## ପିଏମଶ୍ରୀ ବିଲେଷୁ ହାଇସ୍କୁଲର ‘ସେବା ସଙ୍କଳ୍ପ’ କାର୍ଯ୍ୟକ୍ରମ




ରାୟଗଡ, ୧୩।୫(ସମିସ): ଛୁଟିରେ ପିଲାମାନେ ଘରେ କରୁଛନ୍ତି ସହଯୋଗ। ସବୁ ପାଠ ପଢୁଆ ପିଲାଙ୍କୁ ନେଇ ଗାଁ ସଫେଇ କରୁଛନ୍ତି। ପ୍ରତ୍ୟେକ ଦିନ ଅତି କମ୍‌ରେ ଘଣ୍ଟାଏ ଲେଖାଏଁ ସାନ ପିଲାଙ୍କୁ ପଢ଼ାଇବା ଦାୟିତ୍ୱ ନେଇଛନ୍ତି ବଡ଼ ପିଲାମାନେ। ରାୟଗଡାର ବିଲେଷୁ ପିଏମଶ୍ରୀ ସରକାରୀ (ଏସଏସଡି ) ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଛି ‘ସେବା ସଙ୍କଳ୍ପ’ ଅଭିଯାନ। ଛୁଟିରେ ପିଲାଙ୍କ ସହ ସିଧା ସଳଖ ଯୋଗସୂତ୍ର ରକ୍ଷା କରିବା ଲାଗି ଏଭଳି ଅଭିନବ ଅଭିଯାନ ଆରମ୍ଭ କରିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ଶୈକ୍ଷିକ ବିକାଶ ସହ ଛାତ୍ରଛାତ୍ରୀମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ଏବଂ ଅଭିଭାବକଙ୍କ ସହ ନିରନ୍ତର ଯୋଗସୁତ୍ର ରଖିବା ପାଇଁ ବିଦ୍ୟାଳୟରେ କର୍ମରତ ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ଦ୍ୱିତୀଚନ୍ଦ୍ର ସାହୁ ଏଭଳି ଅଭିନବ ଚିନ୍ତନ ସହ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏସ ଶ୍ରୀନିବାସ ରାଓ ଲାଡି ସମେତ ଅନ୍ୟ ଶିକ୍ଷକଙ୍କ ନିକଟରେ ପ୍ରକାଶ କରିଥିଲେ। ପରେ ଏକ ବୈଠକ ଡାକି ପିଲାଙ୍କୁ ଛୁଟିରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ। ଏହାଦ୍ୱାରା ପିଲାଙ୍କ ନେତୃତ୍ୱର ବିକାଶ ଘଟିବ, ସହ-ଶୈକ୍ଷିକ ଶିକ୍ଷା ଦୃଢ଼ୀଭୂତ ହେବ, ପଢୁଥିବା ଗାଁ ପିଲାଙ୍କ ଭିତରେ ଏକତା ଓ ସାମାଜିକ ପ୍ରତିବଦ୍ଧତା ସୃଷ୍ଟି ହେବାର ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ “ଘର ପାଇଁ ଦିନଟିଏ” କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ପିଲା ଛୁଟିରେ ନିଜ ଘରର ସଫାସୁତରା ଓ ସଜସଜା ଲାଗି ଦିନେଟିଏ ନିଜର ଯୋଗଦାନ କରିବେ। ସେହିପରି ‘ଗାଁ ପାଇଁ ଦିନେ’ ଅଭିଯାନରେ ନିଜ ଗାଁରେ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ଏକାଠି କରି ଗାଁ ସଫେଇ କରିବେ। ତୃତୀୟ ପଦକ୍ଷେପ ସ୍ୱରୂପ ‘ମୁଁ ହେଲି ଦିଦି ବା ମୁଁ ହେଲି ସାର ‘ ଅଭିଯାନକ୍ରମରେ ପ୍ରତ୍ୟେକ ଦିନ ଘଣ୍ଟାଏ ଲେଖାଏଁ ସାନ ପିଲାଙ୍କୁ ଅକ୍ଷର, ମାତ୍ରା, ବନାନ, ସଂଖ୍ୟା ପରିଚୟର ଶିକ୍ଷା ଦେବେ ଏବଂ ପିଲାଙ୍କୁ ପଢ଼ାଇବେ। ଏଥିରେ ଦଶମ ପାଶ ହୋଇଥିବା ପିଲାମାନେ ବି ଅଂଶଗ୍ରହଣ କରିଥିବା ଦେଖି ଖୁସି ଦେଉଛି ବୋଲି ଡ଼. ସାହୁ କହିଛନ୍ତି। ଆଉ କେତେକ ଗାଁର ପିଲାମାନେ ଆମ ଶିକ୍ଷଣ କାର୍ଯ୍ୟକ୍ରମକୁ ନିରୀକ୍ଷଣ ପାଇଁ ଗ୍ରାମକୁ ଆମନ୍ତ୍ରଣ କରିଛନ୍ତି ଏବଂ ଖୁବ ନିକଟରେ ପ୍ରଧାନଶିକ୍ଷକଙ୍କ ସହ ଆମେ ଶିକ୍ଷକମାନେ ଗ୍ରାମକୁ ଯିବୁ ବୋଲି କହିଛନ୍ତି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିରାଟ ହିଆଲ। ଭଲ କାମ କରୁଥିବାରୁ ବହୁତ ଖୁସି ଲାଗୁଛି ବୋଲି କହିଛନ୍ତି କାରୁବାଇର କିରଣ ସାରକା, ନିତିନ କିରଣ ସାରକା, ବୈରାଗୀହାଲୁଆର ରୁନି କଣ୍ଡାଗରୀ, ଶ୍ରୀୟା ପୁଆଲା ସମେତ କାଶୀପୁର ଅଞ୍ଚଳର ଶମ୍ଭୁଧର ଝୋଡ଼ିଆ ଓ ତନୁଜା ତାଡିଙ୍ଗି ପ୍ରମୁଖ ଛାତ୍ରଛାତ୍ରୀ। ବିଲେଷୁ ବିଦ୍ୟାଳୟର ଅଭିନବ ଅଭିଯାନ ଅନ୍ୟ ବିଦ୍ୟାଳୟ ତଥା ଶିକ୍ଷା ବିଭାଗ ପାଇଁ ଅନୁକରଣୀୟ ବୋଲି ଅନେକ ଶିକ୍ଷାବିତ୍ ଗୁରୁତ୍ୱାରୋପ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀରେ ମୋଟ ୫୮୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପୂର୍ବରୁ ନବ ପ୍ରୟାସ ଜରିଆରେ ଅନେକ ଅଭିନବ ଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି ଏବଂ ଏଠାକାର ପିଲାମାନେ ରେଡିଓ ଜକି ହୋଇ ବିଲେଷୁ ରେଡିଓ କାର୍ଯ୍ୟକ୍ରମ, ପୋଡ଼କାଷ୍ଟ ଜରିଆରେ ନିଜର ପ୍ରତିଭା ଦେଖାଇଛନ୍ତି।

➤ ‘ମୁଁ ହେଲି ସାର, ମୁଁ ହେଲି ଦିଦି ‘ ଅଭିଯାନ

➤ ‘ଗାଁ ପାଇଁ ଦିନେ ଓ ଘର ପାଇଁ ଦିନେ’ ନାଁରେ ସଫେଇ କାର୍ଯ୍ୟକ୍ରମ

# ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ପରଲୋକ

କଣ୍ଟାବାଞ୍ଜି,୧୩।୫(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ଆୟୁବ ଖାଁଙ୍କ ୭୮ ବର୍ଷ ବୟସରେ ବୁଧବାର ସକାଳେ କଣ୍ଟାବାଞ୍ଜିସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବୁଧବାର ସକାଳେ ତାଙ୍କ କୋଠରିରେ ଚା' ପିଉଥିବା ବେଳେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କ ପୁଅ ଡାକ୍ତର ଅମ୍‌ଜାଦ ଖାଁ ଯାଇ ଦେଖିବା ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣା ପଡିଥିଲା। ତାଙ୍କ ମରଶରୀର ସହର ପରିକ୍ରମା କରିଥିଲା। କଣ୍ଟାବାଞ୍ଜି କବରସ୍ଥାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ ମେହେର, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଜେଡ଼ି ନେତ୍ରୀ ଟୁକୁନି ସାହୁ, ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜୁ ଜନତା ଦଳ ଯୁବ ନେତା ଗିରିରାଜ ସିଂ ମାଝୀ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଗୋପା ମାହାନନ୍ଦ, ବିଜେଡ଼ି ନେତ୍ରୀ ନିରୁପମା ମାଝୀ ପ୍ରମୁଖଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି କଣ୍ଟାବାଞ୍ଜିସ୍ଥିତ ଆୟୁବଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ।



୧୯୪୮ ମସିହା ଜୁନ୍ ୨୧ ତାରିଖରେରେ କଣ୍ଟାବାଞ୍ଜିରେ ଜନ୍ମ ଗ୍ରହଣ କରିଥିବା ଆୟୁବ ପିଲାଦିନରୁ ହିଁ ଲୋକଙ୍କ ସେବା କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ୧୯୭୦ ରେ ରାଜନୈତିକ ଜୀବନ ଆରମ୍ଭ କରିଥିବା ଆୟୁବ ପ୍ରଥମେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ୧୯୯୭ରେ ସେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଆୟୁବ ନିର୍ବାଚନ ଲଢ଼ି ବିପୁଳ ଭୋଟରେ ବିଜୟୀ ହୋଇ ଏକ ନୂଆ ଇତିହାସ ସୃଷ୍ଟି କରିବା ସହ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ପୁଣି ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ।

## ଶୋକବ୍ୟକ୍ତ କଲେ ମୋହନ, ନବୀନ

ଭୁବନେଶ୍ୱର,୧୩।୫(ସମିସ): ଆୟୁବ ଖାନଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଆୟୁବ ଜଣେ ଅଭିଜ୍ଞ ଜନପ୍ରତିନିଧି ଭାବେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ସେହିପରି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୁବ ଖାନଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଆୟୁବ ଖାନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଂଗଠକ ଏବଂ ଦରଦୀ ନେତାଙ୍କୁ ହରାଇଲା। ଅଞ୍ଚଳର ଉନ୍ନତି ଓ ଲୋକଙ୍କ ସେବାରେ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ତାଙ୍କୁ ଅମର କରି ରଖିବ ବୋଲି ଉଲ୍ଲେଖ କରିଛନ୍ତି। ଆୟୁବଙ୍କ ପୁଅ ଡ. ଅମଜାଦ ଅଲ୍ଲୀ ଖାନଙ୍କ ସହିତ ନବୀନ କଥା ହୋଇ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିବା ସହ ରାଜନୀତି ଏବଂ ସମାଜସେବା କ୍ଷେତ୍ରରେ ଆୟୁବଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଶଙ୍ଖ ଭବନରେ ଆୟୁବଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର,୧୩।୫(ସମିସ): କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ଆୟୁବ ଖାନ୍‌ଙ୍କୁ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶଙ୍ଖ ଭବନଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର ସ୍ୱର୍ଗତ ଆୟୁବ ଖାନ୍‌ଙ୍କ ଅମାୟିକ ବ୍ୟକ୍ତିତ୍ୱ, ସାଧାରଣ ଜନତାଙ୍କ ପ୍ରତି ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଆୟୁବ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ବିଜୁ ଜନତା ଦଳର ସଂଗଠନରେ ତାଙ୍କର ଅତୁଳନୀୟ ଅବଦାନ ଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଶୋକ ସଭାରେ ସାଂସଦ ସୁଲତା ଦେଓ, ବିଜୟ ନାୟକ, ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ଇପ୍‌ସିତା ସାହୁ, ସୋଫିଆ ଆଲାମ, ସକିଲୁର ରେହମାନ, ଜ୍ୟୋତ୍ସ୍ନା ପରିଡା, ରବି ଦାସ, ବିକ୍ରମ ରଂଜିତ ପଟ୍ଟନାୟକ, ତବରେଜ୍ ଖାନ, ସ୍ନେହାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ସଂଖ୍ୟାଲଘୁ ସେଲର ସହ ସଂଯୋଜିକା ରିଜୱାନ ବେଗମ୍ ଏହି ଶ୍ରଦ୍ଧାଞ୍ଜଳି ସଭା ସଞ୍ଚାଳନ କରିଥିଲେ।



କୋରାପୁଟ ଜିଲ୍ଲା ନନ୍ଦପୁର ସ୍ଥିତ ପେଟ୍ରୋଲ୍ ଟାଙ୍କିରେ ପେଟ୍ରୋଲ୍ ପାଇଁ ଲମ୍ବା ଧାଡ଼ି

# ମୁଖ୍ୟମନ୍ତ୍ରୀ ମାନିଲେ; ମାନୁନାହାନ୍ତି ମନ୍ତ୍ରୀ-ବିଧାୟକ

## ସହର ଭିତରେ ଘାଇଁଘାଇଁ ଘୂରୁଛି ପାଇଲଟିଂ ଗାଡ଼ି

ଭୁବନେଶ୍ୱର, ୧୩।୫(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଦେଶର ଆର୍ଥିକ ଅବସ୍ଥା ଘାଇଲା। ବୈଦେଶିକ ମୁଦ୍ରା ଭଣ୍ଡାର ଦିନକୁ ଦିନ ଖସୁଛି, ଡ଼ଲାର ତୁଳନାରେ ଟଙ୍କା ୯୬ ସ୍ତରକୁ ଖସିଲାଣି। ପେଟ୍ରୋଲ ପମ୍ପରେ ତେଲ ନାହିଁ; ମାତ୍ର ଓଡ଼ିଶାରେ ଡ଼ବଲ ଇଞ୍ଜିନ ସରକାରଙ୍କ ମନ୍ତ୍ରୀ ବିଧାୟକମାନଙ୍କ ଉପରେ ଏହାର କିଛି ପ୍ରଭାବ ନାହିଁ। ତୈଳ ବ୍ୟବହାର ହ୍ରାସ, ଅନାବଶ୍ୟକ ଯାତ୍ରା କମ୍ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତତ୍‌କ୍ଷଣାତ୍ ନିଜ କାରକେଡ଼୍‌ରେ ଗାଡ଼ି ସଂଖ୍ୟାକୁ ଅଧାକୁ ହ୍ରାସ କରିଛନ୍ତି। ଏପରିକି ଆଜି ସହର ମଧ୍ୟରେ ଯାତାୟତ ବେଳେ ମୁଖ୍ୟମନ୍ତ୍ରୀଙ୍କ କାରକେଡ଼ରେ ନିୟମିତ ଯାଉଥିବା ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ମଧ୍ୟ ବନ୍ଦ ହୋଇଛି। ମାତ୍ର ସରକାରଙ୍କ ଅନେକ ମନ୍ତ୍ରୀ, ବିଧାୟକ ଓ ଏପରିକି ସାଂସଦମାନେ ବିନା ପାଇଲଟିଂରେ ଘରୁ ବାହାରୁ ନ ଥିବା ଅଭିଯୋଗ ହୋଇଛି।

ସାଧାରଣତଃ ମୁଖ୍ୟମନ୍ତ୍ରୀଙ୍କ ଯାତ୍ରା ସମୟରେ ପାଇଲଟିଂ ଗାଡ଼ିର ପ୍ରାବଧାନ ରହିଛି। ମାତ୍ର ନିଜ ଅଞ୍ଚଳକୁ ଯାତ୍ରା ସମୟରେ ମନ୍ତ୍ରୀମାନେ ବି ପାଇଲଟିଂ ଗାଡ଼ି ଲୋଡୁଛନ୍ତି। ଆଗରେ ପିଁ ପାଁ କରି ପାଇଲଟିଂ ଗାଡ଼ି ଯିବା ପରେ ମନ୍ତ୍ରୀଙ୍କ ଗାଡ଼ି ତାହାକୁ ଅନୁଧାବନ କରୁଛି। ସେହିପରି ଅନେକ କ୍ଷେତ୍ରରେ କିଛି ସାଂସଦ ରାଜଧାନୀ ଓ ରାଜଧାନୀ ସନ୍ନିକଟ

### ପୁଲିସ ବ୍ୟସ୍ତ, ପୋଡୁଛି ତେଲ; ଟ୍ରାଫିକ୍ ଅସମ୍ଭାଳ

ନିଜ ସଂସଦୀୟ କ୍ଷେତ୍ରକୁ ଯାତାୟତ ସମୟରେ ପାଇଲଟିଂ ଗାଡ଼ି ଲୋଡୁଥିବା ଅଭିଯୋଗ ହୋଇଛି। ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ସହର ମଧ୍ୟରେ ଓ ସହର ବାହାରକୁ ଯାତାୟତ ସମୟରେ ଅନେକ ପାଇଲଟିଂ ଗାଡ଼ି ଲୋଡୁଥିବା ଦେଖାଯାଉଛି। ଯାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ମନ୍ତ୍ରୀ, ସାଂସଦ, ବିଧାୟକମାନଙ୍କ ପାଇଲଟିଂ ଗାଡ଼ି ଅନେକ ସମସ୍ୟାକୁ ଜନ୍ମ ଦେଉଥିବା ଅଭିଯୋଗ ହୋଇଛି।

ଅନାବଶ୍ୟକ ଭାବରେ ଏହି ପାଇଲଟିଂ ଗାଡ଼ି ପାଇଁ ପୁଲିସ ଅଯଥା ବ୍ୟସ୍ତ ରହୁଛି ଓ ଆଇନଶୃଙ୍ଖଳା ଦିଗଟିକୁ ଅବହେଳା କରାଯାଉଛି। ରାଜକୋଷରୁ ଅଯଥା ଅପବ୍ୟୟ ହେଉଛି ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରାଫିକ ସମସ୍ୟା। ପୂର୍ବ ସରକାର ସମୟରେ କୌଣସି ମନ୍ତ୍ରୀ, ସାଂସଦ, ବିଧାୟକମାନେ ପାଇଲଟିଂ ଗାଡ଼ିର ବ୍ୟବହାର କରୁନଥିଲେ। ମାତ୍ର ବର୍ତ୍ତମାନର ସରକାରରେ ମନ୍ତ୍ରୀମାନେ ଭୁବନେଶ୍ୱର ସହର ମଧ୍ୟରେ ଅଳ୍ପ ଦୂରତା ଯାତାୟତ ପାଇଁ ବି ପାଇଲଟିଂ ଗାଡ଼ିର ବ୍ୟବହାର କରୁଛନ୍ତି। ଏଥିପାଇଁ ସାଧାରଣ ଜନତାଙ୍କୁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସାଧାରଣ ଲୋକଙ୍କୁ ବିଭିନ୍ନ ଟ୍ରାଫିକରେ ଏଥିପାଇଁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବାବେଳେ ଏଥିପାଇଁ ସରକାରଙ୍କ ବିରୋଧରେ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧିଲାଣି। ତୈଳ ସଙ୍କଟ ଥାଉ ଅଥବା ନଥାଉ ବିନା କୌଣସି ଆବଶ୍ୟକତାରେ ମନ୍ତ୍ରୀମାନେ ପାଇଲଟିଂ ଗାଡ଼ି ବ୍ୟବହାରରୁ ଦୂରେଇ ରହିବା ଉଚିତ୍ ବୋଲି ସାଧାରଣରେ ଦାବି ହୋଇଛି।

# ରୋଗୀ ବଦଳରେ ଅନ୍ୟ ଯୁବକଙ୍କୁ କୁକୁର କାମୁଡା ଇଞ୍ଜେକ୍ସନ୍

କେନ୍ଦ୍ରାପଡା,୧୩।୫(ସମିସ): କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ସେବାରେ ଚରମ ଅବହେଳାର ଏକ ଅଭିଯୋଗ ସାମ୍ନାକୁ ଆସିଛି। କୁକୁର କାମୁଡା ରୋଗୀଙ୍କ ପାଇଁ ଅଣାଯାଇଥିବା ଇଞ୍ଜେକ୍ସନ୍ ଭୁଲବଶତଃ ଅନ୍ୟ ଜଣେ ଯୁବକଙ୍କ ଦେହରେ ପ୍ରୟୋଗ କରାଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଅଭିଯୋଗ ଅନୁଯାୟୀ, ଅନନ୍ତ ଜେନା ନାମକ ଜଣେ ଯୁବକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କ ପାଖରେ ଜଣେ କୁକୁର କାମୁଡା ରୋଗୀ ବସିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ସୁଧୀର ଦଳାଇ କୁକୁର କାମୁଡା ରୋଗୀଙ୍କ ପାଇଁ ଆଣିଥିବା ଇଞ୍ଜେକ୍ସନ୍‌କୁ ଭୁଲକରି ଅନନ୍ତଙ୍କ ଦେହରେ ପ୍ରୟୋଗ କରିଦେଇଥିବା କୁହାଯାଉଛି। ଘଟଣା ପରେ ଅନନ୍ତ ଭୟଭୀତ ହୋଇ ପଡିଥିଲେ। ଇଞ୍ଜେକ୍ସନ୍ ନେବା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ଅସୁସ୍ଥତା ଅନୁଭବ ହେବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ପରିବାର ଲୋକଙ୍କ ମଧ୍ୟରେ ଆତଙ୍କ ଓ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ, ଫାର୍ମାସିଷ୍ଟ ସୁଧୀର ଦଳାଇ ଏହା ଭୁଲବଶତଃ ଘଟିଯାଇଥିବା କହି ସଫେଇ ଦେଇଛନ୍ତି। ତେବେ ଏଭଳି ଗୁରୁତର ଅବହେଳାକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି। ରୋଗୀଙ୍କ ପରିଚୟ ଯାଞ୍ଚ ନକରି ଇଞ୍ଜେକ୍ସନ୍ ପ୍ରୟୋଗ କରାଯାଇଥିବାରୁ ସ୍ୱାସ୍ଥ୍ୟ ସେବାରେ କେତେ ଅବ୍ୟବସ୍ଥା ଚାଲିଛି ତାହା ଏହି ଘଟଣା ସ୍ପଷ୍ଟ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାର ତଦନ୍ତ କରି ଦାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ଭବିଷ୍ୟତରେ ଏପରି ଘଟଣା ପୁନରାବୃତ୍ତି ନହେବାକୁ ଦୃଢ଼ ବ୍ୟବସ୍ଥା ନେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ନାବାଳିକାକୁ ଦୁଷ୍କର୍ମ ଘଟଣା

# ଦୋଷୀକୁ ୨୦ ବର୍ଷ କାରାଦଣ୍ଡାଦେଶ

ନୟାଗଡ଼,୧୩।୫(ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ନୟାଗଡ଼ ଜିଲ୍ଲା ପୋକ୍ସୋ ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି ବିଚାରପତି ଜାନକୀ ବିଶ୍ୱାଳ। ଦଣ୍ଡିତ ବ୍ୟକ୍ତି ଜଣଙ୍କ ହେଲେ ସଦରଥାନା ବାଲୁଗାଁ ପଞ୍ଚାୟତ ଜୟମଙ୍ଗଳପ୍ରସାଦ ଗ୍ରାମର ସୂର୍ଯ୍ୟମଣି ପ୍ରଧାନଙ୍କ ପୁଅ ରାଜୁତି ପ୍ରଧାନ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଏପ୍ରିଲ ୩ ତାରିଖ ସୂର୍ଯ୍ୟମଣିଙ୍କ ଘରକୁ ଆସିଥିବା ଜଣେ ସମ୍ପର୍କୀୟ ନାବାଳିକାଙ୍କୁ ତାଙ୍କ ପୁଅ ରାଜୁତି ଦୁଷ୍କର୍ମ କରିଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ରାଜୁତିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଡାକ୍ତରୀ ରିର୍ପୋଟ, ପୀଡ଼ିତାଙ୍କ ବୟାନ ଏବଂ ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ରାଜୁତିଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଆସିଷ୍ଟାଣ୍ଟ ଡେପୁଟି ଡାଇରେକ୍ଟର ନଳୀନକାନ୍ତ ମହାରଣା ଏବଂ ପ୍ରାଚୀପ୍ରଭା ନନ୍ଦଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ବିଶ୍ୱାଳ ଏହି ମାମଲା ପରିଚାଳନା କରୁଥିଲେ।

# ବାହାଡ଼ାଝୋଲା ପ୍ୟାକ୍ସ ସମ୍ପାଦକ ବହିଷ୍କୃତ

ନୂଆଗାଁ,୧୩।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ବାହାଡ଼ାଝୋଲା ପ୍ୟାକ୍ସର ନିଲମ୍ବିତ ସମ୍ପାଦକ ବିଷ୍ଣୁପ୍ରସାଦ ନିଶଙ୍କୁ ପରିଚାଳନା ପରିଷଦ ସଭାପତି ରୁଜୋଲ୍ୟୁସନ (ନଂ-୨, ତା ୧୧.୫.୨୬ ରିଖ) ଅନୁସାରେ ବହିଷ୍କୃତ କରିଛନ୍ତି। ବିଷ୍ଣୁପ୍ରସାଦଙ୍କୁ ପରିଚାଳନା ପରିଷଦ ୨୦୨୫ ନଭେମ୍ବର ୪ରେ ନିଲମ୍ବନ କରିଥିଲା। ଅଫିସ ନିର୍ଦ୍ଦେଶକୁ ଅବମାନନା, ଆର୍ଥିକ ଅନିୟମିତତା, ଧାନ ପଞ୍ଜୀକରଣରେ ଅନିୟମିତତା, କର୍ତ୍ତବ୍ୟରେ ଅବହେଳା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏ ନେଇ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ୨୦୨୫ ଡିସେମ୍ବର ୧୧ ତାରିଖ ଚିଠି ସଂଖ୍ୟା ୨୩୨୬ରେ କ୍ୟାଡର ରୁଲ ଲାଗୁ ଯୋଗୁଁ ପରିଚାଳନା ପରିଷଦ ସମ୍ପାଦକଙ୍କୁ ନିଲମ୍ବନ କରିପାରିବ ନାହିଁ ବୋଲି ଉଲ୍ଲେଖ କରିଥିଲେ। ତେବେ ପରିଚାଳନା ପରିଷଦ ସଭାପତି ସମବାୟ ନ୍ୟାୟାଧିକରଣ ଭୁବନେଶ୍ୱରରେ ସହକାରୀ ନିବନ୍ଧକଙ୍କ ଚିଠିକୁ ଚାଲେଞ୍ଜ କରିଥିଲେ। ୨୦୨୬ ମାର୍ଚ୍ଚ ୨୪ ତାରିଖ ସମବାୟ ନ୍ୟାୟାଧିକରଣଙ୍କ ଆଦେଶ ସଂଖ୍ୟା ୬ ଅନୁଯାୟୀ ପରିଚାଳନା ପରିଷଦ ନିଲମ୍ବନ କରିପାରିବ ବୋଲି ଆଦେଶ ଦେଇଛନ୍ତି। ପରେ ନିଲମ୍ବିତ ସମ୍ପାଦକ ବିଷ୍ଣୁପ୍ରସାଦଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରାଯାଇଥିଲା। ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ବିଷ୍ଣୁପ୍ରସାଦ ଦୁଇଥର ନିଲମ୍ବିତ ହୋଇଥିଲେ।

## ନିଟ୍ ପରୀକ୍ଷା ଦୁର୍ନୀତି ବିରୋଧରେ ଯୁବ ଛାତ୍ରଙ୍କ ଆକ୍ରୋଶ

# ରାଜ୍ୟବ୍ୟାପୀ ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରତିବାଦ

ଭୁବନେଶ୍ୱର,୧୩।୫(ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବୁଧବାର ସମଗ୍ର ରାଜ୍ୟରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ହୋଇଛି। ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ

■ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ
■ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି

ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କଟକ ଜିଲ୍ଲା ପକ୍ଷରୁ ଖ୍ରୀଷ୍ଟ ମହାବିଦ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ସେହିପରି ବ୍ରହ୍ମପୁର, ବାରିପଦା, ଅନୁଗୁଳ, ଯାଜପୁର, ଢେଙ୍କାନାଳ, ବଲାଙ୍ଗିର, କଳାହାଣ୍ଡି, ବାଲେଶ୍ୱର ଆଦି ଜିଲ୍ଲାରେ ମଧ୍ୟ ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି।

ଏହି ଆନ୍ଦୋଳନରେ ଶତାଧିକ ଛାତ୍ର ଓ ଯୁବ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ଜୋରଦାର ନାରାବାଜି କରିଥିଲେ। ଆନ୍ଦୋଳନକାରୀ ଯୁବ ଛାତ୍ର ନେତାମାନେ




କହିଥିଲେ ଯେ, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଛି। ପୁନଃ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଘଟଣା କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ନେତୃବୃନ୍ଦ ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଛାତ୍ରନେତାମାନେ ଦାବି କରିଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ପରୀକ୍ଷା ବ୍ୟବସ୍ଥାରେ ତୁରନ୍ତ ସଂଶୋଧନ ଆଣିବାକୁ ମଧ୍ୟ ଦାବି କରାଯାଇଥିଲା। କେନ୍ଦ୍ର ସରକାର ଯଦି ଏହି ଘଟଣାରେ କଠୋର ପଦକ୍ଷେପ ନେବାରେ ବିଫଳ ହୁଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି।

# ଜୁନ୍ ୨୧ରେ ଓଟିଇଟି

କଟକ,୧୩।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି-୨୦୨୬) ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ। ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଅଛି। ଆସନ୍ତା ଜୁନ ୯ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ଦେଶର ନିଅଣ୍ଟିଆ ଅବସ୍ଥା କ'ଣ ଅମୃତ କାଳ?

# ଆର୍ଥିକ ଅବସ୍ଥାକୁ ନେଇ ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର: କଂଗ୍ରେସ

ଭୁବନେଶ୍ୱର,୧୩।୫(ସମିସ): ୨୦୧୪ ୟୁପିଏ ସରକାର ସମୟରେ ଦେଶ ଉପରେ ମୋଟ ୫୫ ଲକ୍ଷ କୋଟି ଋଣଭାର ଥିଲା। ୨୦୨୬ରେ ଏହା ୧୯୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଛି। ବିଗତ ୧୦ ବର୍ଷରେ ମୋଦୀ ସରକାର ଭାରତୀୟ ଅର୍ଥନୀତିକୁ ପଙ୍ଗୁ ଅବସ୍ଥାକୁ ନେଇଆସି ସାଧାରଣ ଜନତାଙ୍କୁ ଖର୍ଚ୍ଚକାଟ କରିବାକୁ ଉପଦେଶ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କଂଗ୍ରେସ କହିଛି।

ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚ କାଟ ଉପଦେଶ ତଥା ଦେଶର ଭୁଶୁଡି ପଡୁଥିବା ଅର୍ଥନୀତିକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି, ଯେଉଁ ଆସନ୍ନ ବିପଦର ସନ୍ଦେହ ଅନେକ ଭାରତୀୟ ତଥା ବିଦେଶୀ ଅର୍ଥନୀତିଜ୍ଞ କରୁଥିଲେ ତାହା ଆଜି ଘଟିଛି। ପ୍ରଧାନମନ୍ତ୍ରୀ ଜନତାଙ୍କୁ ପେଟ୍ରୋଲ ଖର୍ଚ୍ଚ କମାଇବା, ସୁନା ଗୋଟିଏ ବର୍ଷ ପର୍ଯ୍ୟନ୍ତ ନ କିଣିବା, ୱାର୍କ ଫ୍ରମ ହୋମ, ବିଦେଶ ଭ୍ରମଣ ନକରିବା ଆଦି ପାଇଁ ଅନୁରୋଧ କରିଛନ୍ତି। ପ୍ରକୃତରେ ସେ ଇରାନ ଯୁଦ୍ଧ ଆଳରେ ଦେଶର ଭୁଶୁଡି ଯାଉଥିବା ଅର୍ଥନୀତିକୁ ଲୁଚାଇବାକୁ ବୃଥା ପ୍ରୟାସ କରୁଛନ୍ତି ବୋଲି ଶ୍ରୀ କାନୁନଗୋ କହିଛନ୍ତି।

ଭାରତୀୟ ମୁଦ୍ରା ତୁଳନାରେ ଡଲାରର ଅହେତୁକ ବୃଦ୍ଧି ହେଉଛି ମୂଳ କାରଣ। ଯେହେତୁ ପେଟ୍ରୋଲିୟମ ଡଲାର ବିନିମୟରେ କ୍ରୟ କରାଯାଉଛି ତେଣୁ ଖର୍ଚ୍ଚଭାର ଅସମ୍ଭାଳ ହେବ। ଅନ୍ୟ ଏକ ବିଷୟ ହେଲା, ସରକାରଙ୍କ ମନ୍ତ୍ରୀଙ୍କ ବିଳାସମୟ ଜୀବନ ଯାପନ, ଆମ ମୁଖ୍ୟମନ୍ତ୍ରୀ ୨୦ କିଲୋମିଟର ଯିବାକୁ ମଧ୍ୟ ହେଲିକେପ୍ଟର ବ୍ୟବହାର। ତାଙ୍କ ଦଳର ସଭା ସମିତିରେ ହଜାର ହଜାର ମୋଟର ଗାଡି ବ୍ୟବହାର ହେଉଛି। ଖୋଦ ପ୍ରଧାନମନ୍ତ୍ରୀ ଲୋକଙ୍କୁ ଉପଦେଶ ଦେଇ ପାଞ୍ଚ ଦିନିଆ ୟୁରୋପ ଗସ୍ତ କଣ ସୂଚାଉଛି ବୋଲି ଶ୍ରୀ କାନୁନଗୋ ପ୍ରଶ୍ନ କରିଛନ୍ତି। ୨୦୧୪ ରୁ ପ୍ରଧାନମନ୍ତ୍ରୀ ଯେଉଁ ଅମୃତକାଳ ବୋଲି ପ୍ରତି ଭାଷଣରେ କହୁଥିଲେ କ'ଣ ଏହି ଅର୍ଥନୈତିକ ଦୁରାବସ୍ଥା ଅମୃତକାଳ କି ବୋଲି ଶ୍ରୀ କାନୁନଗୋ ପ୍ରଶ୍ନ ପଚାରିଛନ୍ତି। ତେଣୁ ସରକାର ଦେଶର ବର୍ତ୍ତମାନ ଅର୍ଥନୀତିକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

# ପୁରୀ-କୋରାପୁଟ ମଧ୍ୟରେ ଚାଲିବ ନୂଆ ଏକ୍ସପ୍ରେସ୍ ଟ୍ରେନ

କୋରାପୁଟ/ ରାୟଗଡ଼,୧୩।୫(ସମିସ): ପୁରୀ ଏବଂ କୋରାପୁଟ ମଧ୍ୟରେ ଏକ ନୂଆ ସାପ୍ତାହିକ ତିନିଦିନିଆ (ଟ୍ରାଇ-ୱିକଲି) ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ନୂତନ ଟ୍ରେନ୍ ଦ୍ୱାରା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଜନସାଧାରଣ ସିଧାସଳଖ ଉପକୃତ ହୋଇପାରିବେ। ଟ୍ରେନ୍ ନମ୍ବର ୧୮୪୦୭ / ୧୮୪୦୮ (ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍) ସପ୍ତାହରେ ୩ ଦିନ ଚାଲିବ। ଟ୍ରେନ୍‌ଟି ଖୋର୍ଦ୍ଧା



ମଞ୍ଜୁରୀ ଦେଲେ ରେଳ ମନ୍ତ୍ରଣାଳୟ

ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଆଦି ୧୯ଟି ଷ୍ଟପେଜ ଦେଇ ଯିବ। ଦୀର୍ଘ ଦିନର ଦାବି ପୂରଣ କରି ଏହି ସେବା ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲା ଏବଂ କେବିକେ ଅଞ୍ଚଳକୁ ରାଜଧାନୀ ସହ ସିଧାସଳଖ ଯୋଡ଼ିବ। ଜଗନ୍ନାଥ ଧାମ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀ, କୋରାପୁଟର ପର୍ଯ୍ୟଟକ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବ୍ୟବସାୟ ପାଇଁ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହା ବେଶ୍ ସହାୟକ ହେବ। ଟ୍ରେନଟି ପ୍ରତି ସୋମବାର, ଗୁରୁବାର ଏବଂ ଶନିବାର ସକାଳ ୭ଟାରେ ପୁରୀରୁ ଛାଡି ସେହିଦିନ ରାତି ୧୧ଟା ୩୦ ମିନିଟରେ କୋରାପୁଟରେ ପହଞ୍ଚିବ। ଟ୍ରେନଟି ପ୍ରତି ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ସକାଳ ୫ଟାରେ କୋରାପୁଟରୁ ଛାଡି ସେହିଦିନ ରାତି ୧୦ଟା୨୦ ମିନିଟରେ ପୁରୀରେ ପହଞ୍ଚିବ। ଖୁବ୍ ଶୀଘ୍ର ଏହି ଟ୍ରେନର ଆନୁଷ୍ଠାନିକ ଶୁଭାରମ୍ଭ ତାରିଖ ଘୋଷଣା କରାଯିବ ବୋଲି ରେଳବାଇ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଅନଲାଇନ ଔଷଧ ବିକ୍ରିକୁ ବିରୋଧ

# ୨୦ରେ ରାଜ୍ୟବ୍ୟାପୀ ଦୋକାନ ବନ୍ଦ




ଭୁବନେଶ୍ୱର,୧୩।୫(ସମିସ): ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତା ୨୦ ତାରିଖରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବ। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ(ୟୁସିଡିଏ) ପକ୍ଷରୁ ସୂଚନା ଦିଆଯାଇଛି।

ୟୁସିଡିଏ ପକ୍ଷରୁ କୁହାଯାଇଛି ଯେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ନିୟମ ଅନୁଯାୟୀ ଅନଲାଇନରେ ଔଷଧ ବିକ୍ରୟର କୌଣସି ପ୍ରାବଧାନ ନହିଁ। କୋଭିଡ଼ ସମୟରେ ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ଜରୁରୀ ବିଜ୍ଞପ୍ତି ମାଧ୍ୟମରେ ଔଷଧ ଅନଲାଇନରେ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ। ହେଲେ ଆଜି ସ୍ଥିତି ସୁଧୁରିଯିବା ପରେ ମଧ୍ୟ ତାହାକୁ ପ୍ରତ୍ୟାହାର କରିନାହାନ୍ତି ଯାହାକି ଆମର ୩୦୦୦୦ ସଭ୍ୟଙ୍କ ବ୍ୟାପରରେ ବ୍ୟାଘାତ ହେବା ସହିତ ୨.୫ ଲକ୍ଷ ପରିବାରଙ୍କ ଚିନ୍ତାର କାରଣ ପାଲଟିଛି। ଅନେକ ଆପତ୍ତିଜନକ ଔଷଧ ଯାହା ବିନା ଡାକ୍ତରୀ ଚିଠାରେ ବିକ୍ରି ହେବା କଥା ନୁହେଁ, ତାହା ଆଜି ସହଜ ଭାବରେ ଉପଲବ୍ଧ ହେଉଛି। ଔଷଧ ବ୍ୟବସାୟର ଲାଭାଂଶ ଓ ଏମ୍‌ଆରପି ଯାହା ସରକାରଙ୍କ ଦ୍ୱାରା ସ୍ଥିରୀକୃତ (ଏନ୍‌ପିପିଏ/ ଡିପିସିଓ) ହୋଇଥାଏ ତା'ଠାରୁ ଅତି ଅଧିକ ମାତ୍ରାରେ ରିଆତିରେ ଔଷଧ ଅନଲାଇନରେ ମିଳୁଛି, ଯାହା ସାଧାରଣ ବ୍ୟବସାୟୀଙ୍କୁ ଅନେକ କ୍ଷତି ପହଞ୍ଚାଉଛି। ସେହିପରି ବିନା ଫାର୍ମାସିଷ୍ଟଙ୍କ ତତ୍ତ୍ୱାବଧାନରେ ଔଷଧ, ଗ୍ରାହକ ଗ୍ରହଣ କରି ସେବନ କରୁଥିବାରୁ, ଆଣ୍ଟିବାଓଟିକ୍ ରେଜିଷ୍ଟାନ୍ସର ମାତ୍ରା ବଢି ବଢି ଯାଉଛି। ତେଣୁ କୋଭିଡ ସମୟ ଜରୁରୀ ବିଜ୍ଞପ୍ତିକୁ ତୁରନ୍ତ ରଦ୍ଦ କରାଯାଉ ଓ ଅନଲାଇନ ଔଷଧ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଅତ୍ୟଧିକ ରିହାତି ପ୍ରଦାନକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ୟୁସିଡିଏର ସଭାପତି ପି ସତ୍ୟନାରାୟଣ ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସୂଚନା ଦାବି କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିପାରେ। ଉଧାର ଟଙ୍କା ଫେରିପାଇବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହୋଇପାରେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଘରେ ପୂଜାପାଠ ଆୟୋଜନ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଯୋଜନା ମୁତାବକ କାମ କରନ୍ତୁ।।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ।

## ଆଜିର ଇତିହାସ

- ୧୮୧୧- ପାରାଗୁଏ ସ୍ପେନ୍‌ରୁ ମୁକ୍ତ ହେଲା।
- ୧୯୪୪- ବ୍ରିଟିଶ୍ ସୈନିକ ନାଗାଲାଣ୍ଡର କୋହିମା ଉପରେ କବ୍‌ଜା କଲେ।
- ୧୯୬୩- କୁଏତ୍ ମିଳିତ ଜାତିସଂଘର ୧୧୧ତମ ଦେଶ ହେଲା।
- ୧୯୯୯ - ଇଂଲଣ୍ଡର ଲର୍ଡସ୍‌ରେ ବିଶ୍ୱକପ୍ କ୍ରିକେଟ୍ ଆରମ୍ଭ ହେଲା।
- ୨୦୦୧-ଭାରତ ଓ ମାଲେସିଆ ମଧ୍ୟରେ ସାତୋଟି ବୁଝାମଣା ସ୍ୱାକ୍ଷରିତ ହେଲା।



# ଆସିଲା 'ଚାନ୍ଦ ମେରା ଦିଲ୍'ର ଟ୍ରେଲର୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ଲକ୍ଷ୍ୟ ଲାଲୱାନିଙ୍କ ଅଭିନୀତ 'ଚାନ୍ଦ ମେରା ଦିଲ୍'ର ଟ୍ରେଲର୍ ରିଲିଜ୍ ହୋଇଛି। ଲଗାତାର ଏବେ ବକ୍ସ ଅଫିସ୍‌ରେ ପ୍ରେମ କାହାଣୀ ଉପରେ ଆଧାରିତ ଫିଲ୍ମ ଆସୁଛି। ହେଲେ 'ସୈୟାରା' ଫିଲ୍ମ ଭଳି ଏଯାବତ୍ କେହି ସଫଳ ହୋଇ ନାହାନ୍ତି। ଇତିମଧ୍ୟରେ ଧର୍ମା ପ୍ରଡକ୍ସନ୍ 'ଚାନ୍ଦ ମେରା ଦିଲ୍' ମାଧ୍ୟମରେ ଏକ ଇଣ୍ଟେନ୍ସ୍ ଲଭ୍ ଷ୍ଟୋରୀ ନେଇ ଆସିଛି। ଏଥିରେ ହିରୋ ଭାବେ ଅଭିନୟ କରିଥିବା ଲକ୍ଷ୍ୟ ପୂର୍ବରୁ ଆକ୍ସନ୍ - ରୋମାଣ୍ଟିକ୍ ଫିଲ୍ମ 'କିଲ୍'ରେ ତାଙ୍କର ଜବରଦସ୍ତ ଅଭିନୟ ପାଇଁ ଦର୍ଶକଙ୍କ ଭଲ ପାଇବା ସାଉଁଟିଥିଲେ। ଏବେ ପୁଣି ଥରେ ସେ ଏକ ବଡ଼ ବ୍ୟାନର୍‌ର ଫିଲ୍ମ ସହ ପରଦାକୁ ଫେରୁଛନ୍ତି। 'ଚାନ୍ଦ ମେରା ଦିଲ୍'ର କାହାଣୀ ଓ ନିର୍ଦ୍ଦେଶନା ଦାୟିତ୍ୱରେ ବିବେକ ସୋନି ରହିଛନ୍ତି। ଟ୍ରେଲର୍ ଦେଖି ଜଣାପଡୁଛି ଫିଲ୍ମରେ ରୋମାନ୍ସ, ପ୍ରେମରେ ତିକ୍ତତା, ଆକ୍ସନ, ଭାବପ୍ରବଣତା ଦେଖିବାକୁ ମିଳିବ। ଏଥିରେ ଅନନ୍ୟା ଚାନ୍ଦିନୀ ଭୂମିକାରେ ଓ ଲକ୍ଷ୍ୟ ଆରବ ଭୂମିକାରେ ଦେଖାଯିବେ। ଏହି ଫିଲ୍ମ ମେ' ୨୨ରେ ସିନେମାହଲ୍‌ରେ ରିଲିଜ୍ ହେବ। ପ୍ରଥମ ଥର ଅନନ୍ୟା ଓ ଲକ୍ଷ୍ୟ ଏହି ଫିଲ୍ମ ମାଧ୍ୟମରେ ଏକାଠି ପରଦାରେ ନଜର ଆସିବେ।

# ମହଙ୍ଗା ପଡ଼ିଲା ରିଲ୍‌ସ ନିଶା

ଭାଇରାଲ୍ ହେବା ନିଶାରେ ଯୁବକ ଯୁବତୀମାନେ ଅନେକ ସମୟରେ ଅତି ବିପଜ୍ଜନକ ରିଲ୍‌ସ କରୁଥିବାର ଦେଖାଯାଉଛି। ଡ୍ୟାମ୍‌ରୁ ଡେଇଁବା, ଚଳନ୍ତା ଟ୍ରେନ୍‌ରେ ଷ୍ଟଣ୍ଟ୍ କରିବା କିମ୍ବା ବିପଜ୍ଜନକ ସ୍ଥାନରେ ସୁଟ୍ କରିବା ଭଳି ଘଟଣା ଅଧିକାଂଶ ସମୟରେ ମୃତ୍ୟୁର କାରଣ ସାଜୁଛି। ଏବେ ଏମିତି ଏକ ମାମଲା ରାଜସ୍ଥାନରୁ ସାମ୍ନାକୁ ଆସିଛି। ଯାହାକି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଅଲବର ଜିଲ୍ଲାର ମାଧୋଗଡ଼ ଗାଁର କାଲୁରାମ ନାମକ ଜଣେ ଯୁବକ ଗହମ ବିକ୍ରି କରିବାକୁ ଯାଉଥିଲେ। ତେବେ ସେ ଗରମରୁ ରକ୍ଷା ପାଇବା ଲାଗି ହେଲମେଟ୍ ପରିବର୍ତ୍ତେ କ୍ଷୀର କେନ୍ ମୁଣ୍ଡରେ ଭର୍ତ୍ତି କଲେ। କିଛି ଲୋକଙ୍କ କହିବା କଥା ରିଲ୍‌ସ ପାଇଁ ସେ ଏଭଳି କରିଥିଲେ। ଯେମିତି ସେ ନିଜ ମୁଣ୍ଡରେ ୧୫ ଲିଟର କ୍ଷୀର କେନ୍‌କୁ ରଖିଛନ୍ତି, କିଛି କ୍ଷଣରେ ଏହା ତାଙ୍କୁ ସମସ୍ୟାରେ ପକାଇଲା। କେନ୍‌ଟି ମୁଣ୍ଡ ଭିତରେ ଅଟକି ଗଲା ଏବଂ ଆଦୌ ବାହାରିଲା ନାହିଁ। ଅବଶ୍ୟ କାଲୁରାମ ଏହାକୁ ବାହାର କରିବାକୁ ପ୍ରୟାସ କରିଥିଲେ ସୁଦ୍ଧା ଏହା ଆହୁରି ଭିତରକୁ ପଶି ଯାଇଥିଲା। କେନ୍‌ର ଓଜନ ୧୦ କିଲୋ ଥିଲା ବୋଲି କୁହାଯାଉଛି। ଧୀରେ ଧୀରେ ତାଙ୍କ ସ୍ଥିତି ଗମ୍ଭୀର ହେବାରୁ କାଲୁରାମ ଏହାକୁ ନେଇ ଭୟଭୀତ ହୋଇଗଲେ। ଏହାପରେ ସେ ଆଖପାଖ ଲୋକଙ୍କୁ ସାହାଯ୍ୟ ପାଇଁ ଡାକିଥିଲେ। ଗାଁ ଲୋକେ ତୁରନ୍ତ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ପ୍ରଥମେ ହାତରେ ସେମାନେ କେନ୍‌କୁ ମୁଣ୍ଡରୁ ବାହାର କରିବାକୁ ଚେଷ୍ଟା କଲେ। ସଫଳ ନ ହେବାରୁ ସେମାନେ କାଲୁରାମଙ୍କୁ ପାଖରେ ଥିବା ଏକ ହାର୍ଡୱେୟାର୍ ଦୋକାନକୁ ନେଇ ଯାଇଥିଲେ। ସେଇଠୁ ମେସିନ୍ କଟର୍ ସାହାଯ୍ୟରେ ଧୀରେ ଧୀରେ କେନ୍‌କୁ କଟାଗଲା। ଏ ସମସ୍ତ କାମ ଖୁବ୍ ସତର୍କର ସହ କରାଯାଇଥିଲା। କାରଣ ଟିକିଏ ଅସାବଧାନତା ଯୋଗୁଁ ତାଙ୍କୁ ଆଘାତ ଲାଗିବାର ଆଶଙ୍କା ଥାଏ। କାଲୁରାମଙ୍କ ଉଦ୍ଧାର କାର୍ଯ୍ୟ ପୂରା ଦୁଇ ଘଣ୍ଟା ଜାରି ରହିଲା। ଏହାପରେ ସେ ସୁରକ୍ଷିତ ଭାବେ କେନ୍‌ରୁ ବାହାରି ଗଲେ। ଏହି ଘଟଣାର ଭିଡିଓ ବନାଇ କେହି ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। କିଛି ଲାଇକ୍ ଓ ଭ୍ୟୁ ପାଇଁ ଏଭଳି ବିପଜ୍ଜନକ ରିଲ୍ସ କରିବା ବୋକାମି ବୋଲି ଅନେକ କହିଛନ୍ତି।



# ବେକରେ ଟାଣିଲେ ୯୦୦୦ କେଜି ଓଜନର ବସ୍



ଆରୁବାର ଏଗମଣ୍ଡ ମୋଲିନା ବେକରେ ୯.୮୬୦ କେଜି ଓଜନର ବସ୍‌କୁ ଟାଣି ବିଶ୍ୱ ରେକର୍ଡ କରିଛନ୍ତି। ସେ ୨୦ ମିଟର ପର୍ଯ୍ୟନ୍ତ ବସ୍‌ଟିକୁ ବେକରେ ଟାଣି ନେଇଛନ୍ତି। ଏଗମଣ୍ଡ 'ହ୍ୟୁମାନ କ୍ରେନ୍' ନାଁରେ ପରିଚିତ। ତାଙ୍କ ନାଁରେ ପୂର୍ବରୁ ହିଁ ଅନେକ ବିଶ୍ୱ ରେକର୍ଡ ଅଛି। ସେ ନିଜର ଏକ ଅଙ୍ଗୁଳିରେ ୨୦ ମିଟର ପର୍ଯ୍ୟନ୍ତ ବସ୍ ଟାଣିବାର ରେକର୍ଡ ମଧ୍ୟ କରିଥିଲେ। ଏହାବାଦ୍ ସେ ତାଙ୍କର ଗୋଟିଏ ଅଙ୍ଗୁଳିରେ ୧୫୯ କିଲୋଗ୍ରାମ୍‌ର ଓଜନ ଉଠାଇ ରେକର୍ଡ କରିଥିଲେ। କେବଳ ସେତିକି ନୁହେଁ, ସେ ଅଣ୍ଟା ବେଲ୍ଟ ସାହାଯ୍ୟରେ ୧୦୦୨ କିଲୋଗ୍ରାମ ଅର୍ଥାତ୍ ଏକ ଟନ୍‌ରୁ ଅଧିକ ଓଜନର ଜିନିଷ ଉଠାଇ ଥିଲେ।

ସବୁଠୁ ବଡ଼ କଥା ହେଉଛି ଏତେ ଅଧିକ ଓଜନର ଜିନିଷ ଉଠାଉଥିବା ଏଗମଣ୍ଡଙ୍କର ନିଜର ଓଜନ ୮୭ କେଜି। ପରିବାର ଓ ତାଙ୍କ ଜନ୍ମଭୂମି ଏଗମଣ୍ଡଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଛନ୍ତି। ଆରୁବା ଏକ ଛୋଟ ଦ୍ୱୀପ। ଏହାର ଜନସଂଖ୍ୟା ଲକ୍ଷେ ୧୦ ହଜାର। ଏଗମଣ୍ଡଙ୍କ ମତରେ, ବିଶ୍ୱ ଦେଖୁ ଯେ, ଛୋଟ ଦେଶରୁ ବି ବଡ଼ ଖେଳାଳି ବାହାରିପାରିବେ। ତେଣୁ ସେ ତାଙ୍କର ସମସ୍ତ ରେକର୍ଡ ତାଙ୍କ ପରିବାର ଏବଂ ଦେଶକୁ ସମର୍ପଣ କରିଛନ୍ତି। ଅବଶ୍ୟ ଏତେ ବଡ଼ ଉପଲବ୍ଧି ହାସଲ କରିବା ତାଙ୍କ ପାଇଁ ଆଦୌ ସହଜ ନ ଥିଲା। ଏଥିପାଇଁ ଅନେକ ସମୟରେ ସେ ଗୁରୁତର ଆହତ ମଧ୍ୟ ହୋଇଥିଲେ। ସେହିପରି ବସ୍‌କୁ ବେକରେ ଟାଣୁଥିବା ସମୟରେ ବନ୍ଧା ଯାଇଥିବା ରଶି ଯୋଗୁଁ ତାଙ୍କ ଶ୍ୱାସନଳୀ ଚାପି ହୋଇଯାଉଥିଲା। ଏହାକୁ ନିୟନ୍ତ୍ରଣ କରି ତାଙ୍କୁ ବସ୍ ଟାଣିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଏହା କେବଳ ଶାରୀରିକ ବଳ ନୁହେଁ, ମାନସିକ ଦୃଢ଼ତାର ବି ପରୀକ୍ଷା ଥିଲା ବୋଲି ସେ କହିଛନ୍ତି। ତେବେ ତମାମ ଅସୁବିଧା ସତ୍ତ୍ୱେ ଏଗମଣ୍ଡ ହାର୍ ମାନି ନାହାନ୍ତି।

# ଓଡ଼ିଆଣୀଙ୍କ ସାବିତ୍ରୀ ସଜ



**ଓଡ଼ିଆ ଘରେ ସାବିତ୍ରୀ ବ୍ରତର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ ପାଳିଥାନ୍ତି। ଏଥିପାଇଁ ବାପଘରୁ ସ୍ୱତନ୍ତ୍ର ସାବିତ୍ରୀ ଭାର ଆସିଥାଏ। ମହିଳାମାନେ ନୂଆଶାଢ଼ି, ନାଲିଚୁଡ଼ି, ନାଲିଶଙ୍ଖା, ସିନ୍ଦୂର ସମେତ ଅଳତା ଆଦି ଶୃଙ୍ଗାର କରି ପାରମ୍ପରିକ ଲୁକ୍ ନେଇଥାନ୍ତି। ଏଥିପାଇଁ ମହିଳାମାନେ ସାବିତ୍ରୀ ପୂର୍ବରୁ ସ୍ୱତନ୍ତ୍ର ସଜବାଜର ପ୍ରସ୍ତୁତି କରିଥାନ୍ତି। ସାବିତ୍ରୀ ବ୍ରତ, ସାଜସଜ ଏବଂ ପୂର୍ବପ୍ରସ୍ତୁତିକୁ ନେଇ ଏହି ଉପସ୍ଥାପନା।**

### ନୂଆ ଶାଢ଼ି ଓ ଷୋଳଶୃଙ୍ଗାର

ଏହି ବ୍ରତର ମୁଖ୍ୟ ଷୋଳଶୃଙ୍ଗାର। ଏଥିପାଇଁ ବାପଘରୁ ସ୍ୱତନ୍ତ୍ର ଭାର ଆସିଥାଏ। ଏହାସତ୍ତ୍ୱେ ଅନେକ ମହିଳା ପୂଜାପାଇଁ ସ୍ୱତନ୍ତ୍ର ନାଲି, ହଳଦିଆ ଏବଂ ଗାଢ଼ ରଙ୍ଗର ଶାଢ଼ି କିଣିଥାନ୍ତି। ଏହି ରଙ୍ଗର ଶାଢ଼ି ପିନ୍ଧିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିସହ ଶଙ୍ଖା, ସିନ୍ଦୂର, ଚୁଡ଼ି, ଝୁଣ୍ଟିଆ, ପାନିଆ, ନେଲ୍‌ପଲିସ୍, ଅଳତା, ମେହେନ୍ଦି କଳା ଆଦି ଶୃଙ୍ଗାରକୁ ଏକତ୍ର କରି ସଜେଇ ରଖିଥାନ୍ତି। ସେହିପରି ବ୍ରତ ପୂଜା ପାଇଁ ମହିଳାମାନେ ଆମ୍ବ, ପଣସ, କଦଳୀ, ସପୁରି, ଖଜୁରି, ଜାମୁରୋଳ, ତାଳସଜ, ଅଙ୍ଗୁର, ଲିଚୁ ଭଳି ମୌସୁମୀ ଫଳ ସବୁକୁ ଦୁଇଦିନ ଆଗରୁ ବରାଦ କରିଥାନ୍ତି। ଏହାବାଦ୍ ମହିଳାମାନେ ଅଳତାରେ ବିଭିନ୍ନ ଡିଜାଇନ୍ ଏବଂ ହାତରେ ମେହେନ୍ଦି କରନ୍ତି।

### ମେକ୍‌ଅପ୍ ଏବଂ କେଶ ବିନ୍ୟାସ

ପୂଜାର୍ଚ୍ଚନା ସହ ମହିଳାମାନେ ସାଜସଜାକୁ ନେଇ ବେଶ୍ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏଥିପାଇଁ ମେକ୍‌ଅପ୍ ଏବଂ ଭଳିକି ଭଳି କେଶବିନ୍ୟାସ କରିଥାନ୍ତି। ସାବିତ୍ରୀ ବ୍ରତରେ ପାରମ୍ପରିକ ଓଡ଼ିଆଣୀ ବୋହୂର ମେକ୍‌ଅପ୍ କରିଥାନ୍ତି। ମୁଣ୍ଡରେ ବେଣୀ କରି ସେଥିରେ ଫୁଲ ଲଗାଇଥାନ୍ତି। ଏଥିରୁ ସମ୍ପୂର୍ଣ୍ଣ ସାବିତ୍ରୀ ଲୁକ୍ ମିଳିଥାଏ।



"ସାବିତ୍ରୀବ୍ରତ ଦଶ ପନ୍ଦର ଦିନ ପୂର୍ବରୁ ସାବିତ୍ରୀ ଭାର ଆସୁଥିଲା। ହେଲେ ଏବେ କାର୍ଯ୍ୟବ୍ୟସ୍ତତା, ସମୟର ଅଭାବ ଯୋଗୁଁ ଅଧିକାଂଶ ଫୋନ୍‌ରେ ଟଙ୍କା ପଠେଇ ଦେଉଛନ୍ତି। ଏହି ଟଙ୍କାରେ ମୁଁ ସାବିତ୍ରୀ ପାଇଁ ଆବଶ୍ୟକୀୟ ଜିନିଷ କିଣାକିଣି କରେ। ପୂଜା ପାଇଁ ଆବଶ୍ୟକ ନୂଆ ଶାଢ଼ି, ଚୁଡ଼ି , ସିନ୍ଦୂର ସମେତ ଟିକି ନିଖି ଜିନିଷ କିଣି ଆଗୁଆ ସଜେଇ ରଖେ। ଅବଶ୍ୟ ଗାଁ ଗହଳିରେ ବ୍ରତର ପୂର୍ବ ପ୍ରସ୍ତୁତି,ବେଶ୍ ଆନନ୍ଦ ଲାଗେ। ହେଲେ ସହରରେ ଏହି ଅନୁଭୂତି ଏତେଟା ମିଳିପାରେନି।

ନିରୁପମା ପାଇକରାୟ, ଭୁବନେଶ୍ୱର



ମୋ ଭଳି ପ୍ରତ୍ୟେକ ସଧବାନାରୀ ସାବିତ୍ରୀ ବ୍ରତକୁ ଉତ୍ସୁକତାର ସହ ଚାହିଁ ବସିଥାନ୍ତି। ମହିଳାମାନେ ଉପବାସ ରଖି ନିତିନିଷ୍ଠାର ସହ ଏହି ବ୍ରତ ପାଳି ପୂଜାର୍ଚ୍ଚନା କରନ୍ତି। ଏହିଦିନ ମହିଳାମାନେ ପାରମ୍ପରିକ ଓଡ଼ିଆଣୀ ବେଶରେ ସଜେଇ ହେବାକୁ ପସନ୍ଦ କରନ୍ତି ଏବଂ ସାଜସଜା ଜିନିଷ ପ୍ରସ୍ତୁତ କରି ରଖିଥାନ୍ତି।"

ଲିଙ୍କି ପ୍ରଧାନ, ପୁରୀ




### ହଜିଯାଉଥିବା ସ୍ୱାଦ

## ମଞ୍ଜା ଆମ୍ବିଳ

**ଆବଶ୍ୟକ ସାମଗ୍ରୀ**


କଦଳୀ ମଞ୍ଜା - ଖଣ୍ଡେ, ସୋରିଷ ବେସର – ଏକ ଚାମଚ, ପଞ୍ଚଫୁଟଣ – ଅଧା ଚାମଚ, ଭୃସଙ୍ଗପତ୍ର - ଚାରି ପାଞ୍ଚଟି, ଗୁଡ଼- ଅଧା କପ୍, ହଳଦୀଗୁଣ୍ଡ – ଅଧା ଚାମଚ, ତେନ୍ତୁଳି – ଅଳ୍ପ, ଲଙ୍କାଗୁଣ୍ଡ- ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ କଦଳୀମଞ୍ଜାକୁ ଛୋଟ ଛୋଟ ଖଣ୍ଡରେ କାଟନ୍ତୁ। ଏହାପରେ ପାଣି ସମେତ ହଳଦୀଗୁଣ୍ଡ ପକାଇ ସିଝାନ୍ତୁ। ଆଉ ଏକ କଡ଼େଇ ନେଇ ସେଥିରେ ତେଲ ଫୁଟଣ, ଭୃସଙ୍ଗପତ୍ର ମଞ୍ଜା ପକାଇ ଭାଜନ୍ତୁ। ଏହାପରେ ପାଣି ଦେଇ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ ପକାଇ କିଛି ସମୟ କଷନ୍ତୁ। ଏହାପରେ ସାମାନ୍ୟ ଗୁଡ଼ ଦେଇ ଏପାଖସେପାଖ କରନ୍ତୁ। ପରେ ତେନ୍ତୁଳି ରସ ଦେଇ ଦୁଇମିନିଟ୍ ଛାଡ଼ି ଦିଅନ୍ତୁ। ପାଣି ମରିଗଲେ ଏଥିରେ ସୋରିଷ ବେସର ଦେଇ ଏପାଖସେପାଖ କରନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମଞ୍ଜା ଆମ୍ବିଳ'।



## ହେୟାର୍ ସନ୍‌ସ୍କ୍ରିନ୍



**ତ୍ୱଚାକୁ ଖରାରୁ ସୁରକ୍ଷା ଦେବା ପାଇଁ ଅନେକେ ସନ୍‌ସ୍କ୍ରିନ୍ ଲଗାଇଥାନ୍ତି। ତେବେ ଖରା କେବଳ ତ୍ୱଚା ନୁହେଁ, କେଶକୁ ମଧ୍ୟ ପ୍ରଭାବିତ କରିଥାଏ। ସୂର୍ଯ୍ୟର ଅତିବାଇଗଣୀ ରଶ୍ମୀ, କେଶକୁ ଶୁଷ୍କ, ଦୁର୍ବଳ ଏବଂ ରୁକ୍ଷ କରିଥାଏ। ତେଣୁ ଏହି ଦିନେ କେଶର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ଏଥିପାଇଁ ହେୟାର୍ ସନ୍‌ସ୍କ୍ରିନ୍ ଲଗାଇପାରିବେ। ଏହା କେଶକୁ ଅତିବାଇଗଣୀ ରଶ୍ମିରୁ ସୁରକ୍ଷା ଦେବା ସହ କେଶରେ ଚମକ ଆଣିବାରେ ସାହାଯ୍ୟ କରିଥାଏ।**

### ଖରାରୁ କେଶ ସୁରକ୍ଷା

ଖରାରେ ବାହାରକୁ ଯିବା ପୂର୍ବରୁ କପଡ଼ା କିମ୍ବା ସ୍କାର୍ଫ ବାନ୍ଧନ୍ତୁ। ଏଥିସହ କେଶରେ ୟୁଭି ପ୍ରୋଟେକ୍ସନ ସ୍ପ୍ରେ କରନ୍ତୁ। କେଶରେ କଣ୍ଡିସନର ଲଗାନ୍ତୁ। ଏପରି କରିବା ଦ୍ୱାରା କେଶ ସୁସ୍ଥ ରହିଥାଏ।

### ଘରୋଇ ଉପଚାର

ନଡ଼ିଆ ତେଲ, ଆଲୋଭେରା ଜେଲ୍ ସମେତ ଦହି ବ୍ୟବହାର କରିପାରିବେ। ଏହା କେଶକୁ ପ୍ରାକୃତିକ ଉପାୟରେ ପୋଷଣ ଦେଇଥାଏ। ଏଥିସହ କେଶକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେଇଥାଏ।

### ହେୟାର୍ କେୟାର୍

ବିଶେଷ କରି ଖରାଦିନେ ଅଧିକ କେଶ ସଫା କରିବା, ଡିପ୍ କଣ୍ଡିସନିଙ୍ଗ୍ କରିବା ଏବଂ ହିଟ୍ ମେସିନରୁ କେଶକୁ ଦୂରେଇ ରଖିବା ଜରୁରି। ଏହାଦ୍ୱାରା କେଶ ମଜଭୂତ ହେବା ସହ ଚମକ ଆସିଥାଏ।

## ହେଲ୍‌ମେଟ୍ ପିନ୍ଧିବା ପୂର୍ବରୁ ଜାଣି ରଖନ୍ତୁ

**ଖରାଦିନେ ହେଲ୍‌ମେଟ୍ ପିନ୍ଧିବାକୁ ଅନେକେ ନାପସନ୍ଦ କରନ୍ତି। କାରଣ ଝାଳ ବୋହି ଅଣନିଃଶ୍ୱାସୀ ଲାଗିଥାଏ। ହେଲେ ସୁରକ୍ଷା ଦୃଷ୍ଟିରୁ ଏହା ପିନ୍ଧିବାକୁ ପଡ଼ିଥାଏ। ତେବେ ହେଲ୍‌ମେଟ୍ ପିନ୍ଧୁଥିଲେ ଏଥିପାଇଁ କେତେକ ଜରୁରି ଟିପ୍ସ ଜାଣି ରଖନ୍ତୁ।**

### ସୂତା ସ୍କାର୍ଫ

ହେଲ୍‌ମେଟ୍ ପିନ୍ଧିବା ପୂର୍ବରୁ, ପ୍ରଥମେ ମୁଣ୍ଡରେ ସୂତା ସ୍କାର୍ଫରେ ବାନ୍ଧନ୍ତୁ। ଏହା କେଶର ସମ୍ପୂର୍ଣ୍ଣ ଝାଳକୁ ଅବଶୋଷିତ କରିଥାଏ। ସୂତା କପଡ଼ା ଯୋଗୁ କେଶରେ ଝାଳଦୁର୍ଗନ୍ଧ ଦୂର ହୋଇଥାଏ। ତେଣୁ ହେଲମେଟ୍ ପିନ୍ଧିବା ପୂର୍ବରୁ ସୂତା କପଡ଼ା ବାନ୍ଧିବା ଆବଶ୍ୟକ।

### ବାୟୁ ଚଳାଚଳ, ହାଲୁକା ରଙ୍ଗ

ବର୍ତ୍ତମାନ ସମୟରେ ଏୟାର ଭେଣ୍ଟିଲେସନ୍ ହେଲ୍‌ମେଟ୍ ଆସୁଛି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥାଏ। ଏହି ହେଲ୍‌ମେଟ୍‌ରେ ବାୟୁ ଚଳାଚଳ ଭଲ ହୋଇଥାଏ। ଏଥିପାଇଁ ହାଲୁକା ରଙ୍ଗର ହେଲ୍‌ମେଟ୍ ଚୟନ କରନ୍ତୁ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

**ଆର୍‌ସିବି-କେକେଆର୍ ଆଇପିଏଲ୍ ଲଢ଼େଇ**

# ଭୁବନେଶ୍ୱର-କୋହଲିଙ୍କ ରେକର୍ଡ

ରାୟପୁର, ୧୩।୫ (ଏଜେନ୍ସି)




ଚଳିତ ଆଇପିଏଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ର ଦ୍ୱିତୀୟ ଘରୋଇ ଭେନ୍ୟୁ ହୋଇଥିବା ଛତିଶଗଡ଼ ରାୟପୁରସ୍ଥିତ ସହିଦ ବୀର ନାରାୟଣ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ପୁଣି ବର୍ଷା ବାଧକ ସାଜିଛି। ବୁଧବାର ଏଠାରେ ଘରୋଇ ଆରସିବି ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମଧ୍ୟରେ ଅନୁଷ୍ଠିତ ଲିଗ୍‌ର ୫୭ତମ ମ୍ୟାଚ୍ ବର୍ଷା ଯୋଗୁ ଘଣ୍ଟାଏ ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଟସ୍ ଜିତି ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ କେକେଆର ଅଙ୍ଗକ୍ରିଷ୍ଣ ରଘୁବଂଶୀ ଓ ରିଙ୍କୁ ସିଂଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪ୱିକେଟ୍‌ରେ ୧୯୨ ରନ ସଂଗ୍ରହ କରିଛି। ରଘୁବଂଶୀ ୪୬ ବଲରେ ସର୍ବାଧିକ ୭୧ ରନ କରିଥିଲେ। ଏହି ପାଳିରେ ସେ ୭ ଚୌକା ଓ ୩ଟି ଛକା ମାରିଥିଲେ। ସେହିଭଳି ରିଙ୍କୁ ୨୯ ବଲରୁ ଅପରାଜିତ ୪୯ ରନ କରିବା ଫଳରେ କୋଲକାତା ୨୦୦ ରନ ନିକଟତର ହୋଇପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ କାମେରନ ଗ୍ରୀନ ୩୨, ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୯ ଓ ଫିନ ଆଲେନ ୧୮ ରନ କରିଥିଲେ। ବୋଲିଂରେ ଭୁବନେଶ୍ୱର କୁମାର, ରଶିଦ ଦାର ସଲମାନ ଓ ଜୋଶ ହାଜଲେଉଡ୍‌ଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ଏଥିସହ ଆଇପିଏଲ୍ ଇତିହାସରେ କୋଲକାତା ବିପକ୍ଷରେ ସର୍ବାଧିକ ୱିକେଟ ହାସଲକାରୀ ବୋଲର ତାଲିକାରେ ଯୁଜବେନ୍ଦ୍ର ଚହଲଙ୍କ ସହ ଭୁବନେଶ୍ୱର ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଭୁବନେଶ୍ୱର ଓ ଚହଲ ଉଭୟ କେକେଆର ବିପକ୍ଷରେ ୩୩ଟି ଲେଖାଏ ୱିକେଟ୍ ନେଇଛନ୍ତି। ଜବାବରେ ୧୯୩ ରନର ଟାର୍ଗେଟକୁ ପିଛା କରିଥିବା ବେଙ୍ଗାଲୁରୁ ୧୨ ଓଭର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୧୧୮ ରନ ସଂଗ୍ରହ କରିଛି। ବିରାଟ କୋହଲି ୩୭ ବଲରେ ୫୯ ଓ ଦେବଦତ୍ତ ପାଡିକଲ ୨୩ ବଲରେ ୩୩ ରନ କରି ଖେଳୁଛନ୍ତି। ଓପନର୍ ଜାକବ ବେଥେଲ ୧୫ ରନ କରି କାର୍ତ୍ତିକ ତ୍ୟାଗୀଙ୍କ ବଲରେ ଆଉଟ୍ ହୋଇଛନ୍ତି। ଚଳିତ ଆଇପିଏଲ୍‌ରେ କୋହଲି ବର୍ତ୍ତମାନ ସୁଦ୍ଧା ୧୨ଟି ମ୍ୟାଚରୁ ୪୧୯ ରନ ସଂଗ୍ରହ କରିଛନ୍ତି। ଫଳରେ ଆଇପିଏଲ୍‌ର ୧୯ରୁ ୧୨ଟି ସିଜନରେ ସେ ୪୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ବେଙ୍ଗାଲୁରୁ* | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୧ | ୬ | ୪ | ୧ | ୧୩ | +୦.୪୨୮ |
| ଚେନ୍ନଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା* | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ




### ଆଜିର ଆଇପିଏଲ୍ ମ୍ୟାଚ୍

ପଞ୍ଜାବ ବନାମ ମୁମ୍ବଇ
ଭେନ୍ୟୁ-ଧର୍ମଶାଳା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ମାକନେଲ୍‌ଙ୍କ ସହ ଚୁକ୍ତି କଲା ସିଏସ୍‌କେ



ଚେନ୍ନଇ, ୧୩।୫ (ଏଜେନ୍ସି): କର୍ଣ୍ଣାଟକ ଅଲ୍‌ରାଉଣ୍ଡର ମାକନେଲ ନୋରୋନହାଙ୍କ ସହ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଚୁକ୍ତି କରିଛି। ତାଙ୍କୁ ୩୦ ଲକ୍ଷ ଟଙ୍କାରେ ସିଏସକେ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛି। ଆହତ ହୋଇ ଚଳିତ ଆଇପିଏଲ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଥିବା ରାମକ୍ରିଷ୍ଣ ଘୋଷଙ୍କ ସ୍ଥାନରେ ମାକନେଲ ଚେନ୍ନଇ ପାଇଁ ଖେଳିବେ। ସିଏସକେ ଫ୍ରାଞ୍ଚାଇଜ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ୨୪ ବର୍ଷୀୟ ମାକନେଲ ୨୦୨୪-୨୫ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ସର୍ବାଧିକ ସ୍କୋରର ରହିଥିଲେ। ଯେଉଁଥି ପାଇଁ ତାଙ୍କୁ ବିସିସିଆଇ 'ନମନ ଆୱାର୍ଡ'ରେ ସମ୍ମାନିତ କରିଥିଲା। କର୍ଣ୍ଣାଟକ ସିନିଅର ଦଳ ପାଇଁ ସେ ମାତ୍ର ୩ଟି ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୫୮ ରନ କରିବା ସହ ଗୋଟିଏ ୱିକେଟ୍ ନେଇଛନ୍ତି।

■ ଜୁନ୍ ୬ରୁ ଭାରତ-ଆଫଗାନିସ୍ତାନ ଟେଷ୍ଟ

## ବୁମରା, ସିରାଜଙ୍କ 'ୱାର୍କଲୋଡ୍' ଉପରେ ନଜର



ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଆସନ୍ତା ଜୁନ୍ ୬ ତାରିଖରୁ ଚଣ୍ଡିଗଡ଼ରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଇପିଏଲ୍ ଶେଷ ହେବାର ମାତ୍ର କିଛି ଦିନ ପରେ ଏହି ମ୍ୟାଚ୍ ଥିବାରୁ ମୁଖ୍ୟ ବୋଲରମାନଙ୍କ 'ୱାର୍କଲୋଡ୍' ବା କାର୍ଯ୍ୟଭାରକୁ ନେଇ ଚୟନକର୍ତ୍ତାମାନେ ଚିନ୍ତାରେ ଅଛନ୍ତି। ଚୟନକର୍ତ୍ତାମାନେ ଦୁର୍ବଳ ଦଳ ଅପେକ୍ଷା ସର୍ବୋତ୍ତମ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାକୁ ଚାହୁଁଛନ୍ତି। ମୁମ୍ବଇ ଇଣ୍ଡିଆନ୍ସ ଦଳ ଆଇପିଏଲ୍ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଥିବାରୁ ଯଶପ୍ରୀତ ବୁମରା ବିଶ୍ରାମ ପାଇଛନ୍ତି। କିନ୍ତୁ ତାଙ୍କ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଅନ୍ୟପଟେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଗୁଜରାଟ ଟାଇଟାନ୍ସ ଦଳ ପ୍ଲେ-ଅଫ୍ ଦୌଡ଼ରେ ରହିଛି। ଆକାଶଦୀପ୍ ଏବଂ ହର୍ଷିତ ରାଣା ଆହତ ଥିବାରୁ ଚୟନ ପାଇଁ ଉପଲବ୍ଧ ନାହାନ୍ତି। ମହମ୍ମଦ ସାମିଙ୍କୁ ନେଇ ଚୟନକର୍ତ୍ତାମାନେ ଆଉ ଆଗ୍ରହୀ ନଥିବା ଜଣାପଡ଼ିଛି। ଅଂଶୁଲ କାମ୍ବୋଜ, ଗୁରନୁର ବ୍ରାର ଓ ଆକ୍ୱିବ୍ ନବୀଙ୍କ ଭଳି ଯୁବ ବୋଲରଙ୍କ ନାମ ଉପରେ ଚର୍ଚ୍ଚା ହେଉଛି। ନୀତିଶ କୁମାର ରେଡ୍ଡୀଙ୍କୁ ମଧ୍ୟ ଜଣେ ସିମ୍-ବୋଲିଂ ଅଲରାଉଣ୍ଡର ଭାବେ ବିଚାର କରାଯାଉଛି। ବିସିସିଆଇ ସମସ୍ତ ତଥ୍ୟ ଓ ଖେଳାଳିଙ୍କ ଫିଟନେସ୍ ରିପୋର୍ଟ ଅନୁଧ୍ୟାନ କରୁଛି। ଚଳିତ ସପ୍ତାହ ଶେଷ ସୁଦ୍ଧା ବସିବାକୁ ଥିବା ବୈଠକରେ ବୁମରା ଓ ସିରାଜଙ୍କ ଖେଳିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

■ ମହିଳା ଟି-୨୦ ବିଶ୍ୱକପ୍

## ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ସହ ୱାର୍ମଅପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ଅଂଶଗ୍ରହଣକାରୀ ସମସ୍ତ ଦଳର ଅଭ୍ୟାସ ମ୍ୟାଚ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଶ୍ୱକପ୍ ପୂର୍ବରୁ ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ ଜୁନ ୮ରେ ୱେଷ୍ଟଇଣ୍ଡିଜ ଓ ଜୁନ ୧୦ରେ ଘରୋଇ ଇଂଲଣ୍ଡକୁ ଅଭ୍ୟାସ ମ୍ୟାଚ୍‌ରେ ଭେଟିବ। ଏହି ଦୁଇଟି ମ୍ୟାଚ୍ କାର୍ଡିଫ ଗ୍ରାଉଣ୍ଡରେ ଖେଳାଯିବ। ଜୁନ ୬ରୁ ୧୦ ତାରିଖ ମଧ୍ୟରେ ମୋଟ୍ ୧୨ଟି ଅଭ୍ୟାସ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଜୁନ ୮ରେ ଅଭ୍ୟାସ ମ୍ୟାଚରେ ଇଂଲଣ୍ଡକୁ ଭେଟିବ। ଉଲ୍ଲେଖଯୋଗ୍ୟ ଭାରତୀୟ ମହିଳା ଦଳ ବିଶ୍ୱକପ୍‌ରେ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଜୁନ ୧୪ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ହରମନପ୍ରୀତଙ୍କ ଦଳ ଅଭିଯାନ ଆରମ୍ଭ କରିବ।

■ ଥାଇଲାଣ୍ଡ ଓପନ୍ ବ୍ୟାଡମିଣ୍ଟନ

## ସିନ୍ଧୁ, ଲକ୍ଷ୍ୟ ଓ ଶ୍ରୀକାନ୍ତ ପ୍ରି-କ୍ୱାର୍ଟରରେ




ବ୍ୟାଙ୍କକ,୧୩।୫(ଏଜେନ୍ସି): ବ୍ୟାଙ୍କକଠାରେ ଚାଲିଥିବା ଥାଇଲାଣ୍ଡ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପିଭି ସିନ୍ଧୁ, ଲକ୍ଷ୍ୟ ସେନ୍ ଏବଂ କିଦାମ୍ବୀ ଶ୍ରୀକାନ୍ତ ନିଜ ନିଜ ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ସିନ୍ଧୁ ୨୧-୯, ୨୧-୧୨ରେ ଚାଇନିଜ୍ ତାଇପେଇର ତୁଙ୍ଗ ସିଉ-ଟୋଙ୍ଗଙ୍କୁ ସହଜରେ ପରାସ୍ତ କରିଛନ୍ତି। ବିଶ୍ୱର ୧୧ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ ୨୧-୧୬, ୨୧-୧୭ରେ ସିଙ୍ଗାପୁରର ଜିଆ ହେଙ୍ଗ ଜେସନ୍‌ଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉଠିଛନ୍ତି। ଅଭିଜ୍ଞ ଶ୍ରୀକାନ୍ତ ୨୧-୧୪, ୨୧-୧୫ରେ ସିଙ୍ଗାପୁରର ଲୋ କିନ୍ ୟୁଙ୍କୁ ପରାସ୍ତ କରିଛନ୍ତି।

## ନର୍ସ ହେବା ପାଇଁ ଅଲିମ୍ପିକ୍ ବିଜେତାଙ୍କ ସନ୍ନ୍ୟାସ



ଲଣ୍ଡନ,୧୩।୫(ଏଜେନ୍ସି): ବ୍ରିଟେନର ସବୁଠାରୁ ସଫଳ ସାଇକ୍ଲିଷ୍ଟ ତଥା ତିନିଥରର ଅଲିମ୍ପିକ୍ ପଦକ ବିଜୟିନୀ କେଟି ଆର୍ଚିବାଲ୍ଡ ସନ୍ନ୍ୟାସ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ୨୦୨୬ କମନୱେଲଥ ଗେମ୍ସ ପାଇଁ ସ୍କଟଲାଣ୍ଡ ଦଳରେ ସେ ସ୍ଥାନ ପାଇଥିଲେ। ତେବେ କେଟି ନର୍ସ ଭାବେ ନୂତନ କ୍ୟାରିୟର ଗଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୩୨ ବର୍ଷୀୟା କେଟିଙ୍କର ଏହି ନିଷ୍ପତ୍ତି ପଛରେ ରହିଛି ସେବା କରିବାର ମନୋଭାବ। ସେ କହିଛନ୍ତି ଯେ, ଅନେକ ଦିନରୁ 'ପ୍ରକୃତ ଦୁନିଆ' ତାଙ୍କୁ ଆକର୍ଷିତ କରୁଥିଲା। ଏବେ ସେ ନର୍ସିଂ ତାଲିମ ନେଉଛନ୍ତି ଏବଂ ରୋଗୀଙ୍କ ସେବା କରିବା ସମୟରେ ଲୋକଙ୍କ ଭରସା ଜିତିବା ତାଙ୍କୁ ଏକ ଭିନ୍ନ ସୁଖ ପ୍ରଦାନ କରୁଛି। ତାଙ୍କର ୧୩ ବର୍ଷର ଲମ୍ବା କ୍ୟାରିୟରରେ ସେ ୫୧ଟି ପ୍ରମୁଖ ପଦକ ଜିତିଛନ୍ତି, ଯେଉଁଥିରେ ୭ଟି ବିଶ୍ୱ ଟାଇଟଲ୍ ଓ ୨୧ଟି ୟୁରୋପିଆନ୍ ଟାଇଟଲ୍ ସାମିଲ ଅଛି।

**ଆଇଏସଏଲ୍ କ୍ଲବ୍‌ଗୁଡ଼ିକର ନୂଆ ପ୍ରସ୍ତାବ**

## ନିଜେ ସମ୍ଭାଳିବେ ପରିଚାଳନା ଓ ବ୍ୟାବସାୟିକ ଦାୟିତ୍ୱ

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଭାରତୀୟ ଫୁଟବଲରେ ଏକ ବଡ଼ ପରିବର୍ତ୍ତନ ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଏସ୍‌ଏଲ୍) କ୍ଲବଗୁଡ଼ିକ ଏକ ନୂଆ ମଡେଲ୍ ପ୍ରସ୍ତାବ ଦେଇଛନ୍ତି। ଇଷ୍ଟ ବେଙ୍ଗଲକୁ ଛାଡ଼ି ଅନ୍ୟ ସମସ୍ତ କ୍ଲବ୍ ମିଳିତ ଭାବେ ଲିଗ୍‌ର ପରିଚାଳନା ଏବଂ ବ୍ୟବସାୟିକ ଦାୟିତ୍ୱ ନିଜ ହାତକୁ ନେବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) କୁ ଚିଠି ଲେଖିଛନ୍ତି। କ୍ଲବଗୁଡ଼ିକ କହିଛନ୍ତି ଯେ ବିଦେଶୀ ସଂସ୍ଥା ଅପେକ୍ଷା ସେମାନେ ସ୍ଥାନୀୟ ବଜାର ଓ ପରିଚାଳନା ବିଷୟରେ ଅଧିକ ଅଭିଜ୍ଞ। ତେଣୁ ସେମାନେ ଲିଗ୍‌କୁ ଅଧିକ ଦକ୍ଷତା ଓ କମ୍ ଖର୍ଚ୍ଚରେ ଚଳାଇପାରିବେ। ଏହି ନୂଆ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ହେବ, ଯେଉଁଥିରେ ଏଆଇଏଫ୍‌ଏଫ୍ ପାଖରେ ୧୦% ଏବଂ କ୍ଲବଗୁଡ଼ିକ ପାଖରେ ୯୦% ମାଲିକାନା ରହିବ। କ୍ଲବଗୁଡ଼ିକ ପ୍ରସ୍ତାବ ଦେଇଛନ୍ତି ଯେ ଜିନିୟସ ସ୍ପୋର୍ଟ୍ସ କେବଳ ଡାଟା, ଟେକ୍ନୋଲୋଜି ଏବଂ ଫ୍ୟାନ୍ ଏନଗେଜମେଣ୍ଟ ପର୍ଯ୍ୟନ୍ତ ସୀମିତ ରହୁ। ସେମାନଙ୍କର ୭ ମିଲିୟନ ଡଲାରର ପାଉଣା ମଧ୍ୟ ହ୍ରାସ କରାଯାଉ। ପୂର୍ବରୁ ବିରୋଧ କରୁଥିଲେ ମଧ୍ୟ, ଏବେ କ୍ଲବଗୁଡ଼ିକ ଏ ଆ ଇ ଏ ଫ୍ ଏ ଫ୍ କୁ ବାର୍ଷିକ ୩ କୋଟି ଟଙ୍କାର ଏଣ୍ଟ୍ରି ଫି' ଦେବାକୁ ରାଜି ହୋଇଛନ୍ତି। ଆସନ୍ତା ମେ ୨୨ରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ସହ କ୍ଲବଗୁଡ଼ିକର ବୈଠକ ଅଛି। ଏହା ପରେ ମେ ୨୩ରେ କୋଲକାତାରେ ହେବାକୁ ଥିବା ସ୍ୱତନ୍ତ୍ର ସାଧାରଣ ସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି ଏହି ମଡେଲ୍ ଗ୍ରହଣ ହୁଏ, ତେବେ ଭାରତୀୟ ଫୁଟବଲରେ କ୍ଲବଗୁଡ଼ିକର ପ୍ରଭାବ ଆହୁରି ବୃଦ୍ଧି ପାଇବ।




## କମନୱେଲ୍‌ଥ ଚେସ୍; ସତ୍ୟପ୍ରଜ୍ଞଙ୍କୁ ପ୍ରଶିକ୍ଷକ ଦାୟିତ୍ୱ

ଭୁବନେଶ୍ୱର, ୧୩।୫ (ସମିସ): ଶ୍ରୀଲଙ୍କାର ରାଜଧାନୀ କଲମ୍ବୋଠାରେ ଚଳିତ ମାସ ୧୬ରୁ କମନୱେଲଥ୍ ଚେସ୍ ପ୍ରତିଯୋଗିତା ଆରମ୍ଭ ହେବାକୁଯାଉଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ଚେସ୍ ଖେଳାଳି ଅଂଶଗ୍ରହଣ କରିବେ। ଭାରତର ଉଭୟ ସିନିଅର ଓ ଜୁନିଅର ଦଳ ଏଥିରେ ଭାଗନେବ। ଓଡ଼ିଶାର ସୁନାମଧନ୍ୟ ଚେସ୍ ଖେଳାଳି ତଥା ପ୍ରଶିକ୍ଷକ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ଏକ ବଡ଼ ଦାୟିତ୍ୱ ଦିଆଯାଇଛି। ସତ୍ୟପ୍ରଜ୍ଞ ପ୍ରଶିକ୍ଷକ ଭାବେ ଭାରତୀୟ ଦଳ ସହ କଲମ୍ବୋ ଗସ୍ତ କରିବେ। ମୃଣାଳିନୀ କୁନ୍ତେଙ୍କୁ ସହଯୋଗୀ କୋଚ୍ ଦାୟିତ୍ୱ ଦିଆଯାଇଛି। ସେହିଭଳି ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ୧୦ ବର୍ଷରୁ କମ୍ ବର୍ଗରେ ଖେଳିବା ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି। ପ୍ରକାଶଯୋଗ୍ୟ ଓଡ଼ିଶାରେ ଚେସର ବିକାଶ କ୍ଷେତ୍ରରେ ସତ୍ୟପ୍ରଜ୍ଞ ବିଶେଷ ଭୂମିକା ତୁଲାଉଛନ୍ତି। ରାଜ୍ୟ ସରକାରଙ୍କ ଚେସ୍ ଏକାଡେମୀ ପ୍ରୋ-ଚେଷ୍ଟା'ରେ ସତ୍ୟପ୍ରଜ୍ଞ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି।



## କିଟ୍‌ରେ ଜାତୀୟ ମହିଳା ଭଲିବଲ୍ ଦଳର ଚୟନ ଶିବିର



ଭୁବନେଶ୍ୱର, ୧୩।୫ (ସମିସ): ଭାରତୀୟ ସିନିଅର ମହିଳା ଭଲିବଲ୍ ଦଳର ଚୟନ ଶିବିର ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଓ ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ୨ ଦିନ ଧରି ଚାଲିବ। ସାରା ଦେଶରୁ ୧୦୦ଜଣ ପ୍ରତିଭାବାନ ମହିଳା ଭଲିବଲ୍ ଖେଳାଳି ଏହି ଚୟନ ଶିବିରରେ ଯୋଗଦେଇଛନ୍ତି। ଏଥିରୁ ଶ୍ରେଷ୍ଠ-୨୦ଜଣ ଖେଳାଳିଙ୍କୁ ଜାତୀୟ କ୍ୟାମ୍ପ ଲାଗି ମନୋନୀତ କରାଯିବ। ଏହି କ୍ୟାମ୍ପ ମେ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ସମାନ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ସପ୍ତାହେ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା କ୍ୟାମ୍ପ ଶେଷ ପରେ ଭାରତୀୟ ଦଳ ଲାଗି ୧୪ ଜଣିଆ ଦଳ ମନୋନୀତ କରାଯିବ। ଏହି ଦଳ ମେ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ କାଠମାଣ୍ଡୁରେ ଅନୁଷ୍ଠିତ ହେବାକୁ ଥିବା କାଭା ମହିଳା ଚାମ୍ପିଅନସିପ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି। ଓଡ଼ିଶା ଭଲିବଲ୍ ସଂଘର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## ଅନିକେତ, ଶାହାଜାଦଙ୍କ ଶତକ



ଭୁବନେଶ୍ୱର, ୧୩।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ବୁଧବାର ୯ଟି ମ୍ୟାଚ୍ ଖେଳାଯାଇଥିଲା। ବୁଧବାର ଦୁଇଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଭୁବନେଶ୍ୱର ରେଲୱେ ଗ୍ରାଉଣ୍ଡରେ ଶାହାଜାଦ ଖାନ (୧୨୬)ଙ୍କ ଶତକ ବଳରେ କେନ୍ଦ୍ରାପଡ଼ା ୧୨୭ ରନରେ ବୌଦ୍ଧକୁ ପରାସ୍ତ କରିଛି। ସେହିଭଳି ଅନିକେତ୍ ଧୀର (୧୨୧ ରନ)ଙ୍କ ଶତକ ସହାୟତାରେ ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଯାଜପୁର ୧୪୯ ରନରେ ରାୟଗଡ଼ାକୁ ହରାଇଦେଇଛି। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି ୬୧ ରନରେ ପାରାଦୀପକୁ, ନୟାଗଡ଼ ୮ ୱିକେଟରେ କଳାହାଣ୍ଡିକୁ, ସମ୍ବଲପୁର-ଏ ୬ ୱିକେଟରେ ଗଜପତିକୁ, ସୁନ୍ଦରଗଡ଼ ୫ ୱିକେଟରେ ସମ୍ବଲପୁରକୁ, କନ୍ଧମାଳ ୩୬ ରନରେ ନବରଙ୍ଗପୁରକୁ, କିଟ୍ ୩ ୱିକେଟରେ କଟକ-ବି'କୁ ଏବଂ ରାଉରକେଲାଶ ୬୯ ରନରେ ଦେଓଗଡ଼କୁ ପରାସ୍ତ କରିଛି। କିଟର ଓମକାର ତ୍ରିପାଠୀ (୨୧ ରନ ଓ ୩ ୱିକେଟ), ସୁନ୍ଦରଗଡ଼ର ସଞ୍ଜୀବ ବଡ଼ାଇବ (୬ ରନରେ ୪ଟି ୱିକେଟ), ସମ୍ବଲପୁର-ଏ'ର ପ୍ରିନ୍ସର ମେହେର (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।


## ଚୁକ୍ତି ନବୀକରଣ ନ ହେବାରୁ ଶ୍ରୀଜେଶଙ୍କ କ୍ଷୋଭ

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି)

ଭାରତୀୟ ଜୁନିଅର ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପିଆର ଶ୍ରୀଜେସଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି ନ କରିବା ଲାଗି ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ଯାହାକୁ ନେଇ ୨୦୨୦ ଓ ୨୦୨୪ରେ ଅଲିମ୍ପିକ୍ସରେ ପଦକ ଜିତିଥିବା ଷ୍ଟାର୍ ଖେଳାଳି ଶ୍ରୀଜେଶ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀଜେସ ବୁଧବାର ସାମାଜିକ ଗଣମାଧ୍ୟମରେ ଏକ ଲମ୍ବା ଲେଖା ପୋଷ୍ଟ କରି ହକି ଇଣ୍ଡିଆ ଉପରେ ବର୍ଷିଛନ୍ତି। ଶ୍ରୀଜେଶ ଏଥିରେ ଲେଖିଛନ୍ତି ଯେ "ଏପରି ଲାଗୁଛି ଯେ ମୋର ପ୍ରଶିକ୍ଷକ କ୍ୟାରିୟର ଦେଢ଼ ବର୍ଷ ପରେ ଶେଷ ହେଉଛି। ଏହି ସମୟ ମଧ୍ୟରେ ଆମେ ୫ଟି ଟୁର୍ଣ୍ଣାମେଣ୍ଟ ଖେଳିଥିଲୁ ଏବଂ ୫ଟି ପୋଡିୟମ ଫିନିଶ ପାଇଥିଲୁ। ଯେଉଁଥିରେ ଜୁନିଅର ବିଶ୍ୱକପ୍ କାଂସ୍ୟ ପଦକ ମଧ୍ୟ ସାମିଲ ଥିଲା। ଖରାପ ପ୍ରଦର୍ଶନ ପରେ ପ୍ରଶିକ୍ଷକମାନଙ୍କୁ ବହିଷ୍କାର କରାଯିବା ବିଷୟରେ ଶୁଣିଛି। କିନ୍ତୁ ଏହା ପ୍ରଥମଥର ପାଇଁ ମୁଁ ଅନୁଭବ କରୁଛି ଯେ ଜଣେ ବିଦେଶୀ ପ୍ରଶିକ୍ଷକଙ୍କ ପାଇଁ ସ୍ଥାନ ପ୍ରସ୍ତୁତ କରିବା ଲାଗି ମୋତେ ହଟାଇ ଦିଆଯାଉଛି। କ'ଣ ଘରୋଇ ପ୍ରଶିକ୍ଷକମାନେ ଭାରତୀୟ ହକିକୁ ବିକଶିତ କରିପାରିବେ ନାହିଁ ବୋଲି ଶ୍ରୀଜେସ ପ୍ରଶ୍ନ କରିଛନ୍ତି। ଶ୍ରୀଜେଶ ଆହୁରି ମଧ୍ୟ କହିଛନ୍ତି ଯେ ହକି ଇଣ୍ଡିଆ ସଭାପତି ମୋତେ କହିଥିଲେ ଯେ କ୍ରେଗ୍ ଫୁଲଟନ୍ ଜଣେ ବିଦେଶୀ ପ୍ରଶିକ୍ଷକଙ୍କୁ ପସନ୍ଦ କରନ୍ତି। କାରଣ ଏହା ଜୁନିଅର ଏବଂ ସିନିଅର ଦଳ ମଧ୍ୟରେ ସମନ୍ୱୟ ଏବଂ ବିକାଶ କରିବାରେ ସାହାଯ୍ୟ କରିବ।

### ହକି ଇଣ୍ଡିଆର ସ୍ପଷ୍ଟୀକରଣ

ଅପରପକ୍ଷରେ ଶ୍ରୀଜେଶଙ୍କ ଅଭିଯୋଗକୁ ହକି ଇଣ୍ଡିଆ ପକ୍ଷରୁ ଖଣ୍ଡନ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଶ୍ରୀଜେଶଙ୍କୁ ବରଖାସ୍ତ କରାଯାଇ ନାହିଁ। ତାଙ୍କର କୋଚିଂ ଚୁକ୍ତି ଡିସେମ୍ବର ୨୦୨୫ରେ ଶେଷ ହୋଇଥିଲା। ନିୟମ ଅନୁଯାୟୀ ନୂଆ କୋଚ୍ ପାଇଁ ବିଜ୍ଞାପନ ଦିଆଯାଇଥିଲା। ମେଧା ଆଧାରରେ ଚୟନ କରାଯାଇଛି। ଶ୍ରୀଜେଶଙ୍କୁ 'ଡେଭଲପମେଣ୍ଟ ଟିମ୍'ର କୋଚ୍ ଭାବେ କାମ କରିବାକୁ ପ୍ରସ୍ତାବ୍ ଦିଆଯାଇଥିଲା। ଏହି ପଦବୀ ଗ୍ରହଣ କରିବାକୁ ମନା କରିଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS